R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୮୪
ତିଥି : ସପ୍ତମୀ
୦୯ ଏପ୍ରିଲ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 184
09 April 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



Government of Bharat
'ନାରୀ ଶକ୍ତି ବନ୍ଦନ' ପ୍ରତି ସମର୍ପିତ
#NariShaktiVandan
CBC 22201/13/0005/2627
ଏବେ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩% ମହିଳା ସଂରକ୍ଷଣ, ରାଷ୍ଟ୍ର ନିର୍ମାଣରେ ନାରୀ ଶକ୍ତିଙ୍କ ଭାଗିଦାରୀ ହେଉଛି ସୁନିଶ୍ଚିତ

ସେନାବାହିନୀରେ ଝିଅମାନଙ୍କୁ ସ୍ଥାୟୀ କମିଶନ୍
ଭାରତରେ ୪୮% ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍‌ରେ ଅତି କମରେ ଜଣେ ମହିଳା ନିର୍ଦ୍ଦେଶକ


## ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସାମୟିକ ଆଶ୍ୱସ୍ତି

# ଦୁଇ ସପ୍ତାହ ଲାଗି ଯୁଦ୍ଧ ବିରତି



ନୂଆଦିଲ୍ଲୀ, ୮।୪ : ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସାମୟିକ ଆଶ୍ୱସ୍ତି ମିଳିଛି। ଦୁଇ ସପ୍ତାହ ଲାଗି ଆମେରିକା, ଇସ୍ରାଏଲ ଓ ଇରାନ ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି। ଏହି ବିରତି ଅବଧି ମଧ୍ୟରେ ଉଭୟ ଦେଶ ମଧ୍ୟରେ ଆଲୋଚନା ହେବ। ଶୁକ୍ରବାର ଏହି ଆଲୋଚନା ହୋଇପାରେ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଯୁଦ୍ଧ ବିରତିର ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଇରାନର ତୈଳ ଡିପୋକୁ ଆକ୍ରମଣ କରି ଧ୍ୱଂସ କରିଦିଆଯାଇଛି। ଇରାନ ପକ୍ଷରୁ ମଧ୍ୟ ପାଲଟା ଜବାବ ଦିଆଯାଇଛି।

ପାକିସ୍ତାନର ମଧ୍ୟସ୍ଥତାରେ ଇରାନ ପକ୍ଷରୁ ଦିଆଯାଇଥିବା ୧୦ ସୂତ୍ରୀ ପ୍ରସ୍ତାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଜି ହୋଇଛନ୍ତି। ଇରାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପାଇଁ ଘୋଷଣା କରିଥିବା ଟ୍ରମ୍ପ ଶେଷ ମୁହୂର୍ତ୍ତରେ ଏହି ଯୁଦ୍ଧ ବିରତିରେ ମୋହର ମାରିଛନ୍ତି। ତେବେ ଆମେରିକା ଯେଉଁ ୧୫ ସୂତ୍ରୀ ପ୍ରସ୍ତାବ ଦେଇଥିଲା ତାହା ଉପରେ କ'ଣ ନିଷ୍ପତ୍ତି ହୋଇଛି ତାହା ଜଣାପଡ଼ିନାହିଁ। ତେବେ ୟୁରାନିୟମ୍‌କୁ ନେଇ କୌଣସି ଆଲୋଚନା ହେବ ନାହିଁ ବୋଲି କୁହାଯାଉଛି। ଏହି ଯୁଦ୍ଧ ବିରତି ଅବଧି ମଧ୍ୟରେ ଇରାନ ହରମୁଜ୍ ପ୍ରଣାଳୀକୁ ଖୋଲିବ ବୋଲି ଜଣାପଡ଼ିଛି। ତେବେ ଏଥିପାଇଁ ଶୁଳ୍କ ଆଦାୟ କରାଯିବ। ଇରାନ ଓ ଓମାନ ଏହି ଶୁଳ୍କ ଭାଗବାଣ୍ଟି ନେବେ। ହରମୁଜ୍ ପ୍ରଣାଳୀରୁ ଆଦାୟ ହେବାକୁ ଥିବା ଶୁଳ୍କରୁ ଇରାନର ପୁନର୍ଗଠନ କରାଯିବ। ଯୁଦ୍ଧରେ ଯେଉଁ କ୍ଷୟକ୍ଷତି ହୋଇଛି ତାହାକୁ ଭରଣା କରାଯିବ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହେବାଜ୍ ସରିଫ ଇରାନ ଓ ଆମେରିକା ମଧ୍ୟରେ ହୋଇଥିବା ଯୁଦ୍ଧ ବିରତି ନେଇ ସୋସିଆଲ ମିଡ଼ିଆ ଏକ୍ସରେ ଘୋଷଣା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଉଭୟ ପକ୍ଷ ଏଥିରେ ରାଜି ହୋଇଛନ୍ତି। ଲେବାନନ, ଇସ୍ରାଏଲ ମଧ୍ୟ ଏଥିରେ ସମ୍ମତି ଦେଇଛନ୍ତି। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇରାନର ୧୦ ସୂତ୍ରୀ ପ୍ରସ୍ତାବ କିମ୍ବା ଆମେରିକାର ୧୫ ସୂତ୍ରୀ ପ୍ରସ୍ତାବ ନେଇ କୌଣସି ମତ ରଖିନାହାନ୍ତି। ତେବେ ପୁନର୍ଗଠନ ଓ ଇରାନ ଉପରେ ଲଗାଯାଇଥିବା କଟକଣା ହଟାଇବା ନେଇ ଆଲୋଚନା ହେବ। ତେବେ ୟୁରାନିୟମ୍‌କୁ ନେଇ କୌଣସି ଚୁକ୍ତି ହେବନାହିଁ। ସୋସିଆଲ ମିଡିଆରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ଆମେରିକା ସେନା ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖିବ। ଇତି ମଧ୍ୟରେ ହରମୁଜ୍ ପ୍ରଣାଳୀକୁ ନିରାପଦ ଭାବେ ଖୋଲାଯିବ। ଦୀର୍ଘକାଳୀନ ଶାନ୍ତି ପାଇଁ ଆମେ ଇରାନ ସହ ଚୁକ୍ତି କରିବୁ। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହେବ। ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଆଲୋଚନା ଜରିଆରେ ସମାଧାନ ହେବ। ଇସ୍ରାଏଲ ସୂତ୍ରରୁ ଜଣାପଡ଼ିଛି (୯ ପୃଷ୍ଠାରେ)

- ➤ ପାକ୍ ମଧ୍ୟସ୍ଥତାରେ ରାଜିହେଲେ ଇରାନ, ଆମେରିକା
- ➤ ଯୁଦ୍ଧ ବିରତି ସତ୍ତ୍ୱେ ବି ଇରାନର ତୈଳ ବିଶୋଧନାଗାରରେ ଆକ୍ରମଣ
- ➤ ଶୁକ୍ରବାର ଇରାନ-ଆମେରିକା ଆଲୋଚନା !
- ➤ ଯୁଦ୍ଧ ବିରତିକୁ ଭାରତର ସ୍ୱାଗତ

# ରତ୍ନଭଣ୍ଡାରରେ ଗଣତି-ମଣତି ଆରମ୍ଭ

ପୁରୀ, ୮।୪ (ସବ୍ୟୁ) : ବୁଧବାର ଦିନ ଠାରୁ କଡ଼ା ସୁରକ୍ଷା ମଧ୍ୟରେ ପୁନରାରମ୍ଭ ହୋଇଛି ଶ୍ରୀମନ୍ଦିର ରତ୍ନ ଭଣ୍ଡାରରେ (ବାହାର ରତ୍ନଭଣ୍ଡାର) ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା। ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳି ଆଧାରରେ ଗତ ୨୫ ମାର୍ଚ୍ଚ , ୨୦୨୬ ଧାର୍ଯ୍ୟ ଅପରାହ୍ନ ୧୨ ଟା ୦୯ ମିନିଟରେ ଶୁଭ ମୁହୂର୍ତ୍ତରେ ଚଳନ୍ତି ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ମୂଲ୍ୟବାନ ସାମଗ୍ରୀର କଡା ସୁରକ୍ଷା ମଧ୍ୟରେ ପବିତ୍ରତା ରକ୍ଷା ପୂର୍ବକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ଖୋଲାଯାଇ ଗଣତି କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା।

ବୁଧବାର ରତ୍ନଭଣ୍ଡାର ଅଳଙ୍କାର ଆଦିର ଗଣତି କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟ ମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷ ଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହେବାପରେ, ରତ୍ନଭଣ୍ଡାର ସମ୍ପର୍କିତ ତଥ୍ୟର ଗୋପନୀୟତା ରକ୍ଷା ସମ୍ପର୍କରେ ବିଶେଷ କରି ଗଣତି ପ୍ରକ୍ରିୟାରେ ନୂତନ ଭାବେ ସାମିଲ ହୋଇଥିବା ପ୍ରାଧିକୃତ ସଦସ୍ୟକୁ ମାନଙ୍କୁ ରତ୍ନଭଣ୍ଡାର ଗଣତି ପ୍ରକ୍ରିୟାରେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ କିପରି ଗୋପନୀୟତା ରକ୍ଷାପାଇଁ ଅଙ୍ଗୀକାରବଦ୍ଧ ହେବା ସେ ସମ୍ପର୍କରେ ସମ୍ୟକ ସୂଚନା ମୁଖ୍ୟ ପ୍ରଶାସକ ଦେବାପରେ ସମସ୍ତ ପ୍ରାଧିକୃତ ସଦସ୍ୟ ମାନେ ରତ୍ନଭଣ୍ଡାର ସମ୍ପର୍କିତ ତଥ୍ୟର ଗୋପନୀୟତା ରକ୍ଷା ପାଇଁ ଘୋଷଣାନାମା ଦେବାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ଼. ଅରବିନ୍ଦ ପାଢୀ ଏବଂ ରତ୍ନଭଣ୍ଡାର ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷଙ୍କ ନେତୃତ୍ୱରେ ଜିଲାପାଳ, ଆରକ୍ଷୀ ଅଧିକ୍ଷକ ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ, ରତ୍ନଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୦ ଟା ୫୦ ମିନିଟରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ୍ ସମସ୍ତ ସଦସ୍ୟ ବୃନ୍ଦ ପାରମ୍ପରିକ ପୋଷାକ ପରିଧାନ ପରେ ମୁଖ୍ୟ ପ୍ରଶାସକ ପ୍ରାଧିକୃତ୍ ସଦସ୍ୟ ବୃନ୍ଦଙ୍କୁ ରତ୍ନ ଭଣ୍ଡାର ଭିତରକୁ କୌଣସି ଧାତବ ଜିନିଷ ନିଜ ପାଖରେ (୯ ପୃଷ୍ଠାରେ)

# ମେ' ୫ରୁ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୮।୪ (ସବ୍ୟୁ): ଆସନ୍ତା ମେ' ୫ ତାରିଖରୁ ଆରମ୍ଭ ହେବ ସିପିଇଟି (କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ) ପ୍ରବେଶିକା ପରୀକ୍ଷା । ଏହା ମେ'୧୬ ତାରିଖ ପର୍ଯ୍ୟନ୍ତ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି) ପକ୍ଷରୁ ସିପିଇଟି ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ ହୋଇଛି । ସମୁଦାୟ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ହେବ ।

ପ୍ରତ୍ୟେକ ଦିନ ୨ଟି ସିଫଟରେ ପରୀକ୍ଷା ହେବ । ପ୍ରଥମ ସିଫଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପୂର୍ବାହ୍ନ ୧୦ଟାରୁ ୧୧.୪୦ଟା ପର୍ଯ୍ୟନ୍ତ ପରୀକ୍ଷା ଦେବେ । ସେହିପରି ଦ୍ୱିତୀୟ ସିଫଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ (୯ ପୃଷ୍ଠାରେ)

# ଆଉ ଦୁଇଦିନ କାଳବୈଶାଖୀ

ଭୁବନେଶ୍ୱର, ୮।୪ (ସବ୍ୟୁ): ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ କାଳବୈଶାଖୀ ବର୍ଷା ଜାରି ରହିଛି । ବୁଧବାର ପାରାଦୀପରେ ସର୍ବାଧିକ ୨୮ ମିମି ବର୍ଷା ହୋଇଥିବା ବେଳେ ପୁରୀରେ ୨୩ ମିମି ଓ ଭୁବନେଶ୍ୱରରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି । ଏହାସହ

## ୧୨ରୁ ପୁଣି ବଢ଼ିବ ତାତି

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି । ତେବେ ୧୨ ତାରିଖରୁ ବର୍ଷାରେ ଲାଗି ବ୍ରେକ୍ । ପୁଣି ତାତି ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ଆସନ୍ତାକାଲି (ଗୁରୁବାର) କାଳବୈଶାଖୀ ବର୍ଷାର ପ୍ରଭାବ ରହିବ । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାରେ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଝଡ଼ତୋଫାନ ସହିତ ସ୍ଥାନେ ସ୍ଥାନେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିପାରେ । ସେହିପରି ରାୟଗଡ଼ା, କୋରାପୁଟ, ମାଲକାନଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ କାଳବୈଶାଖୀ ବର୍ଷାର ପ୍ରଭାବ ରହିବ । ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

ତେବେ ୧୧ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ । ପୁଣି ତାତି ଲେଉଟିବ । ଆର୍ଦ୍ରତା ସାଙ୍ଗକୁ ଗରମ ଅନୁଭୂତ ହେବ । ୧୨ ତାରିଖରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ (୯ ପୃଷ୍ଠାରେ)

## ଭୂଇଁପୁରରେ ୪୦ ହଜାର କୋଟି ନିବେଶରେ ୩୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

# ଓଡ଼ିଶା ଏବେ ସମୃଦ୍ଧିର ସ୍ୱର୍ଶ ଅନୁଭବ କରୁଛି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର/ବୋଲଗଡ, ୮।୪ (ସବ୍ୟୁ) : ଶିଳ୍ପ ଅଭିବୃଦ୍ଧି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୪୦, ୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ ଗୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ୧୧ ଟି ପ୍ରକଳ୍ପର ଉଦ୍ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ୱର୍ଶ ଅନୁଭବ କରୁଛି।

ସୂଚନାଯୋଗ୍ୟଯେ, ଏହି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ , ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ।

ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମୃଦ୍ଧ

## ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡଟେବୁଲ ବୈଠକ

ଓଡିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ନୂତନ କିନ୍ତୁ ଗୁରୁତପୂର୍ଣ୍ଣ ଫର୍ଦ୍ଦ ଯୋଡି ହୋଇଗଲା। ବର୍ତ୍ତମାନ ଓଡିଶାରେ ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ। ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ (୯ ପୃଷ୍ଠାରେ)

# ଅପହଞ୍ଚ ଇଲାକାରେ ବଢୁଛି ବାଲ୍ୟ ବିବାହ

ଭୁବନେଶ୍ୱର, ୮।୪
**ସତ୍ୟ ସୁନ୍ଦର ଭଞ୍ଜ**



ବାଲ୍ୟ ବିବାହ ଏକ ଗୁରୁତର ସାମାଜିକ ସମସ୍ୟା, ଯାହା କେବଳ ଜଣେ ବ୍ୟକ୍ତିଙ୍କ ଜୀବନକୁ ନୁହେଁ, ସମଗ୍ର ସମାଜର ପ୍ରଗତିକୁ ବି ପ୍ରଭାବିତ କରେ । ଆଇନ ଅନୁସାରେ ୧୮ ବର୍ଷରୁ କମ ବୟସର ଝିଅ ଓ ୨୧ ବର୍ଷରୁ କମ ବୟସର ପୁଅଙ୍କ ବିବାହକୁ ବାଲ୍ୟ ବିବାହ କୁହାଯାଏ । ଦେଶରେ ବିଭିନ୍ନ ଆଇନ ରହିଥିଲେ ମଧ୍ୟ ଓଡିଶାର ଅନେକ ଗ୍ରାମ ଓ ପଛୁଆ ଅଞ୍ଚଳରେ ଏହି ପ୍ରଥା ଏଯାବତ୍ ଚାଲୁ ରହିଛି । ଓଡିଶା ଏକ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ରାଜ୍ୟ ହୋଇଥିଲେ ହେଁ ଅନେକ ଜିଲ୍ଲାରେ ଦାରିଦ୍ରତା, ଅଶିକ୍ଷା, ସାମାଜିକ ଅନ୍ଧବିଶ୍ୱାସ ଓ ଜନଜାତି ଓ ଆଦିମ ଜନଜାତି ଅଞ୍ଚଳର ପଛୁଆ ଆର୍ଥିକ ଓ ସାମାଜିକ ପରିସ୍ଥିତି ବାଲ୍ୟ ବିବାହକୁ ବଢ଼ାଇ ଦେଉଛି । ବିଶେଷକରି ଆଦିବାସୀ ଅଧ୍ୟୁଷିତ ମୟୁରଭଞ୍ଜ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ, ଗଜପତି ଇତ୍ୟାଦି ଜିଲ୍ଲାରେ ଶିଶୁ ବିବାହ ଅଧିକ ଦେଖାଯାଏ । ଓଡିଶାରେ ବାଲ୍ୟ ବିବାହର ହାର ଦେଶର କିଛି ବିକଶିତ ରାଜ୍ୟ ତୁଳନାରେ କମ ହୋଇଥିଲେ ମଧ୍ୟ ଗ୍ରାମୀଣ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୁରୁତର ସମସ୍ୟା ସୃଷ୍ଟି କରିଛି।

ବିଭିନ୍ନ ସର୍ବେକ୍ଷଣ ଅନୁସାରେ ଓଡିଶାରେ ପ୍ରାୟ ୨୦% ଝିଅଙ୍କ ବିବାହ ୧୮ ବର୍ଷ ପୂର୍ବରୁ ହୋଇଯାଉଛି । ବାଲ୍ୟ ବିବାହ ଅଧିକ ଦେଖାଯାଉଥିବା ଅଞ୍ଚଳ ଗୁଡ଼ିକମଧ୍ୟରେ ମୟୁରଭଞ୍ଜ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ଗଜପତି, ବଲାଙ୍ଗିର କଳାହାଣ୍ଡି ରହିଛି । ଏହି ଅଞ୍ଚଳରେ ଅଧିକ ଦାରିଦ୍ରତା, ଅଶିକ୍ଷା ଓ ପାରମ୍ପରିକ ପ୍ରଥା ବାଲ୍ୟ ବିବାହକୁ ବଢ଼ାଇ ଦେଉଛି । ଓଡିଶାରେ ବାଲ୍ୟ ବିବାହର କାରଣ ଗୁଡ଼ିକ ମଧ୍ୟରେ ଦାରିଦ୍ରତା ପ୍ରମୁଖ । ଦାରିଦ୍ରତା ବାଲ୍ୟ ବିବାହର ମୁଖ୍ୟ କାରଣ ବୋଲି ଏ ଦିଗରେ କାର୍ଯ୍ୟକରୁଥିବା ସାମାଜିକ କର୍ମିଙ୍କ ମତ ରହିଛି । ଗରିବ ପରିବାର ଝିଅକୁ ଶିକ୍ଷା ଦେବାରେ ଅସମର୍ଥ ହୋଇ ସେମାନେ କୋମଳ ବୟସରେ ବିବାହ କରିଦିଅନ୍ତି । ଝିଅକୁ ପରିବାରର ବୋଝ ଭାବି ସେମାନେ ପ୍ରାୟତଃ ବିବାହ କରିଦେଇଥାଆନ୍ତି ବୋଲି ମତ ରହିଛି ।

ସେହିପରି ବାଲ୍ୟ ବିବାହର ଅନ୍ୟତମ ପ୍ରମୁଖ କାରଣ ମଧ୍ୟରେ ଅଶିକ୍ଷା ରହିଛି । ଯେଉଁଠି / ଯେଉଁ ଅଞ୍ଚଳରେ ଶିକ୍ଷାର ହାର କମ, (୯ ପୃଷ୍ଠାରେ)

# ନିଯୁକ୍ତ ହେବେ ୧୩୬୩ କନିଷ୍ଠ ରାଜସ୍ୱ ସହକାରୀ

ଭୁବନେଶ୍ୱର, ୮।୪ (ସବ୍ୟୁ) : ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୩୬୩ ଜୁନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ ପଦବୀକୁ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୂରଣ କରିବାକୁ ସ୍ୱୀକୃତି ମିଳିଛି। ଏହି ନିଯୁକ୍ତି ନିମନ୍ତେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକରେ ଉକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ଏହି ପଦବୀଗୁଡ଼ିକୁ ରାଜ୍ୟର ୩୦ଟି ଜିଲ୍ଲାରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବ।

ଜିଲ୍ଲା ଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ (୯ ପୃଷ୍ଠାରେ)

# ଭିଜିଲାନ୍ସ ଜାଲରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ



ଭୁବନେଶ୍ୱର, ୮।୪ (ସବ୍ୟୁ) : ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ କେନ୍ଦ୍ରୀୟ ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କ ଘରେ ଭିଜିଲାନ୍ସ ବୁଧବାର ଚଢାଉ କରୁଛି । ଏକ ସଙ୍ଗେ ୬ଟି ସ୍ଥାନରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଚଢାଉ କରାଯାଉଛି । ଚଢାଉ ଟିମ୍‌ରେ ୧୧ଜଣ ଡିଏସ୍‌ପି, ୯ ଇନ୍ସପେକଟର, ୮ଏଏସ୍‌ଆଇ ଓ ଅନ୍ୟ ସହଯୋଗୀ କର୍ମଚାରୀମାନେ ସାମିଲ ଅଛନ୍ତି ।

ଭୁବନେଶ୍ୱର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ ଲେନ୍-୮ରେ ଥିବା ତିନିମହଲା ଘରେ, ଯାଜପୁର ପୈତୃକ ଘରେ, ଢେଙ୍କାନାଳ ସମ୍ପର୍କୀୟଙ୍କ ଘରେ, ଭୁବନେଶ୍ୱର ଅଫିସ୍ ଚାମ୍ବର, ଢେଙ୍କାନାଳ ଭାପୁରଠାରେ ଥିବା ଫାର୍ମ ହାଉସ୍ ଓ ଦୁଇ ମହଲା ଘରେ ଚଢାଉ କରାଯିବା ସହ ତାଙ୍କ ନିକଟ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢାଉ କରାଯାଉଛି । ଏକ ସଙ୍ଗେ ଚଢାଉ କରାଯିବା ପରେ ୫ ପ୍ଲଟ୍, ୬.୨୩ଲକ୍ଷ ନଗଦ ଟଙ୍କା, ୬୦ଲକ୍ଷ ଜମାରାଶି, ଦୁଇଟି ଚାରିଚକିଆ, ସୁନାଗହଣା, ୧୩.୪୭ଲକ୍ଷର ବିମାନ ଟିକେଟ୍ ଠାବ ହୋଇଛି । ନଗଦ ଟଙ୍କା ଗୁଡିକ ବିଭିନ୍ନ ଖାମ୍‌ରୁ ମିଳିଥିବା ଭିଜିଲାନ୍ସ କହିଛି । ସେ ଖାମ୍ ଉପରେ ବିଭିନ୍ନ ପ୍ରୋଜେକଫ ସମ୍ପର୍କରେ ଲେଖାଥିବା ଭିଜିଲାନ୍ସ ଜାଣିବାକୁ ପାଇଛି । ଏହି ଖାମ୍ ଗୁଡିକରୁ ଭିଜିଲାନ୍ସ ସ୍ପଷ୍ଟ ହୋଇଥିଲା ଯେ, ସେ ନିୟମିତ ଭାବେ କିପରି ଲାଞ୍ଚ ନେଉଥିଲେ । (୯ ପୃଷ୍ଠାରେ)

## ଭୂତ ମନ୍ଦିର

ଉତ୍ତରାଖଣ୍ଡର ବାଗେଶ୍ୱର ଜିଲ୍ଲାସ୍ଥିତ କୌସାନୀ ସରକାରୀ ଇଣ୍ଟର କଲେଜରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ଅତୃପ୍ତ ଆତ୍ମାର ଶାନ୍ତି ପାଇଁ ସ୍କୁଲ ପରିସରରେ ଏକ ମନ୍ଦିର ନିର୍ମାଣ କରାଯାଇଛି । ସ୍ଥାନୀୟ



ଲୋକଙ୍କ କହିବା ଅନୁଯାୟୀ, ପ୍ରାୟ ୩୫ ବର୍ଷ ପୂର୍ବେ ସ୍କୁଲ ନିକଟରେ ଜଣେ ନେପାଳୀ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା ଏବଂ ସେବେଠାରୁ ତାଙ୍କ ଭୂତ ପିଲାମାନଙ୍କୁ ଭୟଭୀତ କରୁଥିବା ବିଶ୍ୱାସ କରାଯାଉଥିଲା । ଏହି ଭୟ ଦୂର କରିବା ପାଇଁ ସ୍କୁଲର ପ୍ରତ୍ୟେକ ପିଲାଙ୍କଠାରୁ ୧୦୦ ଟଙ୍କା ଲେଖାଏଁ ମୋଟ ୨୧,୮୦୦ ଟଙ୍କା ଚାନ୍ଦା ଆଦାୟ କରାଯାଇ ଏହି ମନ୍ଦିର ଗଢ଼ାଯାଇଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ ପରି ସମ୍ବେଦନଶୀଳ ସ୍ଥାନରେ ଏଭଳି ଅନ୍ଧବିଶ୍ୱାସଜନିତ କାର୍ଯ୍ୟ ଶିକ୍ଷାଦାନ ଏବଂ ସାମାଜିକ ପରିବେଶ ଉପରେ କୁପ୍ରଭାବ ପକାଉଥିବାରୁ ଏହାକୁ ନେଇ ଏବେ ସବୁଠି ଚର୍ଚ୍ଚା ଜୋର ଧରିଛି ।

## ସୋସିଆଲ କୋର୍ଟ

ରାଜପାଲ ଭାଇ ଆପଣ ୩୦ ବର୍ଷ ହେଲା ଇଣ୍ଡଷ୍ଟ୍ରିରେ କାମ କରୁଛନ୍ତି । ଆମେ ସବୁ ଆପଣଙ୍କୁ ଅନେକ ଥର ରିପିଟ କରିଛୁ କାରଣ ଆପଣ କାମ ଜାଣିଛନ୍ତି । ଆଗକୁ ଆପଣଙ୍କୁ ଅନେକ କାମ ମିଳିବ ଏହା ହିଁ ସତ୍ୟ ।



ସଲମାନ ଖାନ, ଅଭିନେତା



ସଲମାନ ଭାଇ ମୋର ୩୦ ବର୍ଷର କାମକୁ ଭଲପାଇବା ଦେଇଥିବାରୁ ଧନ୍ୟବାଦ । ଆପଣ ସବୁବେଳେ ମୋ ସହିତ ରହିଛନ୍ତି । ସବୁବେଳେ ନିଜ ଭାଇ ଭଳି ଆପଣ ମୋତେ ରାସ୍ତା ଦେଖାଇଛନ୍ତି, ଯେଉଁଥିପାଇଁ ମୁଁ ସବୁବେଳେ ଋଣୀ ।

ରାଜପାଲ ଯାଦବ, ଅଭିନେତା

ଜୀବନରେ ସମସ୍ତଙ୍କର ଖରାପ ସମୟ ଆସିଥାଏ । ତେବେ କାହାର ଖରାପ ସମୟର ମଜାକ ଉଡାଇବା ଭଲ ନୁହଁ । କାହାର ବ୍ୟକ୍ତିଗତ ଜୀବନକୁ ନେଇ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ।



ମିକା ସିଂ, ସିଙ୍ଗର

## ମାନସିକ ସମସ୍ୟାର କାରଣ 'ତୁଳନା'



ଆଜି କାଲିର ଯୁଗ ହେଲା ସୋସିଆଲ ମିଡିଆର ଯୁଗ । ସମସ୍ତେ ନିଜ ଜୀବନର ଛୋଟବଡ ଅନୁଭୂତିକୁ ସୋସିଆଲ ମିଡିଆରେ ଅପଲୋଡ କରି ମଜା ନେଉଛନ୍ତି । ତେବେ ଏଭଳି କିଛି ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ନିଜ ଜୀବନକୁ ସବୁବେଳେ ସୋସିଆଲ ମିଡିଆ ସହିତ ତୁଳନା କରିଥାଆନ୍ତି । ସୋସିଆଲ ମିଡିଆରେ ଅନ୍ୟର ସଫଳତା, ଛୁଟି କଟାଇବା କିମ୍ବା ସୁନ୍ଦର ଫଟୋ ଦେଖି ନିଜ ଜୀବନ ସହ ତୁଳନା କରିବା ଏକ ସାଧାରଣ ମାନସିକ ସମସ୍ୟାର ରୂପ ନେଇଛି । ଯାହାକୁ ମନୋବିଜ୍ଞାନ ଭାଷାରେ 'ସୋସିଆଲ କମ୍ପାରିଜନ ଥିଓରୀ' ବୋଲି କୁହାଯାଏ । ବିଶେଷଜ୍ଞ ମତରେ ଯେତେବେଳେ ଜଣେ ବ୍ୟକ୍ତି ନିଜକୁ ସବୁବେଳେ ସେଲିବ୍ରିଟି କିମ୍ବା ସଫଳ ଲୋକଙ୍କ ସହ ତୁଳନା କରି 'ଅପୱାର୍ଡ କମ୍ପାରିଜନ' କରେ, ସେତେବେଳେ ତା'ର ଆତ୍ମବିଶ୍ୱାସ କମିଯାଏ । ସୋସିଆଲ ମିଡିଆରେ ଲୋକେ କେବଳ ସେମାନଙ୍କର ଶ୍ରେଷ୍ଠ ମୁହୂର୍ତ୍ତଗୁଡ଼ିକୁ ହିଁ ପୋଷ୍ଟ କରନ୍ତି, ଯାହା ବାସ୍ତବ ଜୀବନଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ଏହି ପ୍ରକ୍ରିୟା ଜଣକୁ 'ଡୋପାମିନ ଲୁପ୍'ରେ ଛନ୍ଦି ଦେଇଥାଏ, ଯାହାଫଳରେ ବ୍ୟକ୍ତି ବାରମ୍ବାର ଅନ୍ୟର ପ୍ରୋଫାଇଲ ଷ୍ଟକ୍ କରେ ଏବଂ ଶେଷରେ ମାନସିକ ଅବସାଦ ଓ ଅନିଦ୍ରା ଭଳି ସମସ୍ୟାର ସମ୍ମୁଖୀନ ହୁଏ । ଏଥିରୁ ବର୍ତ୍ତିବା ପାଇଁ ବିଶେଷଜ୍ଞମାନେ ନିଜସ୍ୱ ମୂଲ୍ୟାଙ୍କନ କରିବାକୁ ପରାମର୍ଶ ଦେଇଛନ୍ତି । ସୋସିଆଲ ମିଡିଆର କୁପ୍ରଭାବକୁ ବୁଝି ନିଜ ଉପରେ ଗର୍ବ କରିବା ଓ ବାସ୍ତବ ଦୁନିଆରେ ବଞ୍ଚିବା ହିଁ ଏହି ସମସ୍ୟାର ସମାଧାନ । ତେବେ ଯଦି ଏହି ଲକ୍ଷଣ ଅଧିକ ରହିଛି ତେବେ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇପାରିବେ ।

## ଗୋଟିଏ ଅଣ୍ଡାର ମୂଲ୍ୟ ୨୫ ହଜାର



ବିଭିନ୍ନ ସମୟରେ ଭିନ୍ନଭିନ୍ନ ପ୍ରକାରର ନିଲାମୀ ଦେଖିବାକୁ ମିଳିଥାଏ, ଯେଉଁଗୁଡିକ ମାନବିକତା ଦୃଷ୍ଟିରୁ ଆୟୋଜନ କରାଯାଇଥାଏ । ସେହିଭଳି ଏକ ନିଲାମୀ ବର୍ତ୍ତମାନ ଖୁବ ଭାଇରାଲ ହେଉଛି । ସୂଚନା ଅନୁସାରେ ଲଦାଖର ଲେହ ଅଞ୍ଚଳରେ ଏହି ନିଆରା ନିଲାମୀ ଅନୁଷ୍ଠିତ ହୋଇଯାଇଛି, ଯେଉଁଠାରେ ମାତ୍ର ୧୦ ଟଙ୍କା ମୂଲ୍ୟର ଏକ ଅଣ୍ଡାକୁ ଶବ୍ବୀର ହୁସେନ ନାମକ ଜଣେ ବ୍ୟକ୍ତି ୨୫ ହଜାର ଟଙ୍କାରେ କିଣିଛନ୍ତି । ଇରାନ ଯୁଦ୍ଧରେ ପ୍ରଭାବିତ ହୋଇଥିବା ଶିଶୁ ଏବଂ ପରିବାରଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଅଞ୍ଜୁମନ ଇମାମିଆ ଏବଂ ମଜଲିସ-ଏ-ଉଲେମା ପକ୍ଷରୁ ଏହି ଦାନ ଅଭିଯାନ ଆୟୋଜିତ ହୋଇଥିଲା । ଏହି ନିଲାମୀରେ ଲୋକେ କେବଳ ସାମଗ୍ରୀ କିଣୁନଥିଲେ, ବରଂ ନିଜର ଭାବନା ଏବଂ ମାନବିକତାକୁ ଦାନ କରୁଥିଲେ । ସେହିଭଳି ପୂର୍ବରୁ କାରଗିଲରେ ମଧ୍ୟ ଏକ କୁକୁଡ଼ା ୧.୨୫ ଲକ୍ଷ ଟଙ୍କାରେ ଏବଂ ଏକ ଅଣ୍ଡା ୬ ହଜାର ଟଙ୍କାରେ ବିକ୍ରି ହୋଇଥିଲା । ଏହି ନିଲାମୀ ଅର୍ଥ କିଛି ବେରୋଜଗାର ବ୍ୟକ୍ତି ଓ ଛୋଟ ଶିଶୁଙ୍କ ମୁହଁରେ ହସ ଫୁଟାଇବାରେ ସାହାଯ୍ୟ କରିବ । ତେଣୁ ଏହି ନିଆରା ଅଭିଯାନ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଁଟୁଛି ।

## ଶାହାରୁଖଙ୍କ କମିଟ୍‌ମେଣ୍ଟ

ବଲିଉଡ୍ ବାଦଶାହା ଶାହରୁଖ୍ ଖାନ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଆଗାମୀ ଫିଲ୍ମ 'ଜେଲର ୨'ରେ କ୍ୟାମିଓ ରୋଲ୍ କରିବା ପ୍ରସ୍ତାବକୁ ରିଜେକ୍ଟ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଶାହରୁଖ୍ ବର୍ତ୍ତମାନ ନିଜର ବହୁ ପ୍ରତିକ୍ଷିତ ଫିଲ୍ମ 'କିଙ୍ଗ' ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ଚାହୁଁଛନ୍ତି । ଏହି ଫିଲ୍ମରେ ତାଙ୍କ ଝିଅ ସୁହାନା ଖାନ୍ ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି । ଜେଲର ୨ର ମେକର୍ସ ଚାହୁଁଥିଲେ କି ଶାହରୁଖ୍ ଏହି ଫିଲ୍ମ ପାଇଁ ୫ ଦିନର ସୁଟିଂ କରନ୍ତୁ, କିନ୍ତୁ 'କିଙ୍ଗ' ପୂର୍ବରୁ ସେ ନିଜର ଏକ୍ସକ୍ଲୁସିଭ୍ ଲୁକ୍‌କୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହୁଁନାହାନ୍ତି । 'ଜେଲର ୨' ଅଗଷ୍ଟ ୨୦୨୬ରେ ମୁକ୍ତିଲାଭ କରିବାକୁ ଥିବାବେଳେ 'କିଙ୍ଗ' ଡିସେମ୍ବର ୨୦୨୬ ପାଇଁ ସିଡ୍ୟୁଲ୍ ହୋଇଛି । ତେଣୁ ସମୟସୀମା ଏବଂ ନିଜ ପ୍ରୋଜେକ୍ଟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେ ରଜନୀକାନ୍ତଙ୍କୁ ନିଜର ଅସୁବିଧା ଜଣାଇଥିବାନେଇ ଆଲୋଚନା ହେଉଛି । ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'କିଙ୍ଗ'ରେ ଅଭିଷେକ ବଚ୍ଚନ, ଦୀପିକା ପାଡୁକୋନ ଏବଂ ଅନିଲ କପୁରଙ୍କ ଭଳି ବଡ଼ ଷ୍ଟାରକାଷ୍ଟ ନଜର ଆସିବେ, ଯାହାକୁ ନେଇ ଶାହରୁଖ୍ ବେଶ୍ ଆଶାବାଦୀ ଅଛନ୍ତି । କିଙ୍ଗ ଖାନଙ୍କର ନିଜ ଝିଅପାଇଁ ଥିବା କମିଟମେଣ୍ଟକୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚା ହେଉଛି ।



## ଶୁଆର ସମୁଦ୍ର ବୁଲା

ନର୍ଥ ଆମେରିକାର ବାହାମାସରେ ଜଣେ ବ୍ୟକ୍ତି ନିଜ ପୋଷା ଶୁଆକୁ ସମୁଦ୍ରର ଅନ୍ତରୀଣ ଦୁନିଆ ଦେଖାଇବା ପାଇଁ ଏକ ଅଭୁତ ଉଦ୍ଭାବନ କରି ଚର୍ଚ୍ଚାରେ ଅଛନ୍ତି । ସେ ନିଜ ହାତରେ ଏକ ଟ୍ରାନ୍ସପେରେଣ୍ଟ କଣ୍ଟେନର ସାହାଯ୍ୟରେ ଏକ କ୍ଷୁଦ୍ର ପନଡୁବି ବା ସବ୍‌ମେରିନ୍ ତିଆରି କରିଛନ୍ତି । ଯାହା ମଧ୍ୟରେ ଶୁଆଟି ଆରାମରେ ବସି ସମୁଦ୍ର ଭିତରର ଦୃଶ୍ୟ ଉପଭୋଗ କରିପାରୁଛି । ପକ୍ଷୀର ସୁରକ୍ଷା ପାଇଁ ଏହି ସବମରିନରେ ଏୟାର ପାଇପ୍, ସ୍ୱତନ୍ତ୍ର ଭାଲ୍‌ଭ ଏବଂ ଅକ୍ସିଜେନ ସିଷ୍ଟମ ଲଗାଯାଇଛି, ଯାହାଫଳରେ ଭିତରେ ପକ୍ଷୀଟିର କୌଣସି ସମସ୍ୟା ହେବ ନାହିଁ । ସମୁଦ୍ରକୁ ନେବା ପୂର୍ବରୁ ଏହି ଯନ୍ତ୍ରକୁ ଘରେ ଭଲଭାବେ ଟେଷ୍ଟ କରାଯାଇଥିବା ଜଣା ପଡିଛି । ଏହାପରେ ବାହାମାସର ଶାନ୍ତ ସମୁଦ୍ର ଜଳରେ ଏହାକୁ ବୁଡ଼ାଯାଇଥିଲା । ଉକ୍ତ ବ୍ୟକ୍ତିଙ୍କର ଏଭଳି ନିଆରା ଭଲପାଇବା ଏବଂ ତାଙ୍କର ଏହି କ୍ଷୁଦ୍ର ଉଦ୍ଭାବନ ବର୍ତ୍ତମାନ ସୋସିଆଲ ମିଡିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି । ସୋସିଆଲ ମିଡିଆରେ ଉଭୟ ମାଲିକ ଓ ଶୁଆ ଷ୍ଟାର ପାଲଟିଛନ୍ତି ।



## ନିଆରା ପ୍ରୟାସ

ରାଜସ୍ଥାନର ଜାଲୋର ସ୍ଥିତ ସିରେ ମନ୍ଦିରକୁ ଯାଇଥିବା ୮୦୦ ପାହାଚରେ ଓଲଟା ଟ୍ରାକ୍ଟର ଚଢ଼ାଇ ଏକ ଅଟୋମୋବାଇଲ୍ କମ୍ପାନୀ ଚର୍ଚ୍ଚାକୁ ଆସିଛି । ମନ୍ଦିରକୁ ସାମଗ୍ରୀ ପହଞ୍ଚାଇବା ଲକ୍ଷ୍ୟରେ କରାଯାଇଥିବା ଏହି ପରୀକ୍ଷଣରେ ସନ୍ତୁଳନ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରାକ୍ଟରକୁ ରିଭର୍ସ ଗିୟରରେ ଉପରକୁ ନିଆଯାଇଥିଲା । ଏହି ପରୀକ୍ଷଣ ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା, ଯେଉଁଥିରେ ପ୍ରଥମେ ଖାଲି ଟ୍ରାକ୍ଟର ଏବଂ ପରେ ପ୍ରାୟ ୧୮୦୦ କିଲୋଗ୍ରାମ ଓଜନ ଲଦାଯାଇ ସଫଳତାର ସହ



ଓଲଟା ପାହାଚ ଚଢ଼ାଯାଇଥିଲା । ସାଧାରଣତଃ ଜଣେ ଶ୍ରଦ୍ଧାଳୁଙ୍କୁ ପାଦଦେଶରୁ ମନ୍ଦିର ପର୍ଯ୍ୟନ୍ତ ଏହି ୮୦୦ ପାହାଚ ଚଢ଼ିବାକୁ ଦେଢ଼ ଘଣ୍ଟା ସମୟ ଲାଗୁଥିବା ବେଳେ, ଟ୍ରାକ୍ଟରଟି ମାତ୍ର ୪୦ ରୁ ୪୫ ମିନିଟ ମଧ୍ୟରେ ଏହି ଦୂରତା ଅତିକ୍ରମ କରିବାରେ ସଫଳ ହୋଇଛି । ତେବେ ଆଗକୁ ଏହାକୁ ସାମଗ୍ରୀ ବୋହିବା ରେ ଲଗାଯିବ । ହେଲେ ଏଥିରେ ଯାତ୍ରୀଙ୍କୁ ମନ୍ଦିର ଯିବାର ସୁଯୋଗ ମିଳିବ କି ନାହିଁ ସେ ନେଇ କୌଣସି ସୂଚନା ନାହିଁ ।

## ଇତିହାସ

୧୭୫୬- ବଙ୍ଗାଳର ନବାବ ଅଲ୍ଲୀ ବର୍ଦି ଖାନ୍‌ଙ୍କର ୮୦ ବର୍ଷରେ ନିଧନ ।

୧୯୫୭- ବ୍ୟବସାୟ ପାଇଁ ସୁଏଜ କେନାଲକୁ ପୁଣି ଖୋଲା ଯାଇଥିଲା ।

୧୯୫୯- ନାସା ପକ୍ଷରୁ ପ୍ରୋଜେକ୍ଟ ମରକ୍ୟୁରୀରେ ପ୍ରଥମ ଅନ୍ତରୀକ୍ଷ ଯାତ୍ରୀଙ୍କର ଘୋଷଣା କରାଯାଇଥିଲା ।

୧୯୬୩- ବ୍ରିଟିଶ ରାଜନେତା ସାର୍ ବିଷ୍ଟନ ଚର୍ଚ୍ଚିଲ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ ।

୧୯୬୫- ପଶ୍ଚିମ ଜର୍ମାନ ସଂସଦ ନାଜୀ ଯୁଦ୍ଧ ଅପରାଧ ଉପରେ ସୀମା ନିୟମକୁ ବଢ଼ାଇଥିଲେ ।



**ମେଷ:** ଦୂରଯାତ୍ରା, ଶୁଭଖବର, ଅନୁଷ୍ଠାନରୁ ଲାଭ, ବନ୍ଧୁମିଳନ, ପାରିବାରିକ ସହଯୋଗ, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ମାମଲା ସମାଧାନ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ଆର୍ଥିକ ଚିନ୍ତା, ଶରୀର ଅସୁସ୍ଥ,ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ସମାଚାର, କର୍ମକ୍ଷେତ୍ରେ ବିରୋଧ, ଆଶା ବିଫଳ, ବନ୍ଧୁମିଳନ, ନୂତନ କାର୍ଯ୍ୟରେ ଲାଭ, ବିଦ୍ୟାରେ ସଫଳତା, ଉତ୍ସବ ପ୍ରତି ଆସକ୍ତ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମା' ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନହାନି, ଅର୍ଥଚିନ୍ତା, କିଛି ମାମଲାରେ ପଡ଼ିପାରନ୍ତି, ନୂତନ ନିଯୁକ୍ତିରେ ବିଳମ୍ବ, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବନ୍ଧୁ ସାହାଯ୍ୟ ସମ୍ପତ୍ତି ଗଣ୍ଡଗୋଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଆର୍ଥିକ ଖୁସି, ଶୁଭଖବର, ନୂତନ କର୍ମରେ ଆନନ୍ଦ, ଦ୍ରବ୍ୟପ୍ରାପ୍ତି, ବିଦେଶଭ୍ରମଣ, ମାମଲା ସମାଧାନ, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମସ୍ୟା ସମାଧାନ, ଭୂସମ୍ପତ୍ତି ଲାଭ, ଆଶା ପୂର୍ଣ୍ଣ, ଅଶ୍ଲେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା-ଲକ୍ଷ୍ମୀନାରାୟଣ ।

**ସିଂହ:** ଦୂରଯାତ୍ରା, ଲୋକସମ୍ପର୍କରେ ଉନ୍ନତି, ଶତ୍ରୁ ସମସ୍ୟା, ଅର୍ଥଖର୍ଚ୍ଚ, ନୂତନ କର୍ମ ଆରମ୍ଭ, ଯାତ୍ରାରେ ସତର୍କ, ହେଉଥି ବା କାର୍ଯ୍ୟରେ ବିଳମ୍ବ, ଅନୁଷ୍ଠାନରୁ ଲାଭ, ବନ୍ଧୁଲାଭ, ଶରୀର ସୁସ୍ଥ, ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ନୂତନ ଆୟ, ମାମଲାରେ ବିଜୟ, ଆର୍ଥିକ ସୁଖ, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ସୁଖ, ଗୁରୁଜନେ ଖୁସି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ଯାନବାହନ କ୍ରୟ, ସ୍ୱାଦିଷ୍ଟ ଭୋଜନ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା- ଲକ୍ଷ୍ମୀନୃସିଂହ ।

**ତୁଳା:** ଚିନ୍ତା ବୃଦ୍ଧି, ଅର୍ଥ ସମସ୍ୟା, ପାରିବାରିକ ଅସନ୍ତୋଷ, ଆଶାରେ ବିଫଳ, ଶରୀର ସୁସ୍ଥ, ନୂତନ କର୍ମରେ ଖୁସି, ଦୂରଯାତ୍ରା, ବନ୍ଧୁ ସହାୟତା, ବିଦ୍ୟାରେ ସଫଳତା, ସନ୍ତାନ ସମସ୍ୟା, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସଫେଦ, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବନ୍ଧୁମିଳନ, ବ୍ୟବସାୟରେ ଲାଭ,ଶୁଭଖବର, ଅର୍ଥ ସମସ୍ୟା ସମାଧାନ, ପରିବହନ କ୍ଷେତ୍ରେ ଲାଭ, ବନ୍ଧୁଲାଭ, ପୁରୁଣା ମାମଲା ସମାଧାନ, ଅନୁଷ୍ଠାନରୁ ଲାଭ, ଭୂସମ୍ପତ୍ତି ଲାଭ, ଦ୍ରବ୍ୟଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବିଳମ୍ବ, ଅର୍ଥ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଆଶାରେ ବିଳମ୍ବ, ନୂତନ କାର୍ଯ୍ୟ ଆରମ୍ଭ, ମାମଲାରେ କଷ୍ଟ, ଦୂରଯାତ୍ରା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟ ସଫଳ, ନୂତନ ନିଯୁକ୍ତି, ଦୂରଯାତ୍ରା, ନୂତନ ବାଣିଜ୍ୟ ଲାଭ, ଦ୍ରବ୍ୟଲାଭ, ମାମଲା ସମାଧାନ, ଶୁଭଖବର, ଅନୁଷ୍ଠାନରୁ ଲାଭ, ସନ୍ତାନଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**କୁମ୍ଭ:** ନୂତନ ଆୟ, ଶତ୍ରୁ ପରାଜିତ, ଦ୍ରବ୍ୟଲାଭ, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବନ୍ଧୁଲାଭ, କାର୍ଯ୍ୟ ସଫଳ, ଦୂରଯାତ୍ରା, ଶୁଭ ସମାଚାର, ପୁରାତନ ମାମଲାରେ କଷ୍ଟ, ସମ୍ପତ୍ତି ବିବାଦ, ବ୍ୟବସାୟିକ ଖୁସି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**ମୀନ:** ବନ୍ଧୁ ସାହାଯ୍ୟ, ଉତ୍ସବ ପାଇଁ ଶୁଭ ଆଲୋଚନା, ବ୍ୟବସାୟରେ ମଧ୍ୟମ ଫଳ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ ଖୁସି, ଲୋକସମ୍ପର୍କ ବୃଦ୍ଧି, ତୀର୍ଥାଟନ, ଯାନବାହନେ ସତର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ମା' ଦକ୍ଷିଣକାଳୀ ।

ବୈଶାଖ କୃଷ୍ଣପକ୍ଷ, ସପ୍ତମୀ

୯.୪.୨୦୨୬ ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## କାନ୍ଧ କପ୍ ଅସ୍ତ୍ରୋପଚାରରେ ଡିବି ଗ୍ରାଫ୍ଟ ବ୍ୟବହାର

# ପୂର୍ବ ଭାରତରେ ପ୍ରଥମ ସ୍ଥାନ ଅଧିକାର କଲେ ଡାକ୍ତର ସାର୍ଥକ ପଟ୍ଟନାୟକ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରର ଡାକ୍ତର ସାର୍ଥକ ପଟ୍ଟନାୟକ ଓଡ଼ିଶାର ପ୍ରଥମ ସର୍ଜନ ଯିଏ ଡରମାଲ୍ ବାୟୋଲୋଜିକାଲ୍ (ଡିବି) ଇମ୍ପ୍ଲାଣ୍ଟ ବ୍ୟବହାର କରି ଜଣେ ୬୪ ବର୍ଷୀୟ ପୁରୁଷ ରୋଗୀଙ୍କ କାନ୍ଧରେ ନରମ ଟିସୁ ମରାମତି ପାଇଁ ଏକ ବିରଳ ଅସ୍ତ୍ରୋପଚାର ସଫଳ କରିଛନ୍ତି । ରୋଟା କଫ୍ ଆଘାତର ମରାମତି ପାଇଁ ମଙ୍ଗଳବାର ଭୁବନେଶ୍ୱରର ଏକ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର କରାଯାଇଥିଲା । ଅଧିକନ୍ତୁ, ପୂର୍ବ ଭାରତରେ ପ୍ରଥମ ଥର ପାଇଁ କାନ୍ଧ ଆଘାତ ଚିକିତ୍ସା ପାଇଁ ଏପରି ଇମ୍ପ୍ଲାଣ୍ଟ ବ୍ୟବହାର କରାଯାଇଥିଲା । ବିଶେଷଜ୍ଞଙ୍କ ଅନୁଯାୟୀ, କାନ୍ଧ କିମ୍ବା ରୋଟା କଫ୍ ଆଘାତର ସିଲାଇ ପାଇଁ ଗ୍ରାଫଫ ବ୍ୟବହାର କରିବା ବହୁତ ଚ୍ୟାଲେଞ୍ଜିଂ । ପ୍ରମୁଖ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ ହେଉଛି ଉପଯୁକ୍ତ ଗ୍ରାଫ୍ଟ କିମ୍ବା ଇମ୍ପ୍ଲାଣ୍ଟ ଚୟନ । ରୋଟେଟର୍ କଫ୍



ଟିଅରର ଅସ୍ତ୍ରୋପଚାର ମରାମତିର ଆଦର୍ଶ ପଦ୍ଧତି ନିର୍ଣ୍ଣୟ କରିବା ସମୟରେ ଟିସୁ ଗତିଶୀଳତା, ଗୁଣବତ୍ତା ଏବଂ ଟେନସନ୍ ହେଉଛି ଗୁରୁତ୍ୱପୂର୍ଣ୍ଣ ଦିଗ ଯାହାକୁ ଜଣେ ସର୍ଜନ ବିଚାର କରିବା ଆବଶ୍ୟକ ବୋଲି ଡାକ୍ତର ପଟ୍ଟନାୟକ ବ୍ୟାଖ୍ୟା କରିଥିଲେ । ଖରାପ ଟିସୁ ଗୁଣବତ୍ତା କ୍ଷେତ୍ରରେ, ଅତିରିକ୍ତ ଘନତା ପ୍ରଦାନ କରିବା ପାଇଁ ଗ୍ରାଫ୍ଟ ବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ । ପତଳା ଟିସୁ ଉଚ୍ଚ-ଟେନସାଇଲ୍ ଶକ୍ତି ସିଲେଇକୁ ଧରି ରଖିବାକୁ ସକ୍ଷମ ନ ହୋଇପାରେ, କିମ୍ବା, ଯଦିଓ ଟେଣ୍ଡନ୍ କିମ୍ବା ନରମ ଟିସୁ ମରାମତି କରେ, ଏହା ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ଆବଶ୍ୟକୀୟ ଶକ୍ତିକୁ ସହ୍ୟ କରିନପାରେ, ଯାହା ଫଳରେ ଛିଣ୍ଡିଯାଏ, ସେ ଅସ୍ତ୍ରୋପଚାର ପାଇଁ ବ୍ୟବହାର କରିଥିବା ଇମ୍ପ୍ଲାଣ୍ଟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ଏହି କ୍ଷେତ୍ରରେ ବ୍ୟବହୃତ ଇମ୍ପ୍ଲାଣ୍ଟ ହେଉଛି ଆର୍ଥରୋଫ୍ଲେକ୍ସ ଡରମାଲ୍ ପ୍ୟାଚ୍ । ଏହା ମାନବ ଟିସୁରୁ ଉତ୍ପନ୍ନ ହୋଇଛି । ଏହା ଏକ ଶକ୍ତିଶାଳୀ ଗ୍ରାଫ୍ଟ, ସିଲେଇ ପୁଲ୍-ଥ୍ରୁ ପ୍ରତିରୋଧୀ । ଏହା ହୋଷ୍ଟ ବଡି (ରୋଗୀ) ଦ୍ୱାରା ଅନ୍ତର୍ଭୁକ୍ତ, ପୁନଃଭାସ୍କୁଲାରାଇଜେସନ୍ ଏବଂ ପୁନଃସେଲୁଲାରାଇଜେସନ୍ ପାଇଁ ସକ୍ଷମ ବୋଲି ସେ କହିଥିଲେ । ଇମ୍ପ୍ଲାଣ୍ଟ ଏହାର ଡି ସେ ଲୁ ଲ । ର । ଇ ଜେ ସ ନ୍ ପ୍ରଯୁକ୍ତିବିଦ୍ୟା ପାଇଁ ଅନନ୍ୟ ଥିଲା ଯାହା ୯୭% ଡିଏନଏ ଅପସାରଣ ନିଶ୍ଚିତ କରେ । ଫଳସ୍ୱରୂପ, ଏକ ପ୍ରଦାହ ପ୍ରତିକ୍ରିୟାର ସମ୍ଭାବନା ବହୁ ପରିମାଣରେ ହ୍ରାସ ପାଇଛି । ଏହି ଉନ୍ନତି ଚ୍ୟାଲେଞ୍ଜିଂ ରୋଟେଟର୍ କଫ୍ ଆଘାତ ପରିଚାଳନାରେ ନୂତନ ସମ୍ଭାବନା ଖୋଲିଥାଏ, ଯାହା ରୋଗୀଙ୍କ ପାଇଁ ଉତ୍ତମ ଫଳାଫଳ ଏବଂ ଦ୍ରୁତ କାର୍ଯ୍ୟକ୍ଷମ ପୁନରୁଦ୍ଧାର ପ୍ରଦାନ କରିଥାଏ । ଏହାକୁ ସୁପିରିୟର କ୍ୟାପସୁଲ ପୁନଃନିର୍ମାଣ, ଆକିଲିସ୍ ଟେଣ୍ଡନ୍ ମରାମତି, ଦୂରବର୍ତ୍ତୀ ବାଇସେପ୍ ବୃଦ୍ଧି ଏବଂ ପେକେଫାରା ଏବଂ ପାଦ ଏବଂ ଗୋଡ଼ର ଟେଣ୍ଡନରେ ଆଘାତର ଚିକିତ୍ସା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ସେ କହିଛନ୍ତି ।ଇମ୍ପ୍ଲାଣ୍ଟ ବିଭିନ୍ନ ଆକାର ଏବଂ ଆକାରରେ ଆସିଥାଏ । ଡାକ୍ତର ପଟ୍ଟନାୟକ କହିଛନ୍ତି ଯେ ଯେଉଁ ରୋଗୀ ଆଘାତ ନେଇ ଆସିଥିଲେ ଏବଂ ପ୍ରତିବନ୍ଧିତ ଗତିବିଧି ସୃଷ୍ଟି କରିଥିଲେ, ସେ କିଛି ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି । ରୋଗୀ ସ୍ଥିର ଅଛନ୍ତି ଏବଂ ଅସ୍ତ୍ରୋପଚାର ପରେ ତାଙ୍କର ଅବସ୍ଥା ସ୍ୱାଭାବିକ ସ୍ତରକୁ ଆସୁଛି ବୋଲି ସେ କହିଛନ୍ତି ।

# ବିଜେଡି ସଂସଦୀୟ ଦଳ ନେତା ପଦରୁ ସସ୍ମିତ୍‌ଙ୍କ ଇସ୍ତଫା

ଭୁବନେଶ୍ୱର, (ସବ୍ୟୁ) : ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ୍ ପାତ୍ର ବିଜେଡି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ସେ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି । ନିକଟରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଜୁବାବୁଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ସେ ଏକ ଷ୍ଟାଣ୍ଡିଂ କମିଟିରୁ ଇସ୍ତଫା ଦେଇଥିଲେ । ଆଜି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି । ୨୦୨୨ ଜୁଲାଇରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ଭାବେ ନିଯୁକ୍ତି ମିଳିଥିଲା । ତେବେ ବରିଷ୍ଠ ନେତାଙ୍କୁ ଅଣଦେଖା କରାଯାଇ ସେତେବେଳେ ତାଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଉଥିଲା । ତେବେ ସଦ୍ୟସମାପ୍ତ ରାଜ୍ୟସଭା ନିର୍ବାଚନରେ ସଂନ୍ତୃପ୍ତ ମିଶ୍ର ଜିଣିଛନ୍ତି । ସେ ନବୀନ ପଟ୍ଟନାୟକଙ୍କର ରାଜନୈତିକ ସଚିବ ଦାୟିତ୍ୱରେ ଅଛନ୍ତି । ତାଙ୍କୁ ଏହି ପଦବୀ ମିଳିପାରେ ବୋଲି ଆଲୋଚନା ହେଉଛି । ତେବେ ହଠାତ୍ ସସ୍ମିତ୍



ତାଙ୍କ ଇସ୍ତଫାର କାରଣ ସମ୍ପର୍କରେ ଗଣମାଧ୍ୟମରେ କୌଣସି ସୂଚନା ଦେଇନାହାନ୍ତି ।

## ବିଏନଆଇ ସାଫାୟାରର ନୂତନ ନେତୃତ୍ୱଙ୍କ କାର୍ଯ୍ୟକାଳ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ବିଏନ ଆଇ (ବିଜିନେସ ନେଟୱର୍କ ଇଣ୍ଟରନ୍ୟାସନାଲ) ଚାପ୍ଟର ବିଏନ ଆଇ ସାଫାୟାରର ସାପ୍ତାହିକ ବୈଠକରେ ଏପ୍ରିଲ-ସେପ୍ଟେମ୍ବର ୨୦୨୬ ନିମନ୍ତେ ନୂତନ ନେତୃତ୍ୱଙ୍କ କାର୍ଯକାଳ ଆରମ୍ଭ ହୋଇଛି । ନୂତନ ନେତୃତ୍ୱକାରୀ ଟିମରେ ପ୍ରେସିଡେଣ୍ଟ ସନ୍ତୋଷ ସେନାପତି, ଭାଇସ୍ ପ୍ରେସିଡେଣ୍ଟ ଚୌଧୁରୀ ନିକେଶ କୁମାର ପାତ୍ର, ସେକ୍ରେଟାରୀ/ଟ୍ରେଜରର ପ୍ରୀତି ପ୍ରକାଶ ନାୟକ ଏବଂ ଲିଡ ଭିଜିଟର ହୋଷ୍ଟ ଡ.ସସ୍ମିତା ସାହୁ ରହିଛନ୍ତି । ବିଏନ ଆଇ ସାଫାୟାର "ଗିଭର୍ସ ଗେନ ' ଦର୍ଶନ ଜରିଆରେ ସେମାନଙ୍କର ବବସାୟରେ ବୃଦ୍ଧି ଘଟାଇବାକୁ ସହଯୋଗୀତା କରୁଥିବା ୫୭ ବ୍ୟବସାୟ ସଂସ୍ଥାର ମାଲିକ ଓ ଉଦୋଗୀଙ୍କୁ ସମ୍ପ୍ରତି ଏକତ୍ର କରୁଛି ।

## କଟକର ରାମଦାସପୁରରେ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ବ୍ୟାପକ ଶିଳ୍ପାୟନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶାରେ ନିଯୁକ୍ତି ପାଇଁ ଆଉ ମାଇଗ୍ରେସନ୍ ନ ହୋଇ, ରିଭର୍ସ ମାଇଗ୍ରେସନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବୁଧବାର କଟକ ଜିଲ୍ଲାର ରାମଦାସପୁର ଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫାକ୍ଚରିଂ ୟୁନିଟ୍‌ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି । ଏହି ପେଜ୍-ଇଣ୍ଡଷ୍ଟ୍ରିଜ୍‌ର ଆଉ ଗୋଟିଏ ୟୁନିଟ୍‌ର ଭୂଇଁପୁର ଠାରେ ଶିଳାନ୍ୟାସ କରାଯାଇଛି । ୨୫୮ କୋଟି ଟଙ୍କା ବିନିଯୋଗରେ ଏହାର ଭୂଇଁପୁର ୟୁନିଟ୍‌ରେ ୩୫୦୦ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ ଆଜି ଭୂଇଁପୁର ଠାରେ ମଧ୍ୟ ମାସ୍ ଇଣ୍ଡିଆ କ୍ଲୁଥ୍ ପ୍ରାଇଭେଟ୍ ଲିମିଟେଡ୍ ଟେକ୍ସଟାଇଲ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି । ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ । ଗତବର୍ଷ ଜୁଲାଇ ମାସରେ ଓଡ଼ିଶାରେ ଟେକ୍ସଟାଇଲ ସୀମିତ ହୋଇଥିଲା । ପ୍ରାୟ ୭୮୦୦ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଥିଲା । ଶିଳ୍ପ ଓ ନିଯୁକ୍ତି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ସରକାରଙ୍କ ଫୋକସ୍ ହେଉଛି କିପରି ଇଣ୍ଡଷ୍ଟ୍ରି ଜରିଆରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ,



ଇଣ୍ଡଷ୍ଟ୍ରି ଓଡ଼ିଶାର ଶିଳ୍ପ ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ୍ ସିନ୍ଧେ, ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଭି.ଏସ୍. ଗଣେଶ୍ ଓ କେ ଶ୍ରୀନିବାସନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ଏଲ୍‌ପିଜି କଳାବଜାରୀ ଧରପଗଡ଼, ୩୫୪୨ ସିଲିଣ୍ଡର ଜବତ

## ୩୨୩ ମାମଲା ରୁଜୁ, ୫ ଗିରଫ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଏଲପିଜି ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି । ମାତ୍ର ବିଭିନ୍ନ କାରଣ ଦର୍ଶାଇ କିଛି କଳାବଜାରୀ ଓ ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ ରଖିବା ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି । ଏହାକୁ ପ୍ରତିହତ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀମାନେ ଟିମ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଯାଞ୍ଚ କରୁଛନ୍ତି । ଏହି ଟିମଗୁଡିକ ଦୈନିକ ଭିତ୍ତିରେ



ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି । ପ୍ରତ୍ୟେକ ଜିଲ୍ଲାର ଯୋଗାଣ ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱବଧାନରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରୁଛନ୍ତି । ଏ ଦିଗରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଜି(ବୁଧବାର) ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଜିଲ୍ଲାର ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇଛି । ସେଥିମଧ୍ୟରୁ ୭୦୨ଟି ଗ୍ୟାସ ଏଜେନ୍ସି ଓ ୧୨୧୩ଟି ଅନ୍ୟ ସ୍ଥାନ ରହିଛି । ଏହି ସବୁ ସ୍ଥାନରୁ ୩୪୩୫ ସିଲିଣ୍ଡର ଜବତ କରାଯାଇଛି । ଏତଦବ୍ୟତୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ ମାମଲା ରୁଜୁ କରାଯିବା ସହ ଥାନାରେ ୨୩ଟି ଏଫଆଇଆର ଦାଖଲ କରାଯାଇଛି । ଏପରିକି କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଚ୍ଛିତ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି । ବୁଧବାର ସପ୍ଲାଇ ଅଫିସର, ପୋଲିସ, ଏଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ମିଳିତ ଭାବେ ଭୁବନେଶ୍ୱର ସାମନ୍ତରାପୁର ଅଞ୍ଚଳରେ ଥିବା ଏକ କାଠଗୋଲାରେ ଚଢାଉ କରି ୧୦୭ ସିଲିଣ୍ଡର ଜବତ କରିଛନ୍ତି । ସେଥିମଧ୍ୟରୁ ୭୮ ଟି ଘରୋଇ ସିଲିଣ୍ଡର ଥିବା ବେଳେ ୫ ଟି କମରସିଆଲ ସିଲିଣ୍ଡର ଓ ୨୪ ଟି ୫ କେଜିଆ ସିଲିଣ୍ଡର ଥିବା ସୂଚନା ମିଳିଛି । ଗ୍ୟାସ ସିଲିଣ୍ଡର ପାଇଁ ହାହାକାର ପଡିଥିବା ବେଳେ କାଠଗୋଲାରେ ବେଆଇନ ଭାବେ ସିଲିଣ୍ଡର ଗଚ୍ଛିତ ଥିବା ଖବର ପାଇ ଏହି ଚଢାଉ କରାଯାଇଥିଲା ।

## ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ମହାନ୍ତିଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ

ଚଣ୍ଡିଖୋଲ, (ସବ୍ୟୁ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜ୍ୟ କେନ୍ଦ୍ରୀୟ ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ମହାନ୍ତିଙ୍କ ବିଭିନ୍ନ ଠିକଣା ସହିତ ୬ଟି ସ୍ଥାନରେ ଏକସଙ୍ଗେ ଗତକାଲି ଠାରୁ ଭିଜିଲାନ୍ସ ଚଢ଼ାଉ ଯାରୀ ରହିଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ମହାନ୍ତିଙ୍କ ପୈତୃକ ଘର ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ସ୍ଥିତ ସୀହା ପଂଚାୟତର କୋଲାସିଂ ଗ୍ରାମରେ ମଧ ଭାଢ଼ାଉ ଯାରୀ ରହିଛି । ଦୀର୍ଘ ୬/୭ ଘଣ୍ଟା ଧରି ଭିଜିଲାନ୍ସ ଟିମ ତାଙ୍କ ଘରେ ଚଢ଼ାଉ କରିବା ସହ ଖାନତଲାସି ଚଳାଇଛନ୍ତି । ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗର ଜଣେ ଅତିରିକ୍ତ ଏସପି, ୧୧ଜଣ ଡ଼ିଏସପି, ୯ ଜଣ ଇନ୍ସପେକଟର, ୮ଜଣ ଏଏସଆଇଙ୍କ ସହିତ ବହୁ କର୍ମଚାରୀ କର୍ମଚାରୀ ସାମିଲ ହୋଇଛନ୍ତି । କୋଲ୍ହସିଂ ଘରେ ଶ୍ରୀ ମହାନ୍ତିଙ୍କର କେହି ରହୁ ନଥିବାରୁ ଭିଜିଲାନ୍ସ ଟିମ ତାଲା ଭାଙ୍ଗି ଘରେ ପଶି ମପାଚୁପା କରିବା ପରେ ଘରେ ରହିଥିବା ସମସ୍ତ ଆସବାବ ପତ୍ରର ଯାଞ୍ଚ କରିଥିଲେ । ତେବେ ଗପନିଅତା ଦୃଷ୍ଟିରୁ ଭିଜିଲାନ୍ସ ଟିମ ଅଧିକ ତଥ୍ୟ ଦେବାକୁ ଅନିଛା ପ୍ରକାଶ କରିଛନ୍ତି ।

# କଟକ ମହାନଗର ନିଗମ ନିର୍ବାଚିତ କାଉନ୍‌ସିଲକୁ ପୂରିଲା ୪ ବର୍ଷ

## ସରିଛି ୫୩ ଟି ପ୍ରକଳ୍ପ , ୯ ଟି ର କାର୍ଯ୍ୟ ଦ୍ରୁତ ଗତିରେ

କଟକ,(ସବ୍ୟୁ): କଟକ ମହାନଗର ନିଗମର ନିର୍ବାଚିତ କାଉନସିଲ୍ କୁ ପୁରିଛି ୪ ବର୍ଷ। ସବୁବେଳେ ବିଭିନ୍ନ କାର୍ଯ୍ୟର ଅଗ୍ରଗତିକୁ ନେଇ ବଦନାମ ମୁଣ୍ଡାଇ ଆସିଥିବା ସିଏମସି ଚାରିବର୍ଷ ମଧ୍ୟରେ ୫୩ ଟି ପୂର୍ଣ୍ଣାଙ୍ଗ ପ୍ରକଳ୍ପ ସହର ବାସୀଙ୍କୁ ଭେଟି ଦେଇ ସମାଲୋଚକ ମାନଙ୍କ ପାଟି ବନ୍ଦ କରିଦେଇଛି ।ସେହିପରି ଆଗକୁ ୯ ଟି ବଡ଼ ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ସଂକଳ୍ପ ନେଇ ଇତିହାସ ରଚିବାକୁ ଯାଉଛି ବୋଲି ଖୋଦ୍ ମେୟର ସୁବାସ ସିଂହ ଓ ତାଙ୍କ କାଉନସିଲର ସଦସ୍ୟ ମାନେ ମୁକ୍ତ କଣ୍ଠରେ ଦାବୀ କରିଛନ୍ତି । ଏଭଳି ପ୍ରକଳ୍ପ ଗୁଡ଼ିକର ହିସାବ ଗୋଟି ଗୋଟି କରି ପ୍ରଦାନ କରି ସିଏମସିକୁ ଟାର୍ଗେଟ କରିଥିବା ବିରୋଧୀଙ୍କୁ ପରୋକ୍ଷରେ ଶ୍ରୀ ସିଂହ ଚେତେଇ ଦେଇଛନ୍ତି । ଠିକ୍ ଚାରି ବର୍ଷ ତଳେ ଏପ୍ରିଲ ୭,୨୦୨୨ ତାରିଖ ଦିନ ବିପୁଳ ବ୍ୟବଧାନରେ ମେୟର ସୁବାସ ସିଂ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଗିରିବାଳା ବେହେରା ଓ ଶ୍ରୀତମ ଦାସଙ୍କୁ ହରାଇ ନବ ନିର୍ବାଚିତ କାଇନସିଲ୍ ସହ ଶପଥ ଗ୍ରହଣ କରିଥିଲେ । ଏହି ୪ ବର୍ଷ ଭିତରେ କଟକ ମହାନଗର ନିଗମ, ବିକାଶର ଇତିହାସ ରଚିବାକୁ ସକ୍ଷମ ହୋଇଛି ବୋଲି ମେୟର ସୁବାସ ସିଂହ ଏବଂ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ପ୍ରକାଶ କରିଛନ୍ତି ।ଗତ ସେପ୍ଟେମ୍ବର ୧୬,୨୦୨୪, ତାରିଖ ଦିନ ନିର୍ବାଚିତ କାଉନସିଲକୁ ଦେଢ ବର୍ଷପୂରଣ କରିବା ମଧ୍ୟରେ ନେତାଜୀ ବସ୍ ଟର୍ମିନାଲ ଓ ୫୦ ବର୍ଷର ସମସ୍ୟା କୁହାଯାଇଥିବା - ମୁଖ୍ୟ ଡ୍ରେନ ଟି ବକ୍ସ ଡ୍ରେନ ରେ ପରିଣତ ହୋଇ ଏକ ଚାରି ଥାକିଆ ରାସ୍ତା ସହ ଆଲୋକି କରଣ, ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରି ଇତିହାସ ରଚିଛି । ଶହ ଶହ ବର୍ଷ ଧରି ରାସ୍ତା ଉପରେ ବ୍ୟବସାୟ କରୁଥିବା ଛତ୍ର ବଜ଼ାର ଦୋକାନୀ ମାନଙ୍କୁ ଅର୍ବାନ ହାଟ ତିଆରି କରି ସେଠାରେ ସ୍ଥାୟୀ ଭାବରେ ବସାଇବା କଟକ ମହାନଗର ନିଗମ ଇତିହାସ ପୃଷ୍ଠାରେ ଆଉଏକ ଅଧ୍ୟାୟ ସଂଯୋଗ କରିପାରିଛି ।ରାଣୀହାଟ ୱାଚ ଟାୱାର, କଟକର ପରିଚୟକୁ ବଢ଼ାଇବାରେ ସାହାଯ୍ୟ କରିଛି ।ଜାଗା ମିଶନ୍ ଜରିଆରେ ୩୪୮୦ଜଣ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟା ପ୍ରଦାନ, ନରଣପୁର ଠାରେ ଅର୍ଥନୈତିକ ଅନଗ୍ରସର ପରିବାରଙ୍କୁ ୮୭୦ ଟି ଘର ସ୍ୱଳ୍ପ ମୂଲ୍ୟରେ ମହାନଗରନିଗମ ପକ୍ଷରୁ ଦିଆଯିବାର ବ୍ୟବସ୍ଥା




କରାଯାଇପାରିଛି । ୪ ବର୍ଷରେ ୪୫୫୬ ଜଣ ଲୋକଙ୍କୁ କଟକ ମହାନଗର ନିଗମ ମାଧ୍ୟମରେ ପେନସନ୍ ସୁବିଧା କରାଯାଇପାରିଛି, ୪ ବର୍ଷରେ ୬୪ଟି ନୂଆ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ୧୦ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ହେବା ସହ , ବ୍ୟବହାର ଉପଯୋଗୀ ହୋଇପାରିଛି । ମୁକ୍ତା ଯୋଜନାରେ ୧୧୫୬ ପ୍ରକଳ୍ପ କାମ ଏସ.ଏଚ୍. ଜି ମା ମାନଙ୍କ ମାଧ୍ୟମରେ କାର୍ଯ୍ୟକରି ମା ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଏକ ବଡ଼ ପ୍ରୟାସ କରାଯାଇପାରିଛି । ଦେଶରେ ସବୁଠାରୁ ଉନ୍ନତ ମାନର ସ୍ମାର୍ଟ ଲାଇବ୍ରେରୀ ୮ ଟି ବସ୍ତିରେ ପ୍ରତିଷ୍ଠା କରାଯାଇଛି । ୧୩୬ ରୁ ଉର୍ଦ୍ଧ୍ୱ ପାର୍କ ନିର୍ମାଣ ଓ ୪୩ଟି ୱାର୍ଡ ଅଫିସ ନିର୍ମାଣ କାର୍ଯ୍ୟକ୍ଷମ ହୋଇ ପାରିଛି । ୪ ଟି ସ୍ମାର୍ଟ ବସଷ୍ଟପ ଏବଂ ସ୍ମାର୍ଟ ଟଏଲେଟ ନିର୍ମାଣ କରାଯାଇଛି ।ବାଦାମବାଡ଼ି ସ୍ଥିତ ବସ ଟର୍ମିନାଲ ରେ ୪. ୭୬ କୋଟି ଟଙ୍କା ମୂଲ୍ୟରେ ଏକ ଅତ୍ୟାଧୁନିକ ଆହାର କେନ୍ଦ୍ର,୭୫ ଲକ୍ଷ ଟଙ୍କା ମୂଲ୍ୟରେ ଗୋରା କବର ସ୍ଥିତ ମଧୁସୂଦାନ ଦାସ ସମାଧି ପୀଠର ସୌନ୍ଦର୍ଯ୍ୟ କରଣ ପୂର୍ଣ୍ଣାଙ୍ଗ କରାଯାଇପାରିଛି ।୧.୬୫ କୋଟି ଟଙ୍କା ବିନିଯୋଗରେ ଟାଉନ ହଲ ଠାରେ ଏକ ଅତ୍ୟାଧୁନିକ ଆର୍ଟ ଗ୍ୟାଲେରୀର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଅଛି । ଖାନ୍ ନଗର ଠାରେ ଶବ ଦାହ ପାଇଁ ଗ୍ୟାସ ଚୁଲା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇପାରିଛି ।ନେତାଜୀ ବସ୍ ଟର୍ମିନାଲ, ବକ୍ସ ଡ୍ରେନ, ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଓ ଘର ଯୋଗାଣ, ଘରେ ଘରେ ଅନବରତ ୨୪ ଘଂଟିଆ ଡ୍ରିଙ୍କ ଫ୍ରମ୍ ଟ୍ୟାପ" ମାଧ୍ୟମରେ ଜଳ ଯୋଗାଣ ଏହାଛଡା ୩୬ କୋଟି ଟଙ୍କା ବିନିମୟ ରେ ଓଡ଼ିଶାର ବୃହତ୍ ବିଶ୍ୱନାଥ ପଣ୍ଡିତ ଲାଇବ୍ରେରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ୨ କୋଟି ବିନିମୟରେ କଟକ ମହାନଗର ନିଗମ ଦ୍ୱାରା ଓଡ଼ିଶାରେ ପ୍ରଥମ କରି ସାରସ୍ୱତ ପୁସ୍ତକ ମେଳା, ଚୌଧୁରୀ ବଜ଼ାର ସ୍ଥିତ ସିଏମସି ଅଫିସ ନିକଟରେ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ଓ ସହିଦ ଭବନରେ ଅତ୍ୟାଧୁନିକ ସୁବିଧାପ୍ରଦାନ ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । କଟକ ମହାନଗର ନିଗମ ର ଐତିହାସିକ ସଫଳତା, ସମସ୍ତ କର୍ପୋରେଟରଙ୍କ ନିଷ୍ଠାପର ସହଯୋଗ , ସବୁ ଅଧିକାରୀ ଓ କର୍ମଚାରୀଙ୍କର ଉତ୍ସର୍ଗିକୃତ ଉଦ୍ୟମରେ ହୋଇପାରିଛି ବୋଲି ମେୟର ପ୍ରକାଶ କରିଛନ୍ତି ।


10001/24/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ । ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ । ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR: 10001/10003/2/26-27/0002

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ଚିତ୍ରକଳା ପ୍ରଦର୍ଶନୀ ଉତ୍କଳା-୨୦୨୬ ଉଦ୍ଯାପିତ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ବିକେ ଆର୍ଟ କଲେଜର ୨୦୦୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନ ଉତ୍କଳା ୨୦୨୬ ଖାରବେଳନଗରସ୍ଥିତ ଲଳିତ କଳା ଏକାଡେମୀରେ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ୭ ତାରିଖ ଦିନ ଉଦ୍ଯାପିତ ହୋଇଛି । ଏପ୍ରିଲ ୧ ତାରିଖ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପଦ୍ମଶ୍ରୀ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ । ୭ଦିନ ଧରି ଅନୁଷ୍ଠିତ ହୋଇଥିବା ଉତ୍କଳା ଓଡ଼ିଶା କଳା ଏବଂ ସଂସ୍କୃତି, ଐତିହ୍ୟ ଦ୍ୱାରା ଅନୁପ୍ରାଣୀତ କଳାତ୍ମକ ଅଭିବୃଦ୍ଧିକୁ ଏକତ୍ରିତ କରିଛି । ପ୍ରତ୍ୟେକ କଳାକୃତୀ ପରମ୍ପରା, କାହାଣୀ, ରୀତିନୀତି ଏବଂ ଦୈନନ୍ଦିନ ଜୀବନକୁ ପ୍ରତିଫଳିତ କରେ । ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଶ୍ରୀ ସାହୁ କଳାକୃତୀକୁ ପ୍ରଶଂସା କରିବା ସହ ଏହି ଦିଗରେ ଜୀବନର ଗତିପଥକୁ ଆଗେଇ ନେବା ଜରୁରୀ ବୋଲି କହିଥିଲେ । ୨୦୦୩ ମସିହାର ଶ୍ରେଷ୍ଠ ଚିତ୍ରଶିଳ୍ପୀ ପ୍ରଣବ କୁମାର ସାହୁ, ବିଶ୍ୱରଞ୍ଜନ କର, ସୁନୀଲ କୁମାର ବିନ୍ଧାଣୀ, ସୁଜିତ କୁମାର ବେହେରା, ଶଶାଙ୍କ ସେଠୀ, ଡଃ ସସ୍ମିତା କମିଲା,



ମନୋରମା ଦାସ, କୁମାରୀ ସୁନିଆ ଐଶ୍ୱର୍ଯ୍ୟା ରାଜଲକ୍ଷ୍ମୀ ପ୍ରମୁଖଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ଅତିଥି ଚିତ୍ରଶିଳ୍ପୀ ଥିଲେ ସରୋଜ କୁମାର ସାହୁ । ଚିତ୍ରଶିଳ୍ପୀଙ୍କ ଉଚ୍ଚକୋଟୀର ଚିତ୍ରକଳା ପ୍ରଦର୍ଶନ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡଃ ଅଲେଖ ଚନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ତାଙ୍କ ସହ ଅନ୍ୟ ଅତିଥିମାନେ ମଧ୍ୟ ଥିଲେ । ଆଗାମୀ ଦିନରେ କିଭଳି ଉତ୍କଳା ପ୍ରଦର୍ଶନୀ ଉଚ୍ଚକୋଟୀର ହୋଇପାରିବ ଏବଂ ଦେଶ ବିଦେଶରୁ ଖ୍ୟାତି ଅର୍ଜନ କରିବ ସେଥିପାଇଁ ଚିତ୍ରଶିଳ୍ପୀମାନେ ଉଦ୍ୟମ କରିବା ଉଚିତ୍ ବୋଲି ମୁଖ୍ୟଅତିଥି ଶ୍ରୀ ସାହୁ କହିଥିଲେ । ଉଦ୍‌ଘାଟନୀ ଓ ଉଦ୍ଯାପନୀ ଉତ୍ସବରେ ୨୦୦୩ ବ୍ୟାଚ୍‌ର ଚିତ୍ରଶିଳ୍ପୀମାନେ ଉପସ୍ଥିତ ରହି ସେମାନଙ୍କ ଚିତ୍ରକଳାକୁ ଦର୍ଶକଙ୍କୁ ବୁଝାଇଥିଲେ ।

# ମିଶନ ରୋଡ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସ୍ପେସ୍ କା ସଫର କାର୍ଯ୍ୟକ୍ରମ

କଟକ , (ସବ୍ୟୁ):ମିଶନ ରୋଡ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଶେଷ ବୈଜ୍ଞାନିକ କାର୍ଯ୍ୟକ୍ରମ " ମହାକାଶ ଯାତ୍ରା ଓ ବ୍ରହ୍ମାଣ୍ଡକୁ ସ୍ୱାଗତ" କସ୍ମୋସ ଡୋମ ପ୍ଲାନେଟୋରିଅମ ଦ୍ୱାରା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତରିକ୍ଷ ବିଜ୍ଞାନ ପ୍ରତି ଆଗ୍ରହ ବଢ଼ାଇବା ଓ ନୂତନ ତଥ୍ୟ



ଜ୍ଞାନ ଦେବା ଉପରେ ଆଧାରିତ ଥିଲା । ବିଶେଶ କରି ଗୁଗୁଲ୍ ଏବଂ ଇସ୍ରୋ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜଣେ ଏଆଇ ଶିକ୍ଷକ ଥିଲେ ଚିତାଂଶ ମୌର୍ଯ୍ୟ ଯିଏ କି ଏହି କାର୍ଯ୍ୟକ୍ରମ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ୧୫୦ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସେମାନେ ନାସାର ଅନ୍ତରିକ୍ଷ ଅଭିଯାନ, ଉପଗ୍ରହ ପ୍ରକଳ୍ପ ଓ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରୟୋଗ ସମ୍ପର୍କରେ ଜାଣିଥିଲେ ।ସେଣ୍ଟ ଜାଭିୟର ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଭୁ ଚରଣ ମହାନ୍ତି, ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହକାରୀ ନିର୍ଦ୍ଦେଶିକା ଆୟଶା ଦାସ ଏବଂ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

# ୧୪ କିଲୋଗ୍ରାମ୍ ଓଭାରିଆନ୍ ଟ୍ୟୁମର୍‌ର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ) : କ୍ରୀଷ୍ଣା ବିକାଶ ସୁପର୍ ସ୍ପେସିଆଲିଟି ହସ୍ପିଟାଲ୍‌ସ, ଭାଲୁପାଲିର ଚିକିତ୍ସକଦଳ ଏକ ବିପଦଶଙ୍କୁଳ ଅବସ୍ଥାରେରେ ଥିବା ଜଣେ ମହିଳାଙ୍କ ଜୀବନକୁ ରକ୍ଷା କରିଛନ୍ତି । ରୋଗୀଙ୍କ ଓଭାରିଆନ୍ ଟ୍ୟୁମର୍ ବୃଦ୍ଧି ହେଇ ଅତ୍ୟଧିକ ଅକାର ଧାରଣ କରିଥିଲା । ଯାହା ଦ୍ୱାରା ରୋଗୀଜଣକ ଅନେକ ଶାରିରୀକ କଷ୍ଟ ଅନୁଭବ କରୁଥିଲେ। ଗତ ଏପ୍ରିଲ୍ ଦୁଇ ତାରିଖରେ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ପି. ଏଲ୍. ଜେନାଙ୍କ ନେତୃତ୍ୱରେ ଲାପାରୋସ୍କୋପିକ୍ ସର୍ଜନ ଡ଼ା. ବିସ୍ମୟ ଷଡ଼ଙ୍ଗୀ, ଆନାସ୍ଥେସିଓଲୋଜିଷ୍ଟ ଡା. ପ୍ରିୟବ୍ରତ ମହାନ୍ତି ଓ ଅପରେସନ୍ ଥିଏଟର୍ ଟିମ୍‌ଙ୍କ ସହାୟତାରେ ଅନେକ ଜଟିଳତା ସତ୍ତ୍ୱେ ଟ୍ୟୁମର୍‌ର ସଫଳ ଭାବେ ଅସ୍ତ୍ରୋପଚାର କରିଛନ୍ତି। ଚିକିତ୍ସକମାନଙ୍କ କହିବା ଦିନ ମଧ୍ୟରେ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିଲା । ଡାକ୍ତରୀଦଳର ନିଷ୍ଠା, ସମନ୍ୱୟ ଓ ସଠିକ୍ ସମୟରେ



ଅନୁଯାୟୀ ଟ୍ୟୁମର୍‌ଟିର ଓଜନ ୧୪ କିଲୋଗ୍ରାମ୍ ଥିଲା ଓ ଅପରେସନ୍ ପରେ ରୋଗୀ ଦ୍ରୁତ ଭାବେ ସୁସ୍ଥ ହେବାକୁ ଲାଗିଥିଲେ । ମାତ୍ର ତିନି ହେଇଥିବା ଅସ୍ତ୍ରୋପଚାରର ଏ ସଫଳତା କ୍ରୀଷ୍ଣା ବିକାଶ ହସ୍ପିଟାଲ୍‌ସ, ଭାଲୁପାଲିର ଚିକିତ୍ସାସେବା ପ୍ରଦାନର ପ୍ରତିବଦ୍ଧତାକୁ ପୁନଃ ସ୍ଥାପିତ କରିଛି ।

# ବିଜେପିର ପ୍ରତିଷ୍ଠା ଦିବସ ପାଳନ

ଡେଲାଙ୍ଗ, (ସବ୍ୟୁ): ର୍ ଭାରତୀୟ ଜନତା ପାର୍ଟିର ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ ମୋଟରୀ ମଣ୍ଡଳ ପକ୍ଷରୁ ବସନ୍ତପୁର ଗ୍ରାମର ଆରାଧ୍ୟା ମା' ଜାଗେଶ୍ୱରୀ ପୀଠ ପରିସରରେ ବିଜପି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷା ସଂଗଠକ ଗଙ୍ଗାଧର ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟନାୟକ, ଜିଲ୍ଲା କାର୍ଯ୍ୟକର୍ତ୍ତା ରମାକାନ୍ତ ନାୟକ, ଶ୍ୱେତ କୁମାର ନାୟକ ପ୍ରମୁଖ ଦଳର ଦିବଂଗତ ନେତାଙ୍କ ସ୍ମୃତି ଚାରଣ କରିବା ସହ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ବିକଶିତ ଗାଁ, ବିକଶିତ ଭାରତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଜୀ ଙ୍କ ବିକଶିତ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସାଂସଦ ଡା. ପାତ୍ର ଓ ବିଧାୟକ ଶ୍ରୀ ପଟନାୟକ ପଟନାୟକିଆ-ଡେଲାଙ୍ଗ-ଖୋର୍ଦ୍ଧା ବଣି ବକ୍ରେଶ୍ୱର ମନ୍ଦିର ଛକ ଠାରୁ ବସନ୍ତପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ୩ କୋଟି ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସଡ଼କ ପ୍ରଶସ୍ତିକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ ।ଗ୍ରାମ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ସେଠି ଓ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡା ଏହି ସ ପ୍ରଶସ୍ତିକରଣ କାର୍ଯ୍ୟ ଦ୍ୱାରା ଭାରୀଯାନ ଯାତାୟତ ସମ୍ଭବ ହେବା ସହ ସ୍ଥାନୀୟ ଲୋକଙ୍କ ଯାତାୟତ ପଥ ସୁଗମ ହୋଇପାରିବ ବୋଲି ସୂଚନା ଦେଇଥିଲେ । ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱର୍ ଦଳୀୟ ମହିଳା ଓ ପୁରୁଷ କର୍ମୀ ସମାବେଶରେ ଉପସ୍ଥିତ ଥିଲେ ।

## ପ୍ରକାଶିତ ସମ୍ବାଦର ସ୍ପଷ୍ଟୀକରଣ

ସମୟର ୩୧.୩.୨୦୨୬ ସଂସ୍କରଣର ପୃଷ୍ଠା ୧୦ରେ 'ସିପସୁରବାଲି ମୌଜାର ୪୦ ବର୍ଗଫୁଟ ସର୍ବସାଧାରଣ ରାସ୍ତାକୁ ଜବରଦଖଲ ଅଭିଯୋଗ' ଶୀର୍ଷକ ପ୍ରକାଶିତ ଖବରକୁ କ୍ୟାପଟେନ୍ ରାଧାଶ୍ୟାମ ସାହୁ ଖଣ୍ଡନ କରିଛନ୍ତି। ସେ ଜଣାଇଛନ୍ତି ଯେ, ତାଙ୍କ ଦ୍ୱାରା କୌଣସି ସରକାରୀ ଜମି ଜବରଦଖଲ କରାଯାଇନାହିଁ କି ବେଆଇନ ଭାବେ ପ୍ରାଚୀର ନିର୍ମାଣ ହୋଇନାହିଁ। ବ୍ରହ୍ମଗିରି ତହସିଲ ଅଫିସ ପୁରୀଠାରେ ଆବଶ୍ୟକୀୟ କାଗଜପତ୍ର ଆଇନ ଅନୁଯାୟୀ ପ୍ରସ୍ତୁତ ହେବା ପରେ ମୋ ଜମିରେ ପ୍ରାଚୀର ନିର୍ମାଣ କରିଛି । ମୋ ଜମିର ମାଲିକାନାସତ୍ତ୍ୱ ସମ୍ପର୍କିତ ସମସ୍ତ କାଗଜପତ୍ର ଆଇନସିଦ୍ଧ ଥିଲା ବେଳେ ସମ୍ବାଦ ପରିବେଷଣ ଆଗରୁ ମୋ ସହିତ ପରାମର୍ଶ କରାଯିବା ଉଚିତ ଥିଲା। ଏହା ହୋଇଥିଲେ ସତ୍ୟାସତ୍ୟ ଖବର ଲୋକଲୋଚନକୁ ଆସିପାରିଥାନ୍ତା। ତେବେ ଉଦ୍ଦେଶ୍ୟମୂଳକ ଭାବେ କାହାରି ସମ୍ମାନ ହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ। ଏଭଳି ଖବର ପ୍ରକାଶ ପାଇଥିବାରୁ ଆମେ ଦୁଃଖିତ ।

ସମ୍ପାଦକ

# ନୃତ୍ୟ ପ୍ରତିଭା ଅନ୍ୱେଷଣ ସମ୍ପର୍ଣ୍ଣ




ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ପୋଖରୀପୁଟରେ କାର୍ଯ୍ୟକରୁଥିବା ସୁନେନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୃତ୍ୟ ପ୍ରତିଭା ଅନ୍ୱେଷଣ କାର୍ଯକ୍ରମ ଏବଂ ସାଂସ୍କୃତିକ ଉତ୍ସବ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି । ଯୁବ ଓଡ଼ିଶୀ ନୃତ୍ୟ କଳାକାରଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ପ୍ରଶିକ୍ଷଣ ଧାରାରେ ରଖିବା ସକାଶେ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଇଥିଲା । କେବଳ ନୃତ୍ୟ ନୁହେଁ, ଭଜନ ଗାୟକ ଗାୟିକାଙ୍କୁ ମଧ୍ୟ ଖୋଜା ଯାଇଥିଲା ଏଥିରେ । ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସବଜୁନିୟର, ଜୁନିୟର, ସିନିୟର ବର୍ଗରେ ପ୍ରତିଭା ଅନ୍ୱେଷଣ ହୋଇଥିଲା । ଗୁରୁ ମନୋଜ କୁମାର ବେହେରା, ଗୁରୁ ଅଶୋକ କୁମାର ଘୋଷାଲ ଜଜ ଭାବେ ସାମିଲ ହୋଇଥିଲେ । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଗୁରୁ କୁମକୁମ ମହାନ୍ତି ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ବିଜେତାମାନଙ୍କୁ ଟ୍ରଫି, ସାର୍ଟିଫିକେଟ ସହ ନଗଦ ଅର୍ଥ ମଧ୍ୟ ପ୍ରଦାନ ହୋଇଥିଲା ।

# ସ୍ତ୍ରୀକୁ ହତ୍ୟା କରି ଥାନାରେ ଆତ୍ମସମର୍ପଣ କଲେ ପୂର୍ବ ଏଜି ଅଫିସର

ଭୁବନେଶ୍ୱର, (ସବ୍ୟୁ) : ସ୍ତ୍ରୀର ଗଳାକାଟି ହତ୍ୟା କରିବା ପରେ ଏୟାରଫିଲ୍ଡ ଥାନାରେ ଆତ୍ମସମର୍ପଣ କରିଛନ୍ତି ପୂର୍ବତନ ଏଜି ଅଫିସର ଅଧିକାରୀ ଦେବରାଜ ଷଡଙ୍ଗୀ (୭୨) । ଏହି ଘଟଣାକୁ ନେଇ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ୭୨ ବର୍ଷୀୟ ଅଧିକାରୀ ଶ୍ରୀ ଷଡଙ୍ଗୀ ଜଣଙ୍କୁ ହତ୍ୟା କରି ଥାନାକୁ ଆସି ଆତ୍ମସମର୍ପଣ କରିବେ ପୋଲିସ ଏହା ବିଶ୍ୱାସକୁ ନେଇନଥିଲା । ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବା ପରେ ଦେବରାଜଙ୍କୁ ପୋଲିସ ଥାନାରେ ଅଟକ ରଖିଛି । ଦେବରାଜ ଏଜି ଅଫିସରୁ ଅବସର ନେବା ପରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଘର କରି ସ୍ତ୍ରୀ ପ୍ରିୟମ୍ବଦା ଷଡଙ୍ଗୀ (୫୫) ସହ ରହୁଥିଲେ । ଦେବରାଜ ଅସୁସ୍ଥ ଥିବାରୁ ବାରମ୍ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ତାଙ୍କ ଝିଅ ଗଣମାଧ୍ୟମକୁ କହିଛନ୍ତି । ଆତ୍ମହତ୍ୟା ଉଦ୍ୟମ କରିବା ବେଳେ ସ୍ତ୍ରୀ ପ୍ରିୟମ୍ବଦା ପ୍ରତିରୋଧ କରନ୍ତି । ଯାହା ଫଳରେ ସେ ତାଙ୍କ ଉପରେ ବିରକ୍ତ ହୁଅନ୍ତି ବୋଲି ଝିଅ କହିଛନ୍ତି । ବୁଧବାର ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ସ୍ତ୍ରୀ ତାଙ୍କୁ ଅଟକାଇଥିଲେ । ବାରମ୍ବାର ସ୍ତ୍ରୀ ଅଟକାଉଥିବାରୁ ସେ କ୍ଷୁବ୍ଧ ହୋଇ ବୁଧବାର ଦିନ ତାଙ୍କ ଗଳା କାଟି ହତ୍ୟା କରିଛନ୍ତି । ହତ୍ୟାକାଣ୍ଡ ପରେ ରକ୍ତ ଜୁଡୁବୁଡୁ ସ୍ତ୍ରୀର ଶବକୁ ଏୟାରଫିଲ୍ଡ ଘରେ ଛାଡି ଝିଅ ଘର ପାଖକୁ ଯାଇଥିଲେ । ଘରର ସମସ୍ତ ଗହଣା ଓ ଟଙ୍କା ଝିଅକୁ ଦେଇଥିଲେ । କ'ଣ ପାଇଁ ଏସବୁ ଦେଉଛ ବୋଲି ଝିଅ ପଚାରିବାରୁ ଆମେ ବାହାରକୁ ଯାଉଥିବାରୁ ଏସବୁ ରଖିବା ପାଇଁ ଦେଉଛି । ବାପାଙ୍କ ଠାରୁ ଏହା ଶୁଣିବା ପରେ ଝିଅ ମା'ଙ୍କୁ ଫୋନ୍ କରିଥିଲେ । ହେଲେ ମା' ଫୋନ୍ ଧରିନଥିଲେ । ଏହି ସମୟ ମଧ୍ୟରେ ଦେବରାଜ ଏୟାରଫିଲ୍ଡ ଥାନାକୁ ଯାଇ ଆତ୍ମସମର୍ପଣ କରିସାରିଥିଲେ । ପୋଲିସ ତାଙ୍କ କଥାକୁ ବିଶ୍ୱାସକୁ ନେଇ ନଥିଲେ ମଧ୍ୟ ତାଙ୍କୁ ସାଙ୍ଗରେ ନେଇ ଘର ନିକଟକୁ ଯାଇଥିଲେ ।

ପୋଲିସ ଟିମ୍ ଘରେ ପହଞ୍ଚି ଯାହା ଦେଖିଲେ ହତବାକ୍ ହୋଇଗଲେ । ଘର ଚଟାଣରେ ରକ୍ତ ଭାସୁଥିବା ବେଳେ ପ୍ରିୟମ୍ବଦା ଗଳାକଟା ଅବସ୍ଥାରେ ପଡିଥିଲେ । ଶ୍ରୀ ଷଡଙ୍ଗୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ପୋଲିସ ସ୍ପଷ୍ଟ ହେବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଦେବରାଜଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ପ୍ରକୃତରେ ଆତ୍ମହତ୍ୟା ଉଦ୍ୟମ ବେଳେ ଅଟକାଇବାରୁ ଏଭଳି ଘଟଣା ଘଟିଛି ନା ଅନ୍ୟ କିଛି ରହସ୍ୟ ରହିଛି ତଦନ୍ତ ଆଗକୁ ବଢିଲେ ସ୍ପଷ୍ଟ ଜଣାପଡିବ ବୋଲି ପୋଲିସ କହିଛି ।

# ଡ଼ାକ୍ତର ପଦ ପୂରଣ ଦାବିରେ ନାଗରିକ ଧାରଣା

କଟକ, (ସବ୍ୟୁ) : ବଡ ମେଡିକାଲ ଓ ରାଜ୍ୟର ସମସ୍ତ ଡାକ୍ତରଖାନା ଗୁଡିକରେ ସ୍ୱାସ୍ଥ୍ୟସେବା ଯେଉଁ ଭଳି ଭାବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି ତାହା ସହିତ ଡାକ୍ତରଖାନା ଗୁଡିକରେ ୬୦ ଭାଗ ଡାକ୍ତର ନାହାଁନ୍ତି। ଏହି ଗୁରୁତର ସମସ୍ୟା ଗୁଡିକୁ ଯୁଦ୍ଧ କାଳିନ ଭିତ୍ତିରେ ସମାଧାନ ଦାବିରେ ବିଭିନ୍ନ ନାଗରିକ ଅନୁଷାନ ପକ୍ଷରୁ ନାଗରିକ ଧାରଣା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣା ରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ ବିଶ୍ୱାବସୁ ଦାସ, ଇଂ କ୍ଷିରୋଦ ମହାପାତ୍ର, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ ପ୍ରତାପ ଦାସ ବିଶ୍ୱଜିତ ଘୋଷ, ଡଲି ଦାଶ, ଅନିମା ରାୟ, ବିରଞ୍ଚିନାରାୟଣ ନାୟକ, ନିର୍ମଳ କୁମାର ସାମଲ, ଅକ୍ଷୟ ରାଉଳ, ରଞ୍ଜନ କୁମାର ଲେଙ୍କା, ବି ମିଶ୍ର, ଇନ୍ଦୁଭୁଷଣ ବେହେରା, ରୁଦ୍ରେଶ ଦାଶ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ। ଏହି ଅଗ୍ନିକାଣ୍ଡ ର ଏକ ଏକ ଉଚ୍ଚସ୍ତରୀୟ ନ୍ୟାୟୀକ ଯାଞ୍ଚ ହେଉ ଓ ଅତିଶୀଘ୍ର ତାର କାରଣ, ତାର ପ୍ରତିକାର, କିପରି ଏହାର ପୁନର୍ବାର ନହେବ ତାହାର ଏକ ଖସଡ଼ା ସର୍ବସାଧାରଣରେ ପ୍ରକାଶିତ ହେଉ। ତେର ଜଣ ରୋଗୀ



ଜ୍ୱଳନ୍ତ ଦଗ୍ଧ ହେବା ଏକ ମଣିଷ କୃତ ବିପର୍ଯ୍ୟୟ ଓ ଏଥିରେ ନିଜର କାର୍ଯ୍ୟ ଠିକ ଭାବରେ ସମ୍ପାଦନ ନ କରିଥିବା ପ୍ରତ୍ୟକ ବ୍ୟକ୍ତିଙ୍କୁ ଚିହ୍ନଟ କରି କଠୋର ଦଣ୍ଡର ପ୍ରବିଧାନ କରାଯିବା, ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଉଚିତ ଥିଲା। ଯଦି ସେ ଇସ୍ତଫା ନିଜ ତରଫରୁ ଦେଉ ନାହାଁନ୍ତି ତାହାହେଲେ ମନ୍ତ୍ରୀ ମଣ୍ଡଳ ରୁ ତାଙ୍କୁ ବରଖାସ୍ତ କରିବା, ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ଏବଂ ଆହତ ମାନଙ୍କୁ ଉନ୍ନତ ଏବଂ ମାଗଣା ଚିକିତ୍ସା ପ୍ରଦାନ ସହ ଉପଯୁକ୍ତ ସହାୟତା ଦିଆଯିବା, ସମସ୍ତ ସରକାରୀ ହସ୍ପିଟାଲରେ ତୁରନ୍ତ ଫାୟାର ସେଫ୍ଟି ତଦାରଖ କରାଯିବା ସହ ଏହାର ଦାୟିତ୍ୱ କେବଳ ସରକାରଙ୍କ ଅଗ୍ନିଶ୍ରମ ବିଭାଗ କୁ ଦେବା, ସରକାରୀ ଡାକ୍ତରଖାନା ଗୁଡିକୁକୁ ଆଉଟ ସୋର୍ସିଙ୍ଗ ସଂସ୍ଥା ନୁହେଁ ସରକାର ଚଳାଇବା, ବଡ ମେଡିକାଲରୁ ଘରୋଇ ସଂସ୍ଥା ଗୁଡିକୁ ତୁରନ୍ତ ବିଦା କରିବା, ବଡ ମେଡିକାଲରେ ଫାଙ୍କା ଥିବା ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଚାରୀ ପଦବି ଅବିଳମ୍ବେ ପୂରଣ କରାଯିବା, ସରକାରୀ ଡାକ୍ତରଖାନାରେ ପରୀକ୍ଷା ନିରୀକ୍ଷା ପାଇଁ ଯେଉଁ ଉଚ୍ଚକୋଟୀର ଯନ୍ତ୍ର ବ୍ୟବହାର କରାଯାଉଛି ତାହା ଠିକା ସଂସ୍ଥା କୁ ଦେବା ବନ୍ଦ କରି ସିଧା ସରକାରଙ୍କ ବିଭାଗ ପରିଚାଳନା କରିବା, ସରକାରୀ ଡାକ୍ତରଖାନାକୁ ଦଲାଲ ମୁକ୍ତ କରାଯିବା, ସ୍ୱାସ୍ଥ୍ୟ ସେବାର ଘରୋଇକରଣ ସଂପୂର୍ଣ୍ଣ ବନ୍ଦ କରାଯିବା, ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁକ୍ତ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ସାଧାରଣ ଲୋକଙ୍କର ଜନ୍ମଜାତ ମୌଳିକ ଅଧିକାର କୁ ସୁନିଶ୍ଚିତ କରାଯିବା ପାଇଁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ୧୨ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପଠା ଯାଇଛି।

# ରେଶମ ମହୋତ୍ସବରେ ଫ୍ରିଡମ ଷ୍ଟଲ ଉଦ୍‌ଘାଟିତ

କଟକ, (ସବ୍ୟୁ): ରେଶମ ସହର ବ୍ରହ୍ମପୁରରେ ଆରମ୍ଭ ହୋଇଯାଇଛି ରେଶମ ମହୋତ୍ସବ -୨୦୨୬ । ଏହି ମହୋତ୍ସବରେ ଖାଇବା ଆକର୍ଷଣୀୟ ରିହାତି ରହିଥିବା ବେଳେ ପ୍ରତ୍ୟେକ ୫ ଲିଟର ରିଫାଇନ ଏବଂ ସୋରିଷ ତେଲର କମ୍ବୋ ଅଫରରେ ଗୋଟିଏ ଶ୍ରୀ କୃପା ପୂଜା ତେଲ ସମ୍ପର୍ଣ୍ଣ



ତେଲ ଫ୍ରିଡମର ଷ୍ଟଲ ଉଦଘାଟିତ ହୋଇଯାଇଛି । ଏହି ଷ୍ଟଲକୁ ଫ୍ରିଡମ ଓଡ଼ିଶା ହେଡ ଅମିୟ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ମହୋତ୍ସବରେ ଫ୍ରିଡମ୍ ପକ୍ଷରୁ ସମସ୍ତ ତେଲ ଉପରେ ମାଗଣାରେ ଯୋଗାଇ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ସୁକାନ୍ତ ସାହୁ, ବିଭୁତି ପଳାଇ, ରବି ପ୍ରସାଦ, ସୁରେନ୍ଦ୍ର ମିଶ୍ର, ଜୀବନ ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ହୃଦ୍‌ଘାତରେ ଶନି ମନ୍ଦିର ପୂଜକଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ବାଣୀବିହାରସ୍ଥିତ ଶନିମନ୍ଦିର ପୂଜକ ରବୀନ୍ଦ୍ର ପାଢ଼ୀଙ୍କ ଗତ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। କଟକ ଜିଲ୍ଲା ନିଆଳି ଥାନା ମହଙ୍ଗ, ଅମଣାକୁଦ ଗ୍ରାମର ସ୍ୱର୍ଗତ ପାଢ଼ୀ ଦୀର୍ଘଦିନ ଧରି ଶନି ମନ୍ଦିରରେ ପୂଜକ ଭାବେ ସେବା କାର୍ଯ୍ୟ କରିଆସୁଥିଲେ। ସୋମବାର ତାଙ୍କ ଛାତିରେ ହଠାତ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେଉଥିବା ରାସ୍ତାରେ ହୃଦ୍‌ଘାତର ଶିକାର ହୋଇଥିଲେ। ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ତାଙ୍କ ପୈତୃକ ଗ୍ରାମ ଅମଣାକୁଦ ଓ ଭୁବନେଶ୍ୱର ଶନି ମନ୍ଦିର ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ପୈତୃକ ଗ୍ରାମ ମହଙ୍ଗ ଅମଣାକୁଦସ୍ଥିତ ବାସଭବନରେ ଲୋକମାନେ ରୁଣ୍ଡ ହୋଇ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ



ପୂର୍ବକ ଶେଷ ଦର୍ଶନ କରିଥିଲେ। ପୈତୃକ ଗ୍ରାମ ମହଙ୍ଗ ଶ୍ମଶାନରେ ଏକ ଶୋକାକୂଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତ୍ୟୁ ଖବର ପ୍ରଘଟ ହେବାପରେ ଶନିଭକ୍ତଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ।

### ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଘଟଣା

# ଆସାମୀକୁ ଆଜୀବନ କାରାଦଣ୍ଡ, ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କାର କ୍ଷତିପୂରଣ ନିର୍ଦ୍ଦେଶ

କଟକ, (ସବ୍ୟୁ): ଜଣେ ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିବା ଘଟଣାର ଶୁଣାଣି କରି କଟକ ଆଡହକ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ ଜଜ୍ (ଫାଷ୍ଟ ଟ୍ରାକ କୋର୍ଟ-୧) ଚୌଦ୍ୱାର ମଙ୍ଗରାଜପୁର ଅଞ୍ଚଳର ଆସାମୀ ତପନ ପଲାଇ ଓରଫ୍ ଡହରାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୧୦ହଜାର ଟଙ୍କାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆସାମୀ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତା ଜଣେ ମାନସିକ ଭିନ୍ନକ୍ଷମ ଓ ସମାଜର ପଛୁଆ ବର୍ଗର ହୋଇଥିବାରୁ ଅଦାଲତ ତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ତପନ ପଲାଇ ଜଣେ ମାନସିକ ଭିନ୍ନକ୍ଷମ ଯୁବତୀଙ୍କ ଅସହାୟତାର ସୁଯୋଗ ନେଇ ପ୍ରାୟ ୬ ମାସ ଧରି ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲା । ଯୁବତୀ ଜଣକ ଯେତେବେଳେ ତାଙ୍କ ପଡ଼ୋଶୀଙ୍କ ଘରକୁ ଟିଭି ଦେଖିବାକୁ ଯାଉଥିଲେ, ସେହି ସମୟରେ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବାଡ଼ି ପଛପଟେ ଥିବା ନଡ଼ା ଗଦା ନିକଟକୁ ନେଇ ଜବରଦସ୍ତି ଶାରୀରିକ ସମ୍ପର୍କ ରଖୁଥିଲା । ଏହି ଘଟଣା ସମ୍ପର୍କରେ କାହାରିକୁ କିଛି କହିଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲା। ଯୁବତୀ ଜଣକ ଗର୍ଭବତୀ ହେବା ପରେ ତାଙ୍କ ପରିବାର ଲୋକେ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ୨୦୧୮ ଜାନୁଆରୀ ୧୮ ରେ ପୀଡ଼ିତାଙ୍କ ପିତା ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ପରେ ଯୁବତୀ ଜଣକ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହ ୨୦୧୮ ମେ ୧୮ ରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ଅଦାଲତର ବିଚାରପତି ପି.କେ. ଦାସ ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ତପନ ପଲାଇକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବେ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି।

### ମେଟ୍ରୋ ପ୍ରକଳ୍ପକୁ ବାତିଲ କରିବା ପ୍ରତିବାଦରେ

# ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ ପ୍ରତିବାଦ

କଟକ ,(ସବ୍ୟୁ):କେନ୍ଦ୍ର ସରକାର ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ଅଣଦେଖା କରିଛନ୍ତି । ବଜେଟରେ ଓଡିଶାର ମେଟ୍ରୋ ପ୍ରକଳ୍ପ ନିମନ୍ତେ ବ୍ୟୟବରାଦ କରିନାହାନ୍ତି । ଏହା ସହ ସ୍ଥଗିତ ଥିବା ଭୁବନେଶ୍ୱର-କଟକ ମେଟ୍ରୋ ପ୍ରକଳ୍ପକୁ ବାତିଲ କରିଛନ୍ତି ଏହାକୁ ପ୍ରତିବାଦ ଓ ବିରୋଧ କରି ବୁଧବାର ଦିନ କଟକ ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ ସକାଳ ୯ ଘଟିକା ସମୟରେ ବକ୍ସି ବଜାର ଗୋଲେଇ ଛକ ନିକଟରେ ମାନ୍ୟବର କଟକ ମେୟର ତଥା ଓଡ଼ିଶା ରାଜ୍ୟ ବିଜୁ ଜନତା ଦଳ କୋଷାଧକ୍ଷ ସୁବାସ ସିଂହ ଙ୍କ ନେତୃତ୍ୱରେ କଟକ ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ କେନ୍ଦ୍ରୀୟ ଏବଂ ରାଜ୍ୟ ବିଜେପି ସରକାରଙ୍କ କଟକ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ବିଷୟରେ ପ୍ରତିବାଦ କରାଯାଇଅଛି । ବିଜୁ ଜନତା ଦଳ ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କର କମଳରେ ଜାନୁଆରୀ ୧ ତାରିଖ ୨୦୨୪ ମସିହାରେ ଭୁବନେଶ୍ୱର ବିମାନ ବନ୍ଦର ଠାରୁ କଟକ ତ୍ରିସୁଳିଆ ଛକ ପ୍ରଯନ୍ତ ପ୍ରାୟ ୨୬ କିଲୋମିଟ ଏବଂ ବିସ୍ତାରିତ - କଟକ ବସ ଷ୍ଟାଣ୍ଡ- ଏସ ସି ବି ମେଡ଼ିକାଲ -ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।.



ମେଟ୍ରୋ ପ୍ରକଳ୍ପଟି ୪ ବର୍ଷ ମଧ୍ୟରେ ପ୍ରାୟ ୬୨୫୫ କୋଟି ରାଜ୍ୟ ନିଜସ୍ୱ ପାଣ୍ଠିରୁ ବ୍ୟୟ ବରାଦ କରାଯାଇଥିଲା । ଏଥିରେ ପ୍ରାୟ ୨୦ ଗୋଟି ଛୋଟ ବଡ ମେଟ୍ରୋ ଷ୍ଟେସନର ବ୍ୟବସ୍ଥା ମଧ୍ୟ କରାଜାଇଥିଲା । କଟକ ଭୁବନେଶ୍ୱର ଜନସାଧାରଙ୍କ ଗମନ ଗମନ ସୁବିଧା ନିମନ୍ତେ ପ୍ରାୟ ପ୍ରତି ୧୦ ମିନିଟରେ ଏକ ମେଟ୍ରୋ ଟ୍ରେନ ବ୍ୟବସ୍ଥା କରାଯିବାର ସ୍ଥିର କରାଯାଇଥିଲା । ତପ୍ରେ ପୁରୀ ସହର ବାସୀଙ୍କ ନିବେଦନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପକୁ ପୁରୀ ସହରରୁ କଟକ ନେତାଜୀ ବସ ଟର୍ମିନାଲ-ଏସ ସି ବି ମେଡ଼ିକାଲ - ପର୍ଯନ୍ତ ବିସ୍ତାର କରାଯାଇଥିଲା। ପ୍ରାରମ୍ଭରେ ୩ ଟି ବିଶିଷ୍ଟ ୧୩ ଟି ଟ୍ରେନରେ ପ୍ରାୟ ୧ ଲକ୍ଷ ଜନସାଧାରଣ ଗମନାଗମନ କରିପାରିବେ ତାହାର ଆକଳନ କରାଯାଇଥିଲା । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରାୟ ୩୯୩ କୋଟି ଟଙ୍କା ବ୍ୟୟ କରାଯାଇ ପ୍ରାୟ ଦେଢ଼ ବର୍ଷ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିଲା । କିନ୍ତୁ ବିଡମ୍ବନାର ବିଷୟ ଯେ ଓଡ଼ିଶା ରାଜ୍ୟ ବେଜେପି ସରକାର ଆସିବାପରେ ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟଟିକୁ ବାତିଲ କରିଥିଲେ। କେନ୍ଦ୍ରୀୟ ବଜେଟରେ ଓଡିଶା ମେଟ୍ରୋ ପ୍ରକଳ୍ପ ପାଇଁ ଅନୁଦାନ ରାଶିର ବ୍ୟବସ୍ଥା କରିନାହାନ୍ତି । ଭାରତ ବର୍ଷରେ ୨୫ ଟି ରାଜ୍ୟରେ ମେଟ୍ରୋର ବ୍ୟବସ୍ଥା ରହିଥିବା ବେଳେ ଓଡ଼ିଶାରେ କାହିଁକି ଏହା ହୋଇ ପାରିବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ବିଜୁ ଜନତା ଦଳ କୋଷାଧକ୍ଷ ସୁବାସ ସିଂହ । ଏହି ପରିପେକ୍ଷୀରେ କଟକ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ନିମନ୍ତେ ଅର୍ଥ ପ୍ରଦାନ କରିବା ନିମନ୍ତେ ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ କଟକ ମେୟର ଏବଂ ବିଜୁ ଜନତା ଦଳ କୋଷାଧକ୍ଷ ସୁବାସ ସିଂହଙ୍କ ସହିତ, ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ , ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଏସ .କ୍ରୀଷ୍ଣା ,ପ୍ରମୁଖ ଶତାଧିକ ନେତା ଓ କର୍ମୀ ଯୋଗ ଦେଇ ଆଲୋଚନା କରିଥିଲେ ।

# ଓଡ଼ିଆ ପକ୍ଷ : ରକ୍ତଦାନ ଅଭିଯାନରେ ୬,୪୪୧ ୟୁନିଟ ରକ୍ତ ସଂଗ୍ରହ

ଭୁବନେଶ୍ୱର , (ସବ୍ୟୁ) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ପ୍ରାୟ ୩,୦୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଆଜି ଗୋଟିଏ ଦିନରେ ସମଗ୍ର ରାଜ୍ୟରେ ପ୍ରାୟ ୬,୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ରକ୍ତଦାନ ଅଭିଯାନ ଆୟୋଜନ ହେବା ଅବସରରେ



"ରକ୍ତଦାନ ଅଭିଯାନ" କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ରାଜ୍ୟବ୍ୟାପୀ ୧୦୮ ଟି ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ଏବଂ ୩୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ରାଜ୍ୟର ବିଭିନ୍ନ ବୁଧବାର ଭୁବନେଶ୍ୱର ସ୍ଥିତ ରେଡ଼କ୍ରସ ଭବନ ଠାରେ ରକ୍ତଦାନ ଶିବିର ଏବଂ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଓଡ଼ିଆ ପକ୍ଷ ପାଳନର ନବମ ଦିନ ଅର୍ଥାତ ଏପ୍ରିଲ ୯ ତାରିଖ ଦିନ "ଆସ ବହିଟିଏ କିଣିବା ଅଭିଯାନ" କାର୍ଯ୍ୟକ୍ରମର ଆୟୋଜନ କରାଯିବ।

# ଟ୍ରିମ୍ସ ପଲିଟେକ୍‌ନିକ କ୍ୟାମ୍ପସ ଚୟନରେ ୪୧୯ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି



କଟକ, (ସ୍ୱପ୍ର) : ଟ୍ରିମ୍‌ସ ପଲିଟେକ୍‌ନିକ (ସ୍ୱୟଂଶାସିତ) କ୍ୟାମ୍ପସ ଚୟନରେ ବିଭିନ୍ନ ବିଭାଗର ୪୧୯ ଜଣ ଛାତ୍ରଛାତ୍ରୀ ଦେଶର ପ୍ରତିଷ୍ଠିତ ଉଦ୍ୟୋଗମାନଙ୍କରେ ନିଯୁକ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଏଲ୍‌ଆଣ୍ଡଟି, ଏକ୍‌ଜିକମ୍ ଟେଲି ସିଷ୍ଟମ୍, କ୍ୟୁମିନ୍ସ ଇଣ୍ଡିଆ, ୟୋକୋହାମା ଅଫ ହାଇୱେ ଟାୟାର, ଶୋଭା ଲିମିଟେଡ୍, ଗ୍ରୀନ୍‌କୋ ଗ୍ରୁପ, ଆମ୍ପିନ୍ ସୋଲାର, ସେଣ୍ଟମ୍ ଇଲୋଟ୍ରୋନିକ୍ସ , ଥରମାକ୍ସ ଲିମିଟେଡ୍ ପ୍ରଭୃତି ଉଦ୍ୟୋଗରେ ଏହି ନିଯୁକ୍ତି ମିଳିଛି । ଏହି ଉପଲକ୍ଷେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ଶିକ୍ଷାନୁଷ୍ଠାନର ବ୍ରାଣ୍ଡଆମ୍ବାସଡର ଭାବରେ ବର୍ଣ୍ଣନା କରି ବୃତ୍ତିଗତ ଜୀବନରେ ନିଗର ଦକ୍ଷତା ପ୍ରଦର୍ଶନ କରି ନିଜର ଶିକ୍ଷାନୁଷ୍ଠାନ ଏବଂ ପିତାମାତାଙ୍କ ଗୌରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧକ୍ଷା ଡ. ତପସ୍ୱିନୀ ସାହୁ ନିରନ୍ତର ପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ଆଧାରରେ ଏଭଳି ସଫଳତା ମିଳିପାରିଛି ବୋଲି କହିଥିଲେ । ଟ୍ରେନିଂ ଓ ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡିନ୍ (ଭାରପ୍ରାପ୍ତ) ଡ. ଶ୍ରୀକାନ୍ତ କୁମାର ଓଝା, ସିଡିସି ନିର୍ଦ୍ଦେଶକ ରମାକାନ୍ତ କାଣ୍ଡା, ଜିତେନ୍ଦୁ କୁମାର ଶତପଥୀଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭାଗୀୟ ମୁଖ୍ୟ ଓ ଅଧ୍ୟାପକ,ଅଧ୍ୟାପିକା ଉପସ୍ଥିତ ଥିଲେ । ଅଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ୨ କୋଟିରୁ ଅଧିକ ସରକାରୀ ଅର୍ଥ ହଡପ ମାମଲା

# ବନ୍ଧାହେଲେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫ କର୍ମଚାରୀ

ବ୍ରହ୍ମପୁର, (ସବ୍ୟୁ): ବେଗୁନିଆପଡା ବ୍ଲକ ଅନ୍ତର୍ଗତ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବକେୟା ଟଙ୍କା ନାଁରେ ୨ କୋଟିରୁ ଅଧିକ ହଡପ ମାମଲା ଭିଜିଲାନ୍ସ ୫ ଜଣ କର୍ମଚାରୀଙ୍କୁ ବାନ୍ଧିଛିଛ ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା(୪/୨୬) ରୁଜୁ ହୋଇଥିବା ବେଳେ ଗିରଫ କର୍ମଚାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ କିରାଣୀ ଯତୀନ ଭୂୟାଁ, ମହିଳା ସ୍ୱାସ୍ଥ୍ୟକର୍ମୀ ଭାରତୀ ପ୍ରଧାନ, ଆଟେଣ୍ଡାଣ୍ଟ ଗୋପାଳ ନାହାକ, ସୁଇପର ମନୁ ନାୟକ ଓ ବେଗୁନିଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଟେଣ୍ଡାଣ୍ଟ ରାମଚନ୍ଦ୍ର ମଲ୍ଲିକ। ଏହି କର୍ମଚାରୀ ମାନେ ୨୦୨୩ ରୁ ୨୦୨୫ ମଧ୍ୟରେ ୨ କୋଟିରୁ ଅଧିକ ଟଙ୍କା ଉଠାଇ ତାହାକୁ ମିଳିମିଶି ହଡପ କରିନେଇଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଉପରୋକ୍ତ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା।

ଭିଜିଲାନ୍ସକୁ ତଦନ୍ତ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁପାରିଶ କରାଯାଇଥିଲା। ସେହିକ୍ରମରେ ବ୍ରହ୍ମପୁର ଭିଜିଲାନ୍ସର ଏକ ଟିମ ଘଟଣାର ତଦନ୍ତ କରିଥିଲା। ପ୍ରକାଶଥାଉକି, କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବଡ ଧରଣର ଆର୍ଥିକ ଅନିୟମିତତା ହୋଇଥିବା ନେଇ କୋଦଳା ଟ୍ରେଜେରୀ କାର୍ଯ୍ୟାଳୟ ପକ୍ଷରୁ ଗତ ଜାନୁଆରୀ ମାସରେ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା।

ଏହାପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭାଗୀୟ ତଦନ୍ତ କରାଯାଇଥିଲା। ଜିଲା ମେଡିକାଲ ଅଫିସର ଡା. ବିଶ୍ୱମ୍ବର ବେହେରା ଘଟଣାର ତଦନ୍ତ କରି ମୋଟ ୮ ଜଣ କର୍ମଚାରୀଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲେ। ସେହିକ୍ରମରେ ସିଡିଏମଓ ଡା. ଭବାନିଶଙ୍କର ମିଶ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୭ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ସେହିପରି ତଏହି ମାମଲାରେ ସଂପୃକ୍ତ ଥିବା ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇସାରିଥିବା କୁହାଯାଉଛି। ଭିଜିଲାନ୍ସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ମା ଠାକୁରାଣୀ ଯାତ୍ରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଭଞ୍ଜନଗର, (ସବ୍ୟୁ) : ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମା' ଠାକୁରାଣୀ ଙ୍କ ଯାତ୍ରା-୨୦୨୬, ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଜି ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ସଫଳତାର ସହିତ ଅନୁଷ୍ଠିତ ହୋଇଛି ।

ଏହି ବୈଠକରେ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି, ସିଡ଼ିଓ ଓ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଗଞ୍ଜାମ ସମୀର କୁମାର ଜେନା, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଅଧ୍ୟକ୍ଷ ପୌରପରିଷଦ ଗୋପବନ୍ଧୁ ମହାପାତ୍ର ତଥା ଅନ୍ୟ ସମସ୍ତ ପ୍ରଶାସନିକ ଓ ସରକାରୀ ଅଧିକାରୀ ଏବଂ ଯାତ୍ରା କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକରେ ଯାତ୍ରାର ସମସ୍ତ ପ୍ରସ୍ତୁତିକାର୍ଯ୍ୟ, ନିରାପତ୍ତା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଅଗ୍ନି ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା, ସାମ୍ବଳିକ ବିବରଣୀ, ସୂଚନା କେନ୍ଦ୍ର ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟ ଉପରେ ପୂର୍ବ ପ୍ରସ୍ତୁତି ବୈଠକର ବିସ୍ତୃତ ସମୀକ୍ଷା ହୋଇଛି । ବିଧାୟକ ଶ୍ରୀଯୁକ୍ତ ନାୟକ ଏବଂ ଜିଲ୍ଲାପାଳ ମହୋଦୟ ସମସ୍ତଙ୍କୁ ଯାତ୍ରାକୁ ଆହୁରି ଫଳପ୍ରଦ, ଆକର୍ଷଣୀୟ ଓ ନିରାପଦ କରିବାକୁ ପରାମର୍ଶ ଦେଇଛନ୍ତି । ବିଧାୟକ ଶ୍ରୀଯୁକ୍ତ ନାୟକ ଅବଗତ କରିଛନ୍ତି ଯେ ଜିଲ୍ଲା ତଥା ରାଜ୍ୟ ସ୍ତରୀୟ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯାତ୍ରାରେ ଯୋଗଦାନ କରିବେ ଏବଂ ଯାତ୍ରାକୁ ଅଧିକ ସରସ, ସୁନ୍ଦର ତଥା ଆକର୍ଷଣୀୟ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଯାତ୍ରା ଅନୁଷ୍ଠାନ ସମୟରେ ସମସ୍ତ ବିଭାଗର ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ କରାଯିବ । ଏହି ଯାତ୍ରା ଭଞ୍ଜନଗର ବ୍ଲକର ଜନସାଧାରଣଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ଉତ୍ସବ ଭାବେ ପରିଚିତ ଏବଂ ଏହି ବୈଠକ ଐତିହାସିକ ପର୍ବର ସମସ୍ତ ବ୍ୟବସ୍ଥାପନା ସମନ୍ୱୟ କରିବା ସହ ଭକ୍ତମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବ ବୋଲି ସର୍ବସାଧାରଣଙ୍କୁ ଅବଗତ କରାଯାଇଛି । ବୈଠକ ଶେଷରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଟୁଲିଆମା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ତୃତୀୟ ଦିବସ

# ସ୍ୱକୀୟ ଶିଳ୍ପକଳା ଓ ସଂସ୍କୃତି ବ୍ରହ୍ମପୁରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି: ମନ୍ତ୍ରୀ ଶ୍ରୀ ହରିଚନ୍ଦନ



ବ୍ରହ୍ମପୁର, (ସବ୍ୟୁ): ରେଶମ ସହର ମହୋତ୍ସବ ତାସହିତ ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଦ୍ୱିତୀୟ ଦିନର ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଗଞ୍ଜାମ ମାଟିର ବଳିଷ୍ଠ ଅବଦାନ ରହିଥିଲା । ସ୍ୱକୀୟ ଶିଳ୍ପକଳା ଓ ସଂସ୍କୃତି ବ୍ରହ୍ମପୁରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଓଡ଼ିଶାର ଦଶଟି ପ୍ରମୁଖ ସହରର ବ୍ୟାପକ ଉନ୍ନତିକରଣ ପାଇଁ ସରକାର ପରିକଳ୍ପନା କରୁଛନ୍ତି ତାହା ମଧ୍ୟରେ ବ୍ରହ୍ମପୁର ଅନ୍ୟତମ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ । ଆତ୍ମନିର୍ଭର ଭାରତ ଅଥବା ଲୋକାଲ ଫର ଭୋକାଲର ସଫଳତା ଏବଂ ଓଡିଶା ସରକାରଙ୍କ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ସେ ଗଞ୍ଜାମବାସୀଙ୍କ ଅଧିକରୁ ଅଧିକ ସହଯୋଗ କାମନା କରିଥିଲେ । ଗଞ୍ଜାମର ପଞ୍ଚୁ ଦଣ୍ଡ, ସୁଭଦ୍ରା ଶକ୍ତିଙ୍କ ସାମର୍ଥ୍ୟ, ସ୍ୱଦେଶୀ ଜାଗରଣ, ଦିଗପହଣ୍ଡିର ବୋମକେଇ ପାଟ, ଲୋକାଲ ଫର ଭୋକାଲ ଫର ଲୋକାଲ ଉପରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବରିଷ୍ଠ ସମାଜସେବୀ ସରୋଜ କୁମାର ସାବତ, ଜିଲ୍ଲାପାଳ ୱି କୀର୍ତ୍ତି ୱାସନ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେZI, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ସ୍ୱଦେଶୀ ମେଳାର ଆଞ୍ଚଳିକ ସମନ୍ୱୟ ମନୋଜ କୁମାର ନାୟକ, ଟିପିଏସଓଡିଲର ଉପ ସାଧାରଣ ପ୍ରବନ୍ଧକ(ଅର୍ଥ), ବିନେଦ ବିହାରୀ ନାୟକ ଯୋଗ ଦେଇ ଗଞ୍ଜାମ ଜିଲ୍ଲାର ସମୃଦ୍ଧ ଲୋକ କଳା, ସାହିତ୍ୟ, ସଂସ୍କୃତି, ବୈଭବ, ପାଟ, ପିତ୍ତଳ ମାଛ, ସୁଭଦ୍ରା ଓ ସ୍ୱଦେଶୀ ମେଳା ଆଦି ବିଷୟରେ ଆଲୋକପାତ କରିଥିଲେ ।

# ଫୁଲବାଣୀ ଠାରେ ଓଡ଼ିଆ ଭାଷା ପକ୍ଷ-୨୦୨୬'ରେ ରକ୍ତଦାନ ଶିବିର

ଫୁଲବାଣୀ, (ସବ୍ୟୁ): ଓଡ଼ିଆ ଭାଷା ପକ୍ଷ-୨୦୨୬' ପାଳନ ଅବସରରେ ବୁଧବାର ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି । ଏହି ଶିବିରକୁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଉଦଘାଟନ କରିବା ସହିତ ନିଜେ ରକ୍ତଦାନ କରି ଯୁବପିଢ଼ିଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ସୁବାଷଚନ୍ଦ୍ର ପ୍ରଧାନ, ଅଧ୍ୟାପକ ସୁକାନ୍ତ କୁମାର ବେହେରା, ଯୁବ ରେଡକ୍ରସର କନଭେନର ଡ. ଅଭିଂଷା ବଳ, ଡ. ଏନ ଚିନ୍ମୟ କୁମାର, ଶଙ୍କର ଦଳେଇ, ସଞ୍ଜିବ ବଳିଆରସିଂ, ନିବେଦିତା ପାଣି, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କ ମଧ୍ୟରେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ସଂକଳ୍ପବଦ୍ଧତାକୁ ପ୍ରଶଂସା କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଓଡ଼ିଆ ଭାଷାରେ ପରିଚାଳିତ ହୋଇ "ଓଡ଼ିଆ ପକ୍ଷ'ର ଆଭିମୁଖ୍ୟକୁ ସାର୍ଥକ କରିଥିଲା । ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ.ସି.ସି. କ୍ୟାଡେଟ୍, ରେଡକ୍ରସ ଏବଂ ଏନ.ଏସ.ଏସ ସ୍ୱେଚ୍ଛାସେବୀମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିବା ବେଳେ ଏଥିରୁ ଅଧିକାଂଶ ଯୁବକ ଯୁବତୀ ପ୍ରଥମ ଥର ରକ୍ତଦାନ କରିଥିଲେ । ଶିବିର ପୂର୍ବରୁ ମହାବିଦ୍ୟାଳୟ ରେ ଏକ ରକ୍ତଦତା ମୋଟିଭେସନ କାର୍ଯ୍ୟକ୍ରମରେ ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡଃ ଜୟଦୀପ ଘୋଷ ଏବଂ ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ରକ୍ତଦତା ଓ ରକ୍ତଭଣ୍ଡାର ପରିଚାଳନା କମିଟି ସଦସ୍ୟ ପ୍ରଶାନ୍ତ କୁମାର ବେହେରା ଏବଂ ବିଶିଷ୍ଟ ରକ୍ତଦତା ମନୋଜ କୁମାର ଚୌଧୁରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ଆଜିର ଶିବିରକୁ ପରିଚାଳନା କରିଥିଲେ । ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଆ ସାହିତ୍ୟର ବିଭିନ୍ନ ସ୍ଲୋଗାନ ଓ ପୋଷ୍ଟର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା । ସମସ୍ତ ରକ୍ତଦାତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ପ୍ରଶଂସାପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ ସୁବାଶ ଚନ୍ଦ୍ର ପ୍ରଧାନ ସମସ୍ତ ଅତିଥି ଓ ରକ୍ତଦାତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାର୍ଡୱେୟାର ଦୋକାନରୁ ଚୋରି : ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ବଙ୍ଗାଳି ସାହିରେ ଥିବା ହାର୍ଡୱେୟାର ଦୋକାନରୁ ଚୋରି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ କ ବଡଂାର ଥାନା ଅନ୍ତର୍ଗତ ଜେମାଦେଇପେଣ୍ଠ ତଥା କଟକ ତିଗିରିଆ ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମର ମୂଳ ନିବାସୀ ଅଶୋକ ମହାରଣା (୨୦) ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରପଲିର ମୂଳ ନିବାସୀ ତଥା ବର୍ତ୍ତମାନ ଟାଉନ ଥାନା ଅନ୍ତର୍ଗତ ଗିରିମାର୍କେଟରେ ରହୁଥିବ ସଂଗ୍ରାମ ବିଶୋୟୀ (୨୩) । ଘଟଣା ବେଳେ ବ୍ୟବହୃତ ବାଇକ, ଏକ ଯନ୍ତ୍ରପାତି ଜବତ ହୋଇଥିବାବେଳେ ଚୋରି କରି ନେଇଥିବା ୪୩ହଜାର ୧୧୫ ଟଙ୍କା ଜବତ ହୋଇଛି । ମାମଲା ନଂ ୧୩୩/୨୬ ରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ, ଗତ ୩ତାରିଖ ରାତ୍ରୀରେ ଏକ ହାର୍ଡୱେୟାର ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିଲେ । ୪ ତାରିଖରେ ଦୋକାନ ମାଲିକ ଗୋପାଳ ସାହା ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିଥିଲା । ସିସିଟିଭି ଫୁଟେଜ ଯାଞ୍ଚ କରି ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ପୋଲିସ କହିଛି ।

# ୩ ଦିନିଆ ମାଦଳ ମହୁରୀ ଉତ୍ସବ ୨୦୨୬ ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ-ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ - ୨୦୨୬ ଉଦଘାଟିତ ହୋଇଯାଇଛି। ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଯୋଗଦେଇ ଆମ ଜିଲ୍ଲାର ଦୁଇ ବରପୁତ୍ର ଇ. ଅଶୋକ ବସା ଓ ଶିକ୍ଷାବିତ କିଶୋର କୁମାର ବସା, ଶିକ୍ଷାବିତ ପ୍ରୋ ମୋହିତ କୁମାର ଷଡ଼ଙ୍ଗୀ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉତ୍ସବର ସଫଳତା କାମନା କରିବା ସହ ଏହି ଉତ୍ସବରେ ମଞ୍ଚସ୍ଥ ହେଉଥିବା ନାଟକରେ ଯୁବ କଳାକାର ଓ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିଙ୍କୁ ତାଙ୍କର ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ।



ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ମନୋରଞ୍ଜନ ଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା।

ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ "ମହା ବିଭ୍ରାଟ ନାଟକରେ ପ୍ରସନ୍ନ କୁମାର ମହାନ୍ତି, ସରୋଜ କୁମାର ଶତପଥି, ଘନଶ୍ୟାମ କର, ହିମାଂଶୁ ସାହୁ, ଜ୍ୟୋତିର୍ଜିବୀ ସେଠି ଓ କାର୍ତ୍ତିକ ଚନ୍ଦ୍ର ବେହେରା ଅଭିନୟ କରିଥିବା ବେଳେ ଲଭରଜିତ ସାହୁ ମଞ୍ଚ ଓ ଧରମଜିତ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ "ରାଜଧାନୀରେ କରୋନା ଠକ ନାଟକରେ ଧନଞ୍ଜୟ, ପ୍ରେମଦୀପ, ଅବିନାଶ, ସିଦ୍ଧାର୍ଥ, ଜ୍ୟୋତିଶଙ୍କର ଓ କାକୋଳି ଅଭିନୟ କରିଥିଲେ। ଚିନ୍ମୟ ସେଜପଡା ଓଡିଶୀ ନୃତ୍ୟ, ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କ ସଂଗୀତ ତଥା ନଂ-୧ ଡ୍ୟାନ୍ସ ଏକାଡେମୀର କୁନି କଳାକାରଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା।

# ମୟୂରଭଞ୍ଜରେ ବିଜେପିର ପ୍ରତିଷ୍ଠା ଦିବସ ଧୂମଧାମରେ ପାଳିତ

ବାରିପଦା, (ସବ୍ୟୁ) : ଭାରତୀୟ ଜନତା ପାର୍ଟି, ମୟୂରଭଞ୍ଜ (ଉଭୟ ପୂର୍ବ ଓ ପଶ୍ଚିମ) ଜିଲ୍ଲା ଶାଖା ପକ୍ଷରୁ "ଏପ୍ରିଲ ଛଅ: ବିଜେପି ପ୍ରତିଷ୍ଠା ଦିବସକୁ ଜିଲ୍ଲାର ବିଭିନ୍ନ ଭାଗରେ ବିଭିନ୍ନ ଭାବରେ ଉତ୍ସାହ ଉଦ୍ଦୀପନା ସହ ପାଳନ କରାଯାଇଛି । ଜିଲ୍ଲା ସଦର ମହକୁମା, ଉପଖଣ୍ଡ ମହକୁମା ତଥା ବିଭିନ୍ନ ବ୍ଲକ କେନ୍ଦ୍ରରେ ସୋମବାର ଦିନ ଏହାକୁ ଆଖିରେ ରଖି ପୂର୍ବାହ୍ନରେ ଦଳୀୟ ପତାକା ଉତ୍ତୋଳନ ପୂର୍ବକ ବିବିଧ ଲୋକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମମାନ କରାଯାଇଛି । ଏହି ଅବସରରେ ବାରିପଦାର ତକତପୁର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଦଳୀୟ ପ୍ରତିଷ୍ଠା ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଜେପି ଜିଲ୍ଲା ସଭାପତି ନିହାର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ଉତ୍ସବରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ଓ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖଙ୍କ ସମେତ ଶତାଧିକ ଯୁବଛାତ୍ର ଓ ମହିଳା ଯୋଗ ଦେଇଥିଲେ । ସଭାରେ ଦଳୀୟ ପତାକା ଉତ୍ତୋଳନ ଓ ବନ୍ଦେ ମାତରଂ ଗାନ ପରେ ପରେ ଦଳର ଛୟାଳିଶ ବର୍ଷର ଇତିହାସ ତଥା ଦେଶର ସାମ୍ପ୍ରତିକ ପରିସ୍ଥିତି ନେଇ ଚର୍ଚ୍ଚା ଆଲୋଚନା କରାଯାଇଥିଲା । ଏହିପରି କାର୍ଯ୍ୟକ୍ରମମାନ ରାଜ୍ୟ ତଥା ଜିଲ୍ଲାର ସମସ୍ତ ପ୍ରମୁଖ ସ୍ଥାନରେ ଆୟୋଜିତ ହୋଇଯାଇଛି ବୋଲି ରାଜ୍ୟ ପ୍ରବକ୍ତା ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି ।

# ସନ୍ତରଣ ଶିକ୍ଷା ଓ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ପ୍ରଶିକ୍ଷଣ ଶିବିର

ବାରିପଦା, (ସବ୍ୟୁ) : ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୂରଭଞ୍ଜର ମିଳିତ ସହଯୋଗରେ ସନ୍ତରଣ ଶିକ୍ଷା ଓ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ପ୍ରଶିକ୍ଷଣ ଶିବିର ମୁର୍ଗାବାଡ଼ିସ୍ଥିତ ଜିଲ୍ଲା ପଞ୍ଚାୟତ ସଂସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ପ୍ରଶାନ୍ତ କୁମାର ନାୟକ, କମାଣ୍ଡାଣ୍ଟ ପଞ୍ଚମ ବାଟାଲିୟନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ଉକ୍ତ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କରିଥିଲେ ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ବ୍ୟାଚରେ ୩୦ଜଣ କରି ୧୦ଟି ବ୍ୟାଚରେ ୩୦୦ ଜଣ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ମାନଙ୍କୁ ସନ୍ତରଣ ଶିକ୍ଷା ପ୍ରଦାନ କରାଯିବ ଏବଂ ଗତବର୍ଷ ଗୋଟିଏ ବ୍ୟାଚର ୩୦ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଏବର୍ଷ ଆଉ ୨୭୦ ଜଣଙ୍କୁ ସନ୍ତରଣ କୌଶଳ ତାଲିମ ପ୍ରାପ୍ତ ଓଡ୍ରାଫ୍ ପ୍ରଶିକ୍ଷକମାନଙ୍କ ଦ୍ୱାରା ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏହା ମାଧ୍ୟମରେ ବୁଡ଼ି ମରିବା ଘଟଣାକୁ ଆଶାନୁରୂପ ଭାବେ କମ କରାଯାଇ ପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ଏହି ସନ୍ତରଣ ଶିକ୍ଷା କିଭଳି ଅନେକ ଅମୂଲ୍ୟ ଜୀବନର ସୁରକ୍ଷା କବଚ ସାଜି ପାରିବ ତାହା ଜିଲ୍ଲା ଜରୁରୀକାଳୀନ ବିଭାଗର ଭାରପ୍ରାପ୍ତ ଡେପୁଟି କଲେକ୍ଟର ସୁଶ୍ରୀ ଦୀପାଞ୍ଜଳି କହିଥିଲେ।



ଏହି ତାଲିମ ନେବା ପରେ ନିୟମିତ ଅଭ୍ୟାସ କରିବା ଓ ନିଜ ପରିବାର ଓ ଗୋଷ୍ଠୀର ପିଲାମାନଙ୍କୁ ମଧ୍ୟ ଶିଖାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ କହିଥିଲେ ଯେ, ପାଣିରେ ବୁଡ଼ି ମରିବା ଘଟଣାରେ ମୟୁରଭଞ୍ଜ ଜିଲ୍ଲା ଓଡ଼ିଶାରେ ସର୍ବାଗ୍ରେ ରହିଛି ଏବଂ ଏପରି ସନ୍ତରଣ ଶିକ୍ଷା ମାଧ୍ୟମରେ ଅନେକ ଜୀବନ ହାନି ରୋକାଯାଇ ପାରିବ ଓ ସରକାରଙ୍କ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୂରଭଞ୍ଜ ମିଳିତ ଭାବ ଏକ ବୃହତ୍ତର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସୂଚନା ଦେଇଥିଲେ। ସେହିପରି ବାରିପଦା ମହିଳା ମହାବିଦ୍ୟାଳୟର ଅଧକ୍ଷା ଡକଫର ସାଗରିକା ସିଂ ବଞ୍ଚିବାର କୌଶଳ ତଥା ଜୀବନର ଲକ୍ଷ୍ୟ ବିଷୟରେ ଅନେକ ଉପାଦେୟ ଶିକ୍ଷା ପ୍ରଦାନ କରିଥିଲେ। ଜୀବନର ବଡ଼ ବଡ଼ ସ୍ୱପ୍ନ ଦେଖି ତାହାକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ବିଷ୍ଣୁପ୍ରିୟା ହାଁସଦାଃ ଶିକ୍ଷା କିଭଳି ବ୍ୟକ୍ତିକୁ ପୂର୍ଣ୍ଣାଙ୍ଗ କରିଥାଏ ଓ ବିପଦ ସମୟରେ ସାହାଯ୍ୟ କରେ ତାହା କହିବା ସଙ୍ଗେ ସଙ୍ଗେ ଏଭଳି ତାଲିମ ଆମ ଜିଲ୍ଲା ବା ରାଜ୍ୟରେ ବୁଡ଼ି ମରିବା ଘଟଣାକୁ ବହୁ ସଂଖ୍ୟାରେ କମ କରିପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ।

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମେଡିକାଲ କଲେଜର ଆସୋସିଏଟ ପ୍ରଫେସର ଡକଫର ଶ୍ରଦ୍ଧା ସୁମନ ଯୋଗଦେଇ ବୁଡ଼ି ମରିବାର ଅନେକ ଗୁଡ଼ିଏ ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିବା ସହିତ ସହଜରେ କିଭଳି ଜଣେ ବ୍ୟକ୍ତି ପହଁରି ପାରିବ ତାହା କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କମାଣ୍ଡାଣ୍ଟ ଶ୍ରୀ ନାୟକ ଅନେକ ସମୟରେ ଭୟ ଆମ ମୃତ୍ୟୁର କାରଣ ହୋଇଥାଏ ତେଣୁ ପ୍ରଥମେ ଜାଣିବା ଦରକାର ଯାହାଦ୍ୱାରା ଭୟ ଦୂର କରି ସବୁ କ୍ଷେତ୍ରରେ ବିଜୟ ହୋଇପାରିବା। ଏଥିସହିତ ଜଣେ କିଭଳି ଅତି ସହଜରେ ଘଣ୍ଟା ଘଣ୍ଟା ପାଣିରେ ଭାସି ପାରିବ ତାହାର ସହଜ ଉପାୟମାନ ବତାଇଥିଲେ। ଜୀବନ ଅତ୍ୟନ୍ତ ମୂଲ୍ୟବାନ ଓ ତାକୁ ସହଜରେ ନାଶ ହେବାକୁ ଦେବା ନାହିଁ, ନିଜର ସ୍ୱପ୍ନ, ପିତା ମାତାଙ୍କ ସ୍ୱପ୍ନ ପୂରଣ ତଥା ସମାଜ ଓ ଦେଶର ବୃହତ୍ତର ସ୍ୱାର୍ଥର ସୁରକ୍ଷା ପାଇଁ "ମୁଁ ପାରିବି ...ମୁଁ ହୋଇ ପାରିବି ଏହି ଜିଦ୍ ସଦାସର୍ବଦା ରହିବା ଉଚିତ ବୋଲି ପ୍ରକାଶ କରିଥିଲେ। ସର୍ବଶେଷରେ ଓଡ୍ରାଫ୍‌ର ମାଷ୍ଟର ଟ୍ରେନର ଅରୁଣ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପିପୁଲ୍ସ କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୪୩ ୟୁନିଟ୍ ସଂଗ୍ରହ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ୟୁଥ୍ ରେଡ୍ କ୍ରସ୍ ଓ ରେଡ୍ ରିବନ୍ କ୍ଲବ ୟୁନିଟ୍ ପକ୍ଷରୁ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ ୟୁନିଟ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆପକ୍ଷ ପାଳନ ଅବସରରେ ଆୟୋଜିତ ଉକ୍ତ ଶିବିରକୁ କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଉଦଘାଟନ କରିଥିବା ବେଳେ ଏଥିରେ ଉପାଧକ୍ଷ ହରିକୃଷ୍ଣ ନାୟକ, ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

ଏହି ଶିବିର ଅବସରରେ କଲେଜ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିଗଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲା ବେଳେ ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟପକ୍ଷରେ ୱାଇଆରସି କୋଅର୍ଡିନେଟର ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଏହି ଶିବିରକୁ ପରିଚାଳନା କରିଥିବା ବେଳେ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ ୟୁନିଟର ରୋଭର ଲିଡର ଅଧ୍ୟାପକ ଆତ୍ମପ୍ରକାଶ ନାୟକଙ୍କ ସମେତ ୱାଇଆରସି ଭଲ୍ୟୁଣ୍ଟରସ୍ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

# ପ୍ରିମିଅର ଲିଗ୍ କ୍ରିକେଟ : ପଲାଇ ଚାମ୍ପିଅନ

ବାଲିଚନ୍ଦ୍ରପୁର, (ସବ୍ୟୁ): କାଳିଅଣ୍ଠିଠାରେ ଆୟୋଜିତ ଦିବ୍ୟଜ୍ୟୋତି କ୍ରିକେଟ କ୍ଲବ ପ୍ରିମିଅର ଲିଗ୍ ମ୍ୟାଚରେ ପଲାଇର ମା ମଙ୍ଗଳା କ୍ରିକେଟ କ୍ଲବ ଚମ୍ପିଆନ ହୋଇଛି । ଆୟୋଜିତ ଫାଇନାଲ ମ୍ୟାଚ୍‌ରେ ପଲାଇ ଦଳ ମାହାଙ୍ଗାର ଧଉଳିଆ କ୍ରିକେଟ କ୍ଲବକୁ ୮ ଉଇକେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ ।



୬ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ଧଉଳିଆ ଦଳ ବ୍ୟାଟିଂ କରି ୨୪ ରନ୍ କରିଥିଲାବେଳେ ମା ମଙ୍ଗଳା ଦଳ ୩ ଓଭର ୨ ବଲ୍‌ରେ ଆବଶ୍ୟକୀୟ ରନ୍ ସଂଗ୍ରହ କରିଥିଲେ । ସମଗ୍ର ଲିଗ୍ ମ୍ୟାଚ୍‌ରେ ପଲାଇର ସୋରୀମ୍ୟରଂଜନ ଅଧିକ ରନ୍ ଓ ଅଧିକ ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ । ମୁଖ୍ୟଅତିଥି ପ୍ରଧାନଶିକ୍ଷକ ନିରଂଜନ ସାମଲ ବିଜୟୀ ଦଳର ଅଧିନାୟକ ପପୁ ଦାଶଙ୍କୁ ଚମ୍ପିୟାନ୍ ଟ୍ରଫି ସହିତ ଦଶହଜାର ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଟିମ୍‌ର ଦେବବ୍ରତ ସାମଲ, ଅଜୟ ସ୍ୱାଇଁ, ଗଗନ ସାମଲ, ଡାନିଏଲ ସାମଲ, ଦେବାଶିଷ ଦାଶ, ଅଜୟ ମଲ୍ଲିକ, ବାବୁ ସେଠୀ ଓ ତୁଷାରକାନ୍ତ ଦାଶ ପ୍ରମୁଖ ଦଳର ବିଜୟ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଅସ୍ତିତ୍ୱ ହରାଇବାକୁ ବସିଲାଣି ତାଳଦଣ୍ଡା କେନାଲ

ପାରାଦୀପ, (ଜିପ୍ର): ଜବରଦଖଲ କାରୀଙ୍କ କବଜାରେ ଏବେ ପାରାଦୀପର ଲାଇଫ ଲାଇନ ଦିନେ ବନ୍ଦର ନଗରୀ ପାଇଁ ଆର୍ଶୀବାଦ ପାଲଟିଥିବା ଏହି ଲାଇଫ ଲାଇନ ଏବେ ଅଭିଶାପ ପାଲଟିବାକୁ ବସିଲାଣି । ସଂକୁଚିତ ହେଲାଣି ଏହାର ଶରୀର । କବଜା କରି ବସିଲେଣି ଅନେକ ଅଂଶ । ନିଜର ସ୍ଥିତି ଆଉ ଅସ୍ତିତ୍ୱ ହରାଇବାକୁ ବସିଥିବା ପାରାଦୀପ ଲାଇଫ ଲାଇନ ପାଇଁ ଏବେ ଚିନ୍ତା ପ୍ରକଟ କଲେଣି ଅଞ୍ଚଳବାସୀ ନଅଙ୍କ ଦୁର୍ଭିକ୍ଷ ପରେ ଶ୍ରମ ବଦଳରେ କାମ ଯୋଜନାରେ ଇଂରେଜ ପ୍ରଶାସନ ପକ୍ଷରୁ କଟକ ଜୋବ୍ରା ଠାରୁ ଚଉମୁହାଣୀ ପର୍ଯ୍ୟନ୍ତ ପ୍ରଥମେ ଖୋଳା ଯାଇଥିଲା ଏହି କେନାଲ । ପରବର୍ତୀ ଅବସ୍ଥାରେ ୧୯୬୨ ମସିହାରେ ପାରାଦୀପ ବନ୍ଦରକୁ ଆଖି ଆଗରେ ରଖି ଜନସାଧାରଣଙ୍କୁ ଜଳ ଯୋଗାଣ ପାଇଁ ଚଉମୁହାଣୀ ଠାରୁ ପାରାଦୀପ ଅଠରବାଙ୍କୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଥିବା ତାଳଦଣ୍ଡା କେନାଲ ଏବେ ଜବରଦଖଲ କାରୀଙ୍କ କବଜାରେ ।



ସଂକୁଚିତ ଏବେ ଏହାର ପରିଧି । ହରାଇ ସାରିଲାଣି ସେ ନିଜର ଅସ୍ତିବ ଗଭୀରତାର ମାନଦଣ୍ଡରେ ଯିଏ ଦିନେ ଧାରଣ କ୍ଷମତାରେ ଥିଲା ଶ୍ରେଷ୍ଠ, ସେ ଆଜି ଅବକ୍ଷୟର ଦ୍ୱାରଦେଶରେ । ଏହି କେନାଲ କଡ଼ରେ କାଳକ୍ରମେ ୨୦୦୦ ମସିହା ପରଠାରୁ ଗଢି ଉଠିଛି ବିରାଟ ବସ୍ତି ।ବ ଆବଶ୍ୟକତାକୁ ଆଳ କରି ଲାଟିନ ମଠ, ମନ୍ଦିର , ଦୋକାନ ଘର କରିବା ସହ କେନାଲ ପୋତି କରୁଛନ୍ତି କୁକୁଡ଼ା ଚାଷ ଓ ପରିବା ଚାଷ । ପ୍ରତିଦିନ ଏହି କେନାଲରେ ମିଶୁଛି ହଜାରେ ଏଟିନରୁ ବାହାରୁଥିବା ମଇଳା ପାଣି । ଗୋଟେ ପଟେ ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଚାଲୁଥିବା ବେଳେ ମାଟି ଆଉ ଜିପସମ ଭିତରେ ଏହି କେନାଲ ନିଜର ପ୍ରସ୍ଥକୁ ହରାଇ ହରାଇ ଚାଲୁଛି ।ଆରପଟ ରାସ୍ତାର କଂକ୍ରିଟ ଆଁ ଭିତରେ ଲୀନ ହେବାକୁ ବସିଛି । ଏହି କେନାଲ ଲାଟିନ ମଇଳା ଭିତରେ ଦୈନନ୍ଦିନ ଏହା ପ୍ରଭାବିତ ଓ ପ୍ରଦୂଷଣ ଯୁକ୍ତ ହେବାକୁ ଲାଗିଛି ।

ଲୋକଙ୍କ ଆଶା ଓ ଭରସାର ପ୍ରତୀକ ସାଜିଥିବା ତାଳଦଣ୍ଡା କେନାଲ ଏବେ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟି ସାରିଛି । ପାରାଦୀପ ଅଞ୍ଚଳବାସୀଙ୍କ ପାଇଁ ଜଳ ଯୋଗାଣ ନିମନ୍ତେ ଏହା ଥିଲା ପ୍ରମୁଖ ବ୍ୟବସ୍ଥା ବନ୍ଦର ପ୍ରାଧିକରଣ ଏହି ଜଳକୁ ଶୋଧିତ କରି କଲୋନୀ ବାସୀଙ୍କୁ ଯୋଗାଇ ଆସୁଥିବା ବେଳେ ଆଗକୁ ଏହା କି ପରିସ୍ଥିତି ସୃଷ୍ଟି ହେବ ତାହାକୁ ନେଇ ସମସ୍ତେ ଚିନ୍ତାଶୀଳ ଦୁଇ ପାର୍ଶ୍ୱ ଏତେ ମାତ୍ରାରେ ଜବରଦଖଲ ଯେ ତାହା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରି ହେବନି । କିଛି ଦଲାଲ ଏହି କେନାଲ କଡରେ ଝୁମ୍ପୁଡି ଘର ବେଆଇନି ଭାବେ ନିର୍ମାଣ କରି ବାହାରୁ ଆସୁଥିବା ଶ୍ରମିକ ମାନଙ୍କୁ ଭଡା ସୂତ୍ରରେ ଦେଇ ପ୍ରତି ମାସରେ ହଜାର ହଜାର ତାଙ୍କ ନିଜ ପକେଟରେ ପୁରାଉ ଥିବା ବେଳେ ଖୁବ ଶୀଘ୍ର ବେଆଇନ ଝୁମ୍ପୁଡି ଭଂଗାଯିବ ବୋଲି କହିଛନ୍ତି କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ।

ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିବା ଏହି କେନାଲର ପୁନଃ ଉଦ୍ଧାର ନିମନ୍ତେ ସରକାରଙ୍କୁ ଦୁଇଥର ପ୍ରସ୍ତାବ ଯାଇଥିଲେ ସୁଦ୍ଧା କିଛି ନିର୍ଦ୍ଦେଶ ଆସୁନଥିବା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଜଣେ ବିଭାଗୀୟ ଅଧିକାରୀ ବେଳ ଥାଉଁ ଥାଉଁ ପ୍ରଶାସନ ପକ୍ଷରୁ ଯଦି ଜବରଦଖଲ ଉଚ୍ଛେଦ କରାନଯାଏ ତେବେ ଆଗକୁ ଏହା ପ୍ରଶାସନର ବିଣ୍ଡ ବିନ୍ଧାର କାରଣ ନ ହେବ ତାହା କିଏ କହିବା ।

# ନାବାଳିକା ଜନ୍ମଦେଲା ମୃତ ଶିଶୁ : ଖୋଳତାଡ ବେଳେ ଅଭିଯୁକ୍ତ ଫେରାର

ପାଣିକୋଇଲି, (ସବ୍ୟ): ୧୫ ବର୍ଷିୟା ନାବାଳିକା ଯାଜପୁର ମେଡିକାଲରେ ମୃତ ସନ୍ତାନ ସନ୍ତାନ ଜନ୍ମ ଦେଇ ଚିକିସିତ ଅବସ୍ଥାରେ ଅଛି। ପାଣିକୋଇଲି ଅଂଗନବାଡି କେନ୍ଦ୍ରର କର୍ମୀ ସୌଦାମିନୀ ସାହୁ ସୁପରଭାଇଜର ଜରିଆରେ ସିଡିପିଓଙ୍କୁ ଲିଖିତଭାବେ ଜଣାଇବା ପରେ ସିଡିପିଓ ଶାନ୍ତିଲତା ବେସ୍ରା ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି।ଏନେଇ ପୁଲିସ ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ନାବାଳକ ପୁଅ ଫେରାର ଅଛି। ପାଣିକୋଇଲି ପାଟସାହିର ଜଣେ ୧୬ ବର୍ଷିୟ ନାବାଳକ କରଦା ପଞ୍ଚାୟତ ପଳସା ଗ୍ରାମର ଜଣେ ନାବଳିକାକୁ ପ୍ରେମ ବିବାହ କରି ଆଣି ଘରେ ରଖିଥିଲା।

ଗତ ୨୦୨୬ ଜାନୁଆରୀ ୧୩ ତାରିଖ ଅଳତିରି ଅଂଗନବାଡି କେନ୍ଦ୍ରରେ ଇଂଜେକସନ ନେଇଥିବା ବେଳେ ଫେବୃଆରୀ ୩ ତାରିଖ ନାବାଳିକା ଗର୍ଭବତୀ ହୋଇ ଇଂଜେକସନ ନେବାକୁ ଅଂଗନବାଡି କେନ୍ଦ୍ରକୁ ଆସିବାରୁ ଜନ୍ମ ତାରିଖରୁ ଘଟଣା ଜଣାପଡିଥିଲା। ହେଲେ ଏଦିଗରେ ସମସ୍ତେ ଚୁପ ରହିଥିଲେ। ନାବଳିକାର ମୃତ ସନ୍ତାନ ଜନ୍ମ ହେବା ପରେ ପୁଲିସ ଯାଜପୁର ମୁଖ୍ୟ ଚିକିସାଳୟରେ ପହଂଚି ନାବାଳିକାର ବୟାନ ନେବା ସହ ତଦନ୍ତ କରୁଛି। ଅପରପକ୍ଷେ ପ୍ରତ୍ୟକ ଆଦିବାସୀ ସାହିରେ ନାବାଳକ ଓ ନାବଳିକ ବିବାହ ଜାରି ରହିଛି।

ଏ ଦିଗରେ ପ୍ରଶାସନ କିଛି ଜାଣିପାରୁନି। ମେଡିକାଲ ଗଲେ ବା ଅଂଗନବାଡିକୁ ଗଲେ ତାହା ଜଣାପଡୁଛି। ଯେଉଁମାନେ ଘରେ ପ୍ରସବ କରୁଛନ୍ତି ସେ ସମ୍ପର୍କରେ ତଥ୍ୟ କେହି ଜାଣିପାରୁ ନାହାନ୍ତି। ପ୍ରତ୍ୟେକ ଆଦିବାସୀ ବସ୍ତିକୁ ଯାଂଚ କଲେ ଅନେକ ଏଭଳି ଘଟଣା ନଜରକୁ ଆସିବା ସହ କାର୍ଯ୍ୟାନୁଷ୍ଠାନ ଭୟରେ ଏଭଳି ଘଟଣାର ପୁନଃରାବୃତି ଘଟିବ ନାହିଁ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି।

# ଏସପିଙ୍କୁ ଭେଟିଲେ ବିଜେଡି ଜିଲ୍ଲା ନେତୃମଣ୍ଡଳୀ



ପାଣିକୋଇଲି, (ସବ୍ୟ): ଯାଜପୁର ଜିଲ୍ଲାରେ ଦିନକୁ ଦିନ ଆଇନ ଶୃଂଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଆଇନ ଶୃଂଖଳାକୁ ନେଇ ଜିଲ୍ଲାର ସାଧାରଣ ଲୋକ ଭୟ ଓ ଆଶଙ୍କାରେ ଗତି କରୁଛନ୍ତି। ବିଜେଡ଼ି କର୍ମୀମାନଙ୍କୁ ବିନା ଦୋଷରେ ଗିରଫ କରାଯାଉଛି। ତାର ପ୍ରତିବାଦରେ ଜିଲ୍ଲା ବିଜେଡି ବରିଷ୍ଠ ନେତୃମଣ୍ଡଳୀ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିବା ସହ ଆଇନଶୃଂଖଳା ରକ୍ଷା ଦିଗରେ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ପରବର୍ତୀ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି। ବିରୋଧି ଦଳ ମୁଖ୍ୟସଚେତକ ତଥା ବିଂଝାରପୁର ବିଧାୟିକା ଶ୍ରୀମତୀ ପ୍ରମିଳା ମଲିକ, ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ, ପୂର୍ବତନ ସାଂସଦ ଶ୍ରମତୀ ଶର୍ମିଷ୍ଠା ସେଠୀ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ,ପୂର୍ବତନ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରିତୀ ରଂଜନ ଘଡାଇ, ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ବଡଚଣା ବିଜେଡି ନେତା ରାଜନାରାୟଣ ମହାପାତ୍ର, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର,ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ପ୍ରତାପ ମହାନ୍ତି ପ୍ରମୁଖ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ଜନ ଅଭିଯୋଗ ଶୁଣାଣି ଶିବିର ଆଗରେ ଚାଷୀଙ୍କ ଆନ୍ଦୋଳନ



ନାଉଗାଁ, (ସବ୍ୟ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଉପସ୍ଥିତ ଉଚ୍ଚପଦସ୍ଥ ଅଧିକାରୀମାନେ ସାଧାରଣ ଲୋକଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ। ବୁଧବାର ଦିନ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ଥିଲା।

ବ୍ୟକ୍ତିଗତ ଅଭିଯୋଗମାନଙ୍କ ମଧ୍ୟରେ ରାସନ କାର୍ଡ ସମସ୍ୟା ୨ଟି, ଆବାସ ଯୋଜନା ସମ୍ପର୍କୀୟ ୮ଟି, ଜମିଜମା ସମସ୍ୟା ୧୨ଟି, ପୋଲିସ ସହାୟତା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗ ରହିଥିଲା । ଏହାମଧ୍ୟରୁ ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନାଉଗାଁ ବ୍ଲକ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡ଼ା, ତହସିଲଦାର ଅକ୍ଷୟ କୁମାର ବଡୁ ସହ ଅନ୍ୟାନ୍ୟ ଜିଲ୍ଲା ଓ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସମୟରେ ଧାନ ଟୋକନ ଜାରି ହୋଇ ଧାନ ଉଠାଣ ନ ହେବାକୁ ନେଇ ବ୍ଲକ କାର୍ଯ୍ୟାଳୟର ଅନୁଷ୍ଠିତ ଶିବିର ସମ୍ମୁଖରେ ଶତାଧିକ ଚାଷୀ ଧାରଣାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ ।

ଏହି ଆନ୍ଦୋଳନକୁ ନବନିର୍ମାଣ କୃଷକ ସଂଗଠନର ନେତା ଅଶୋକ ସ୍ୱାଇଁଙ୍କ ନେତୃତ୍ୱରେ ଚାଷୀନେତା କୈଳାଶ ପରିଡା, ବ୍ରହ୍ମାନନ୍ଦ ଲେଙ୍କା, ପ୍ରଫୁଲ୍ଲ ପରିଡ଼ା, ସୁନୀଲ ମାଟିଆ, କାଳନ୍ଦୀ ପରିଡ଼ା ସହ ଶହ ଶହ ସଂଖ୍ୟକ ଚାଷୀ ଅଂଶଗ୍ରହଣ କରିଥିଲେ । ଚାଷୀମାନେ ନିଜ ଦାବି ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରି ଜିଲ୍ଲା ଯୋଗାଣ ଅଧିକାରୀ ଜିତେନ୍ଦ୍ର କୁମାର ଟୁଡୁ ଓ ଉପ-ନିବନ୍ଧକ ଯୋଗେଶ ଚନ୍ଦ୍ର ଦାସଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଘେରାଉ କରିଥିଲେ । ପରେ ପ୍ରଶାସନ ପକ୍ଷରୁ ଦାବି ପୂରଣର ଆଶ୍ୱାସନ/ସମାଧାନ ମିଳିବା ପରେ ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ । ଏହି ଚାଷି ଆନ୍ଦୋଳନ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଜଗତସିଂହପୁର ,(ସବ୍ୟ): "ଓଡ଼ିଆ ପକ୍ଷ-୨୦୨୬' ପାଳନ ଅବସରରେ ବୁଧବାର ଦିନ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷା ଡ ଶ୍ରୀମତୀ ସୁଜାତା ଓତା ଉଦ୍‌ଘାଟନ କରିବା ସହିତ ଯୁବପିଢିଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ଏନ.ସି.ସି. କ୍ୟାଡେଟ, ରେଡକ୍ରସ ଏବଂ ଏନ.ଏସ.ଏସ ସ୍ୱେଚ୍ଛାସେବୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର ର ଅଫିସର ଓ କର୍ମଚାରୀ , ସ୍ୱୟଂଶାସିତ ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା । ଦିନକ ମଧ୍ୟରେ ୩୭ ୟୁନିଟ ରକ୍ତ ସଂଗ୍ରହ ହୋଇଛି ।

# ଜଗତସିଂହପୁର ଜିଲ୍ଲାରେ ୧୬ ଇନ୍ସପେକ୍ଟରଙ୍କ ବଦଳି ନିର୍ଦ୍ଦେଶ

ପାରାଦୀପ ,(ଜିପ୍ର) : ଜଗତସିଂହପୁର ଜିଲାର ବିଭିନ୍ନ ଥାନାରେ ଥିବା ଇନିସ୍ପେକଟରମାନଙ୍କ ବଦଳି ହୋଇଛି । ଜଗତସିଂହପୁର ଜିଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶ ମୁତାବକ ଏହି ବଦଳି କରାଯାଇଥିବା ଜଣାପଡିଛି । ନିର୍ଦ୍ଦେଶ ନମ୍ବର ୪୬୧/୦୬-୦୪-୨୦୨୬ ମୁତାବକ ବାଲିକୁଦା ଥାନାରେ ଥିବା ଇନିସ୍ପେକଟର ସୁଶାନ୍ତ କୁମାର ସାହୁଙ୍କୁ ଜଗତସିଂହପୁର ଥାନାର ଥାନା ଅଧିକାରୀ ଭାବେ ନୂତନ ଦାଇତ୍ୱ ମିଳିଥିବା ବେଳେ ଇନିସ୍ପେକଟର ସୁଜାତା ବେହେରାଙ୍କୁ ବିରିଡି ଥାନାରୁ ବାଲିକୁଦା ଥାନାକୁ ବଦଳି କରାଯାଇଛି । ଇନିସ୍ପେକଟର ବବିତା ଦେହୁରୀଙ୍କୁ ପାରାଦୀପ ସାମୁଦ୍ରିକ ଥାନାରୁ ପାରାଦୀପ ଆଦର୍ଶ ଥାନାକୁ ବଦଳି କରାଯାଇଥିବା ବେଳେ ପାରାଦୀପ ଆଦର୍ଶ ଥାନାର ଥାନା ଅଧିକାରୀ କାବୁଲି ବାରିକଙ୍କୁ ବିରିଡି ଥାନାକୁ ବଦଳି କରାଯାଇଛି । ଇନିସ୍ପେକଟର ବଂଶୀଧର ପ୍ରଧାନଙ୍କୁ କୁଜଙ୍ଗ ଥାନାରୁ ର୍ତିତୋଲ ଥାନାକୁ ବଦଳି କରାଯାଇଥିବା ବେଳେ ଇନିସ୍ପେକଟର ଶିବାଶିଷ ଦାସଙ୍କୁ କୃଷ୍ଣାନନ୍ଦପୁର ଥାନାରୁ କୁଜଙ୍ଗ ଥାନାକୁ ବଦଳି କରାଯାଇଛି । ଇନିସ୍ପେକଟର ପାର୍ଥ ପ୍ରତିମ ବେଉରାଙ୍କୁ ର୍ତିତୋଲ ଥାନାର ଅତିରିକ୍ତ ଥାନା ଅଧିକାରୀ ପଦରୁ ବଦଳି କରାଯାଇ ଏରସମା ଥାନାର ନୂତନ ଥାନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି ।

ଇନିସ୍ପେକଟର ସରୋଜକାନ୍ତ ସାମଲଙ୍କୁ ଜଗତସିଂହପୁର ଥାନାରୁ ବନ୍ଦର ସାମୁଦ୍ରିକ ଥାନାକୁ ବଦଳି କରାଯାଇଥିବା ବେଳେ ଇନିସ୍ପେକଟର ରଞ୍ଜନ କୁମାର ମାଝୀଙ୍କୁ ଏସାର ସେକସନରୁ କୃଷ୍ଣାନନ୍ଦପୁର ଥାନାକୁ ବଦଳି କରାଯାଇଛି । ଇନିସ୍ପେକଟର ସୁଶାନ୍ତ କୁମାର ସେଠୀଙ୍କୁ ରଘୁନାଥପୁର ଥାନାରୁ ଡିଆଇବି ଜଗତସିଂହପୁରକୁ, ଇନିସ୍ପେକଟର ପ୍ରଦୀପ୍ତ କୁମାର ସେଠୀଙ୍କୁ ର୍ତିତୋଲ ଥାନାରୁ ପାରାଦୀପ ସାମୁଦ୍ରିକ ଥାନାକୁ ମଧ୍ୟ ବଦଳି କରାଯାଇଛି । ଇନିସ୍ପେକଟର ପ୍ରେମଜୀତ ଦାସଙ୍କୁ ଏରସମା ଥାନାରୁ ରଘୁନାଥପୁର ଥାନା ଅଧିକାରୀ ଭାବେ ,ଇନିସ୍ପେକଟର ରଘୁନାଥ ଟୁଡୁଙ୍କୁ ବନ୍ଦର ସାମୁଦ୍ରିକ ଥାନାରୁ ର୍ତିତୋଲ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ,ଇନିସ୍ପେକଟର ସନ୍ତୋଷ କୁମାର ବଳଙ୍କୁ ସାଇବର ଥାନାରୁ ପାରାଦୀପ ଆଦର୍ଶ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ,ଇନିସ୍ପେକଟର ମନ୍ଦାକିନୀ ବିଶୋୟୀଙ୍କୁ ଆରଓ ମୁଖ୍ୟ କରାଜ୍ୟାଳୟରୁ ଜଗତସିଂହପୁର ସାଇବର ଥାନା ଓ ଇନିସ୍ପେକଟର ସ୍ନେହଲତା ପ୍ରଧାନଙ୍କୁ ସାଇବର ଥାନାରୁ ପାରାଦୀପ ଲକ ଥାନାର ଅତିରିକ୍ତ ଥାନା ଅଧିକାରିଣୀ ଦାଇତ୍ୱ ମିଳିଛି । ଜଗତସିଂହପୁର ଜିଲ୍ଲାରେ ନୂତନ ଭାବେ ଏସ୍ପି ଅଙ୍କିତ କୁମାର ବର୍ମା ଜିଲ୍ଲାର ଇନିସ୍ପେକଟର ମାନଙ୍କ ମଧ୍ୟରେ ଏକକାଳୀନ ବଡ ଧରଣର ବଦଳି କରିଥିବା ଜଣାପଡିଛି ।

# ଛାତ୍ରଛାତ୍ରୀଙ୍କୁ ପୋଲିସର ସଚେତନତା

କେନ୍ଦ୍ରାପଡା (ସବ୍ୟ): କେନ୍ଦ୍ରାପଡା ପିଏମଶ୍ରୀ ହାଇସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ପୋଲିସ୍‌ର କର୍ତ୍ତବ୍ୟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ହାଇସ୍କୁଲର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡାର ଡିଏସ୍‌ପି ତଥା ଏସ୍‌ପିସିର ନୋଡାଲ୍ ଅଫିସର୍ ଲକ୍ଷ୍ମୀ ନାରାୟଣ ତିଓ୍ୱାରୀ ମୁଖ୍ୟ ଅତିଥି, ସାଇବର୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ମୁଖ୍ୟବକ୍ତା, ସାଇବର୍ ଥାନାର ସ୍ୱତନ୍ତ୍ର ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ସମ୍ମାନୀତ ଅତିଥି, ଏସ୍‌ପିସିର ସଂଯୋଜକ ଝରଣା ପ୍ରଧାନ ସମ୍ମାନୀତ ଅତିଥି, ଇଚ୍ଛାପୁର ହାଇସ୍କୁଲର ଶିକ୍ଷୟିତ୍ରୀ ବୀଣାପାଣି ଦାଶ, କେନ୍ଦ୍ରାପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ମଦନ ମୋହନ କର ପ୍ରମୁଖ ଉପସ୍ଥିତ ହୋଇ ବର୍ତମାନ ସମାଜରେ ସାଇବର୍ ଅପରାଧ ବୃଦ୍ଧି ପାଉଥିବାରୁ ଏହାଠାରୁ ଛାତ୍ରଛାତ୍ରୀମାନେ ସତର୍କ ରହିବା ସହିତ କୌଣସି ଅପରାଧ କରିବା ପୂର୍ବରୁ ଚିନ୍ତା କରିବାର ଆବଶ୍ୟକ ରହିବା ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥି ସହିତ ମୋବାଇଲ୍‌ର ଦୁରୁପଯୋଗ ନ କରିବା, ପୋଲିସ୍‌ର କର୍ତ୍ତବ୍ୟ ଓ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଏକ ସଚେତନତା ରଥ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଜିଲ୍ଲାର ୪ଟି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

ଏସ୍‌ପିସିରେ ୨୨ ଜଣ ପୁଅ ଓ ୨୨ଜଣ ଝିଅଙ୍କୁ ନେଇ ଏସ୍‌ପିସି ଗଠନ କରାଯାଇଛି । ସଚେତନତା ଶୋଭାଯାତ୍ରା ସମୟରେ ଗାଡି ଚାଳକ ମାନଙ୍କୁ ହେଲେମେଟ୍ ପିନ୍ଧିବା, ନିୟମ ମାନି ଗାଡି ଚଳେଇବା, ନିଶାସକ୍ତ ଅବସ୍ଥାରେ ଗାଡି ନ ଧରିବା ଆଦି ସମ୍ପର୍କରେ ସ୍ଲୋଗାନ ମାନ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ବରିଷ୍ଠ ଶିକ୍ଷକ ପବିତ୍ର ମୋହନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମନୋଜ କୁମାର ପରିଜା ବାର୍ଷିକ ବିବରଣୀ ପାଠ କରିଥିଲେ । ସଭା ଶେଷରେ ପ୍ରକାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାମୁଯାତ୍ରାରେ ସହଯୋଗ ନେଇ ଶ୍ରମିକ ସଂଗଠନର ଆଲୋଚନା

ମହାକାଳପଡ଼ା, (ସବ୍ୟ) : ମା ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଶ୍ରମିକ ସଂଗଠନ ତରଫରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଦୁରଦୂରାନ୍ତରୁ ଝାମୁଯାତ୍ରାରେ ସାମିଲ ନେଇ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସହଯୋଗ ନେଇ ପ୍ରସ୍ତୁତି ବୈଠକ ବୁଧବାର ସଂଗଠନ ମହାକାଳପଡ଼ା ଶାଖା କାର୍ଯ୍ୟାଳୟ ପରିସର ସଭାପତି ଫକୀର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।



ବୈଠକରେ ସଂଗଠନର ଉପସଭାପତିଶେଖର ବେହେରା, ସମ୍ପାଦକ ଅଲେଖ ନାୟକ, ଆଡ଼ଭାଇଜର କମିଟି ମେମ୍ବର ରାଜକିଶୋର ମହାପାତ୍ର, ସଞ୍ଜୁଲତା ଦାସ, ପାର୍ବତୀ ବେହେରା ନିରଞ୍ଜନ ନାୟକ, ପ୍ରଦୀପ ମହାନ୍ତି ଆଦି ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଦିବଂଗତ ଆଡ଼ଭାଇଜର କମିଟି ମେମ୍ବର ଚନ୍ଦ୍ରମଣୀ ସାହୁ ଓ ଏକଜୁକୁଟିଭ ମେମ୍ବର ଚୈତନ୍ୟ ପ୍ରସାଦ ଦାସଙ୍କ ଅକାଳ ବିୟୋଗ ନେଇ ନିରବ ପ୍ରାର୍ଥନା କରାଯିବା ସହିତ ସ୍ୱର୍ଗୀୟ ଆତ୍ମା ର ସଦଗତି କାମନା କରାଯାଇଥିଲା । ପରେ ଓଡ଼ିଆ ନବବର୍ଷରେ ର୍ ରାମଚଣ୍ଡୀ ପୀଠରେ ଝସମୁଯାତ୍ରା ରେ ସହଯୋଗ ସହାୟତା ନେଇ ଆଲୋଚନା ହୋଇଥିଲା ।

ଏନେଇ ବିଷଦ ଆଲୋଚନା ପରେ ଅଂଚଳର ପ୍ରସିଦ୍ଧ ଦେବୀ ପୀଠରେ ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଶ୍ରମିକ ସଂଗଠନ ଶ୍ରଦ୍ଧାଳୁମାନଙ୍କୁ ପୂର୍ବାହ୍ନ ରେ ପୂର୍ବ ବର୍ଷ ଭଳି ଦହିସରବତ ଯୋଗାଇଦେବା ସହିତ ମଧ୍ୟାହ୍ନରୁ ପ୍ରସାଦ ସେବନ ବ୍ୟବସ୍ଥା କରିବା ନେଇ ନିଷ୍ପତ୍ତି ହୋଇଥିଲା ଝ ଝାମୁଯାତ୍ରା ରେ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସେବନ କରାଇଲେ ସଂଗଠନ ଉପରେ ମା'ଙ୍କ ଅଶେଷ କରୁଣା ରହିବ ବୋଲି ବୈଠକରେ ଉପସ୍ଥିତ ସଭ୍ୟ /ସଭ୍ୟା ଅଲେଖ ବେହେରା, ଚକ୍ରଧରଗୁରୁ ,ଦିଲ୍ଲୀପ ବାରିକ, ରାଜୁମଲ୍ଲିକ ନମିତା ମହାପାତ୍ର ଓ ବିପିନ ମଲ୍ଲିକ ଆଦି କହିଥିଲେ । ଶେଷର ସଭାପତି ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରି ଥିଲେ ।

# ଚଣ୍ଡିଖୋଲ ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ

ଚଣ୍ଡିଖୋଲ, (ସବ୍ୟ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ଥିବା ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବଡ଼ଚଣା ବୁଧବାର ଦିନ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଆଶିଷକୁମାର କାଡଜୀଙ୍କ ସଭାପତିତ୍ୱରେ ଏହୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତିର ଅଧକ୍ଷ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ,ବିପିଏମ ବିନୋଦ ବିହାରୀ ସାହୁ,ବିଇ ମନୋରମା ସ୍ୱାଇଁ ପ୍ରମୁଖ ଯୋଗଦେଇ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ସମ୍ପର୍କରେ ଆଲୋଚନା କରି ତାହାର ସମାଧାନ ପାଇଁ ନିଷ୍ପତ୍ତି ନେଇଥିଲେ । ଆୟୁଷ ଡାକ୍ତର ଲିନା ପଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଫାର୍ମାସିଷ୍ଟ ସଂଯୁକ୍ତା ଧଳ ବିବରଣୀ ପାଠ କରିଥିଲେ ।

କମିଟିର ଅନ୍ୟତମ ସଦସ୍ୟ ମସିର ଆଲାମ, ମୋହନ ଖିଲାର, ଦୀନବନ୍ଧୁ ନାୟକ,ଏସ.କେ. ସବୀର ଉଦିନ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରର ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଆଲୋଚନା ପରେ ଏଠାରେ ଡାକ୍ତରଙ୍କ ପାଇଁ ଓ ଔଷଧ ବିତରଣ ପାଇଁ ସ୍ୱତନ୍ତ୍ର କୋଠରୀ ବ୍ୟବସ୍ଥା ହେବାକୁ ନିଷ୍ପତ୍ତି ହେବା ସାଙ୍ଗକୁ ପରୀକ୍ଷାଗାର,ଆବର୍ଜନା କୁଣ୍ଡ, ସାଇନବୋର୍ଡ,କୟାକଳ୍ପ ପାଇଁ ଆନୁ ସଙ୍ଗିକ କାର୍ଯ୍ୟ ସହିତ ଏଠାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତି ସହ ସପ୍ତାହରେ ଡାକ୍ତରଖାନାକୁ ଅତିକମରେ ଡାକ୍ତର ତିନିଦିନ ଆସି ରୋଗିସେବା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । କାର୍ଯ୍ୟକ୍ରମରେ କେନ୍ଦ୍ରର କର୍ମଚାରୀ ସରୋଜିନୀ ରାଉତ, ସ୍ୱପ୍ନାରାଣୀ ଦଳାଇ, ରାକେଶ ରଣା, ହିମାଂଶୁ ଶେଖର ମଲିକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଫାର୍ମାସିଷ୍ଟ ସଂଯୁକ୍ତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକ ଅଭାବ, ଜିଲ୍ଲାପାଳଙ୍କୁ ଭେଟିଲେ ଅଭିଭାବକ

କେନ୍ଦ୍ରାପଡା (ସବ୍ୟ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ହାଇସ୍କୁଲରେ ଦୀର୍ଘଦିନ ହେଲା ଶିକ୍ଷକ/ଶିକ୍ଷୟିତ୍ରୀ ଅଭାବ ଥିବାରୁ ଛାତ୍ରଛାତ୍ରୀମାନେ ପାଠପଢାରୁ ବଂଚିତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିକଟରେ ପ୍ରଧାନ ଶିକ୍ଷକଙ୍କ ଅବସର ପରେ ମାତ୍ର ଜଣେ ଶିକ୍ଷୟିତ୍ରୀ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡିଛି । ଏ ନେଇ ପୂର୍ବତନ ସରପଂଚ ତଥା ସମାଜସେବୀ ରାଜନ ପ୍ରସାଦ ଥାଟୋଇଙ୍କ ନେତୃତ୍ୱରେ ପ୍ରସନ୍ନଜିତ ପଣ୍ଡା, ପିତାମ୍ବର ସାହୁ, ଗନ୍ଧର୍ବ ଦାସ, ବାବାଜୀ ଜେନା, ଆଇନ୍‌ଜିବୀ ନିରଞ୍ଜନ ବଳ, ପ୍ରମୋଦ ମଲ୍ଲିକ, ଗୋଲଖ ଜେନା, ସମିତି ସଭ୍ୟ ଅକ୍ଷୟ କୁମାର ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ହାଇସ୍କୁଲରେ ତୁରନ୍ତ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାପାଇଁ ଦାବି କରିବା ସହିତ ହାଇସ୍କୁଲର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

# ଫାର୍ମାସୀ ଏଣ୍ଡ ଟେକ୍ନୋଲୋଜି କଲେଜର ବାର୍ଷିକୋତ୍ସବ

ସାଲେପୁର, (ସବ୍ୟ): ସ୍ଥାନୀୟ ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ ଏଣ୍ଡ ଟେକ୍ନୋଲୋଜିର ବୁଦବାର ଦିନ ୪୩ ତମ ବାର୍ଷିକୋତ୍ସବ ରେଗେନୋଭା ଟୁକେ ୨୬ ଅନୁଷ୍ଠିତ ହୋଇଯାଇଅଛି । କଲେଜର ଅଧକ୍ଷ ପ୍ରଫେସର ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କର ପୌରହିତ୍ୟରେରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମନୋରଞ୍ଜନ ପାଣିଗ୍ରାହୀ,ଅବସରପ୍ରାପ୍ତ ମୁଖ୍ୟ ଅଧକ୍ଷ, ଆୟୁକ୍ତ ଆୟକର ବିଭାଗ,ଓଡିଶା, ମୁଖ୍ୟ ବକ୍ତା ଭାବରେୟୁ. ଏନ. ସ୍ୱୟଂଶାସିତ ମହାବିଦ୍ୟାଳୟ,ଅଡଶପୁର ର ପୋଷ୍ଟ ଗ୍ରାଜୁଏଟ ଇତିହାସ ବିଭାଗ ପ୍ରଫେସର ଡ଼ଃ ଖାରବେଳ ମହାନ୍ତି ଯୋଗଦେଇ ଫାର୍ମାସୀ ବିଭାଗର ଭୂମିକା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହି ଗୁରୁ ଶିଷ୍ୟ ମାନଙ୍କର ନିବି ସମ୍ପର୍କ ବିଷୟ ବସ୍ତୁ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ ବିଶିଷ୍ଟ ଅତିଥି ରୂପେ ଡ଼ଃ ପିୟୁଷ ପଟ୍ଟନାୟକ, ମୁଖ୍ୟ ଆୟୁକ୍ତ ଗ୍ରାହକ ସେବା କେନ୍ଦ୍ର ଯୋଗ ଦେଇ ସେବା ଓ କର୍ମ ହିଁ ମାନବ ଜୀବନର ପରମ ଧର୍ମ ବୋଲି କହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ଅବସରରେ ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ଦେବୀ ପ୍ରସାଦ ଦାସ, ସମ୍ପାଦକ ରବୀନ୍ଦ୍ର ନାଥ କର, ସଭ୍ୟ ଭରତ ଭୂଷଣ ପଟ୍ଟନାୟକ, ଭକ୍ତ ବଲ୍ଲଭ ଦାସ ଓ ନରେନ୍ଦ୍ର ସାଇଁ ପ୍ରମୁଖ ଉପସ୍ଥିତ ରହି କଲେଜର ଭିତ୍ତି ଭୂମି ଓ ବିକାଶ ପାଇଁ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଦେଇ ନିଜ ନିଜ ଅଭିଭାଷଣ ରଖିଥିଲେ । ସର୍ବପ୍ରଥମେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା ।ଅଧକ୍ଷ ଡ. ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧାପିକା ଶ୍ୟାମଳୀ ଶତପଥୀ ଓ ରୀତିକା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ଉପରକୁ ଆମନ୍ତ୍ରିତ କରିଥିଲେ ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡାରେ ପାରଦର୍ଶିତା ହାସଲ କରିଥିବା ତଥା ଜାତୀୟ ଓ ରାଜ୍ୟ ସ୍ତରରେ କୃତୀ ଫାର୍ମାସୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହାସହିତ ଅନୁଷ୍ଠାନର ଅଧାପକ ଆସୋସିଏଟ ପ୍ରଫେସର ଡ. ଅମରେଶ ଚନ୍ଦ୍ର ସାହୁ ଓ ବରିଷ୍ଠ ଲାବୋରେଟୋରୀ ସହାୟକ ନରେନ୍ଦ୍ର କୁମାର ମିଶ୍ରଙ୍କୁ ନିର୍ମଳା ଜୟଶ୍ରୀ ମେମୋରିଆଲ ଆୱାର୍ଡ ଶ୍ରେଷ୍ଠ ଶିକ୍ଷକ ଓ କର୍ମଚାରୀ ପୁରସ୍କାର ସମ୍ମାନ ପ୍ରଦାନ କରାଯାଇଥିଲା ।

ଏହି ଅବସରରେ କଲେଜ ପରିଚାଳନା କମିଟି ତରଫରୁ ଅତିଥି ମାନଙ୍କୁ ଉତ୍ତରୀୟ ଏବଂ ମୋମେଣ୍ଟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ବାର୍ଷିକୋତ୍ସବର ମୁଖ୍ୟ ପରିଚାଳକ ଆସୋସିଏଟ ପ୍ରଫେସର ଡ଼ଃ ପ୍ରଭାତ କୁମାର ସାହୁ କାର୍ଯ୍ୟକ୍ରମକୁ ସୂଚାରୁ ଭାବେ ପରିଚାଳନା କରିବା ସହିତ ପରିଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପାରାଦୀପ ବନ୍ଦର ଷଷ୍ଠ ଆନ୍ତଃ-ବିଭାଗ, ପଞ୍ଚମ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା

ପାରାଦୀପ, (ଜିପ୍ର) : ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ତତ୍ତ୍ୱାବଧାନରେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ବୁଧବାର ଦିନ ଷଷ୍ଠ ଆନ୍ତଃ-ବିଭାଗ କ୍ରିକେଟ ପ୍ରତିଯୋଗିତା ଏବଂ ପଞ୍ଚମ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ୨୦୨୬ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହରେ ପିପିଏର ଉପାଧ୍ୟକ୍ଷ ଟି. ଭେଣୁ ଗୋପାଳ, ପିପିଏର ପରାମର୍ଶଦାତା (ଟ୍ରାଫିକ) ଏ.କେ. ବୋଷ, ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ସେ ଦଳଗତ କାର୍ଯ୍ୟ, ଏକତା ଏବଂ କ୍ରୀଡ଼ା ମନୋଭାବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।



ଏହି ଆନ୍ତଃ-ବିଭାଗ ଟୁର୍ଣ୍ଣାମେଣ୍ଟ ପ୍ରଶାସନ, ସତର୍କତା, ଅର୍ଥ, ଇଞ୍ଜିନିୟରିଂ, ଚିକିତ୍ସା, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ, ଟ୍ରାଫିକ ଏବଂ ମେରାଇନ ସମେତ ବିଭିନ୍ନ ବିଭାଗ ଉତ୍ସାହଜନକ ଅଂଶଗ୍ରହଣ କରୁଛନ୍ତି। କର୍ପୋରେଟ ଟୁର୍ଣ୍ଣାମେଣ୍ଟରେ ଆଇଓସିଏଲ , ଇଫକୋ , ଆଦାନୀ ଓ୍ୱିଲମାର, ଭାରତୀୟ ତଟରକ୍ଷୀ ବାହିନୀ, ପାରାଦୀପ ପୋଲିସ, ରେଳବାଇ (ପାରାଦୀପ) ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଭଳି ପ୍ରମୁଖ ସଂଗଠନର ଦଳଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି । ଗୋପବନ୍ଧୁ କ୍ରୀଡା ସଂସଦ ଦ୍ୱାରା ଆୟୋଜିତ, ସନ୍ଧ୍ୟାରେ ଫ୍ଲଡ ଲାଇଟ ତଳେ ଅନୁଷ୍ଠିତ ହେଉଛି । ଆନ୍ତଃ-ବିଭାଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୩ ରେ ଶେଷ ହେବ, ଯେତେବେଳେ ଆନ୍ତଃ-ବିଭାଗ ଏବଂ କର୍ପୋରେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ମିଳିତ ବିଦାୟ ସମାରୋହ ୧୯ ଏପ୍ରିଲ ୨୦୨୬ରେ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟ ଶ୍ରୀ ଏଚ.ଏସ. ରାଉତ, ମୁଖ୍ୟ ଇଞ୍ଜିନିୟର ଏବଂ ସଭାପତି, ଏବଂ ଡକଫର ଡି.ପି. ସେଠି, ବରିଷ୍ଠ ଉପ-ସିଏମଓ ଏବଂ କାର୍ଯ୍ୟକାରୀ ସଭାପତିଙ୍କ ନେତୃତ୍ୱରେ ପରିଚାଳିତ ହେଉଛି । ଏହି ପ୍ରତିଷ୍ଠିତ କ୍ରୀଡା ପ୍ରତିଯୋଗିତାକୁ ସଫଳ ଆୟୋଜନ କରିବାରେ ସେମାନଙ୍କର ସାମୂହିକ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସମସ୍ତ ବିଭାଗର କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି ।

# ପୂର୍ବ ବିବାଦକୁ ନେଇ ମୁଣ୍ଡ ପିଟାପିଟି,୫ଗିରଫ

ବାରଙ୍ଗ ,(ସବ୍ୟୁ): ପୂର୍ବ ବିବାଦକୁ କେନ୍ଦ୍ର କରି ଏକ ଘରୋଇ ପରିବହନ କମ୍ପାନୀ ଫାଟକ ଆଗରେ ମାରଧର ହୋଇ ମୁଣ୍ଡ ଫଟାଫଟି ହେବା ଘଟଣାରେ ଚନ୍ଦକା ପୋଲିସ ଦୁଇଟି ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।ସେମାନେ ହେଲେ ମେଣ୍ଢାଶାଳ ଗ୍ରାମରଅମିତ କୁମାର ପାଣ୍ଡବ(୨୩)ସୋମନାଥ ଭୋଇ(୨୨) ଓ ଓମ ପ୍ରକାଶ ପାତ୍ର(୨୧) ଗିରିଙ୍ଗାପୁଟ ଗ୍ରାମର ଦୀପକ ସାହୁ(୩୨) ଓ ଚକ୍ରଧର ବେହେରା(୪୬)। ପ୍ରକାଶ ଯେ, ଗିରିଙ୍ଗାପୁଟ ଗ୍ରାମର ଚନ୍ଦ୍ରକାନ୍ତ ବେହେରା କରିଥିବା ଅଭିଯୋଗ ଅନୁଯାୟୀ ଗାଁ ପାଖରେ ଥିବା ସେଫ ଏକ୍ସପ୍ରେସ ପ୍ରାଇଭେଟ ଲିମିଟେଡ ହବ ନଂ-୪୬ରେ ସେ କାମ କରୁଥିବା ବେଳେ ଗତ ୧୫ ଦିନ ଆଗରୁ ମୂଲ୍ୟବାନ ସାମଗ୍ରୀ ବୋଝେଇ ତାଙ୍କ ଗାଡ଼ି ପାଖରେ ଅନ୍ୟ ହବରେ କାମ କରୁଥିବା ମେଣ୍ଢାଶାଳ ଗ୍ରାମର ଅମିତ କୁମାର ପାଣ୍ଡବ ଓ ତାର ସହଯୋଗୀ ମାନେ ଆସି ନିଶା ସେବନ କରୁଥିଲେ।ଏହାକୁ ଚନ୍ଦ୍ରକାନ୍ତ ବିରୋଧ କରିବା ସହ ତାଙ୍କର ସୁପରଭାଇଜରଙ୍କୁ ଏହା ସମ୍ପର୍କରେ ଅବଗତ କରାଇଥିଲେ। ଏହି କାରଣରୁ ଅମିତ କୁମାର ପାଣ୍ଡବ ଓ ତାର ସହଯୋଗୀମାନେ ଚନ୍ଦ୍ରକାନ୍ତଙ୍କୁ ଟାର୍ଗେଟ କରିଥିଲେ।ବୁଧବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଚନ୍ଦ୍ରକାନ୍ତ ଲୋଡିଂ ପାଇଁ ଗାଡ଼ି ପାର୍କିଂ କରି ସେଫ ଏକ୍ସପ୍ରେସ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଥିବା ବେଳେଅମିତ କୁମାର ପାଣ୍ଡବ ଓ ତାର ସହଯୋଗୀମାନେ ପଥର ଏବଂ ହେଲମେଟ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିବାରୁ ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଏକାଠି ହେବାରୁ ଏମାନେ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ ବୋଲି ଅଭିଯୋଗ କରିଥିଲେ।ପୋଲିସ ଚନ୍ଦ୍ରକାନ୍ତଙ୍କ ଅଭିଯୋଗ ଆଧାରରେ କେଶ ନଂ ୧୮୭/୨୬ ରେ ଏକ ମକଦ୍ଦମା ରୁଜୁ କରିଥିଲା।ଅନ୍ୟପଟେ ମେଣ୍ଢାଶାଳ ଗ୍ରାମର ଅମିତ କୁମାର ପାଣ୍ଡବ କରିଥିବା ଅଭିଯୋଗ ଅନୁଯାୟୀ ଚନ୍ଦ୍ରକାନ୍ତ ଓ ତାର ସହଯୋଗୀ ମାନେ କମ୍ପାନୀ ପରିସରରେ ନିଶା ସେବନ ସମ୍ପର୍କରେ ତାଙ୍କ ବିରୁଦ୍ଧରେ ଗୁଜବ ପ୍ରଚାର କରୁଥିଲେ। ପଚରାଉଚରା ସମୟରେ ଚନ୍ଦ୍ରକାନ୍ତ ଓ ତାର ସହଯୋଗୀ ତାଙ୍କୁ ଏବଂ ତାଙ୍କ ଭାଇଙ୍କୁ ଆକ୍ରମଣ କରିବାରୁ ମୁଣ୍ଡରେ ଆଘାତ ଲାଗିଥିଲା ବୋଲି ଅଭିଯୋଗରେ ଦର୍ଶାଇଥିଲେ।ପୋଲିସ କେଶ ନଂ ୧୮୭/୨୬ରେ ଏକ ମାମଲା ରୁଜୁ କରିଥିଲା।ଉଭୟ ମାମଲାର ତଦନ୍ତ ସମୟରେ ପୁଲିସ ଘଟଣାସ୍ଥଳରୁ ଅପରାଧରେ ବ୍ୟବହୃତ ପଥର ଜବତ କରିଥିଲେ ଏବଂ ଆହତ ବ୍ୟକ୍ତିମାନଙ୍କୁ ହସ୍ପିଟାଲକୁ ପଠାଇଥିଲା।ପୋଲିସ ତଦନ୍ତ ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଥିବା ବିବାଦରୁ ଏହି ଘଟଣା ଘଟିଥିଲା ବୋଲିଜାଣିବାକୁ ପାଇଥିଲା। ବୁଧବାର ଦିନି ଉଭୟ ପକ୍ଷର ୫ଜଣଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି।

## କୁଳନ୍ତିରାରୁ ହରିଣ ଉଦ୍ଧାର

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ରେଞ୍ଜ ଅଧୀନ କୁଳନ୍ତିରା ବାଗିଲ ନାୟକ ସାହି ନିକଟରୁ ମଙ୍ଗଳଳବାର ଦିନ ଗ୍ରାମବାସୀ ଏକ ଆହତ ହରିଣକୁ ଉଦ୍ଧାର କରି ସ୍ଥାନୀୟ ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ବାଗିଲ ଗାଁ ଆଡକୁ ଏକ ହରିଣ ଦୌଡ଼ି ଆସୁଥିବା ଦେଖି ଗାଁ ଲୋକ ତାକୁ ପିଛା କରିଥିଲେ। ତାକୁ ଧରିବାକୁ ଚେଷ୍ଟା କରିବାରୁ ହରିଣ ଏକ ପୋଖରୀକୁ ଡେଇଁ ପଡିଥିଲା। ଗାଁ ଯୁବକମାନେ ତାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ ।ଜୀବଟି ଆହତ ଥିବାରୁ ତାର ଚିକିତ୍ସା କରି ଜଙ୍ଗଲରେ ଛ ବିନ ବିଭାଗ କର୍ମଚାରୀ କହିଛନ୍ତି। ହରିଣଟି ନିକଟସ୍ଥ ଭଅଁରା ସଂରକ୍ଷିତ ଜଙ୍ଗଲ କିମ୍ବା କୋଣାର୍କ -ପୁରୀ ସଂରକ୍ଷିତ ଜଙ୍ଗଲରୁ ବାଟ ବଣା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି ।

# ମା'-ବାପା କୋଳରୁ୪ ମାସର ଶିଶୁପୁତ୍ର ଚୋରି



ନିରାକାରପୁର,(ସବ୍ୟୁ) ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା କ୍ରମରେ ଜଣେ ୪ ମାସର ଶିଶୁପୁତ୍ର ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାଟି ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ରେଳବାଇ ଷ୍ଟେସନ ୩ ନଂ ପ୍ଲାଟଫର୍ମରେ ଘଟିଛି।ସୂଚନା ମୁତାବକ, ନୟାଗଡ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମ ପ୍ରଶାନ୍ତ କୁମାର ପ୍ରଧାନ ଓ ତାଙ୍କ ପତ୍ନୀ ଚିନୁଲତା ପରିଡ଼ା ନିଜର ୪ ମାସର ଶିଶୁପୁତ୍ର ସହ ମଙ୍ଗଳବାର ରାତିରେ ବ୍ରହ୍ମପୁର - ଭୁବନେଶ୍ୱର ଡିଏମୟୁ ଆସି ପ୍ଲାଟଫର୍ମ ୩ ନଂ ରେ ପୁଅକୁ ଧରି ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ଶିଶୁଟି ପାଖରେ ନଥିବା ଦେଖି ବାପା ମାଆ ଚିନ୍ତାରେ ପଡ଼ିଯାଇଥିଲେ ଏବଂ ଚାରିଆଡ଼େ ଖୋଜାଖୋଜି କରିଥିଲେ।ଏହି ସମ୍ପର୍କରେ ସେମାନେ ସ୍ଥାନୀୟ ନିରାକାରପୁର ରେଳବାଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ନିଜର କୋମଳମତି ଶିଶୁଙ୍କୁ ଫେରି ପାଇବା ପାଇଁ ପୋଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି ।ବାପା ମାଆ ଏବେ ଆକୁଳ ନିବେଦନ କରିବା ସହ ପ୍ରଶାସନର ସାହାଯ୍ୟ ଭିକ୍ଷା କରିଛନ୍ତି। କୁନି ପୁଅକୁ କେହି ଚୋରି କରି ନେଇଛି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ତାହା ପୋଲିସର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ବର୍ତ୍ତମାନ ସୁଦ୍ଧା ଶିଶୁଟିର କୌଣସି ସନ୍ଧାନ ମିଳିପାରି ନାହିଁ। ନିରାକାରପୁର ରେଳ ଷ୍ଟେସନରେ ସିସିଟିଭି କ୍ୟାମେରା ଲଗାଇବାକୁ ବାରମ୍ବାର ଦାବି ହେଇଥିଲେ ବି ଏହା ନ ଲାଗିବାରୁ ଅନେକ ସମୟରେ ଘଟୁଥିବା ଘଟଣା ଜଣାପଡୁନାହିଁ

# ଆଲୋକି କରଣ ପ୍ରକଳ୍ପ , ନୂତନ ସର୍ଭିସ ରୋଡ ଲୋକାର୍ପିତ



ଫୁଲନଖରା,(ସବ୍ୟୁ): ଟକ ସଦର ଅଞ୍ଚଳର ଉନ୍ନତିରେ ଆଉ ଏକ ସୁନେଲି ଅଧ୍ୟାୟ ଯୋଗ ହୋଇଛି । ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ଫୁଲନଖରା ଛକ ଠାରୁ ନୂଆ କାଚରାମାଳ ପର୍ଯ୍ୟନ୍ତ ନିର୍ମିତ ନୂତନ ସର୍ଭିସ ରୋଡ ଓ ଆଲୋକିକରଣ ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ଅଢ଼େଇ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଯାତାୟାତ ସୁବିଧା ସହିତ ସୁରକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ ଦେଇଛି। ଏହି ଶୁଭ ଅବସରରେ କଟକ ସଦରର ଜନପ୍ରିୟ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଉଦଘାଟକ ଭାବେ ଯୋଗଦେଇ ଅଞ୍ଚଳବାସୀଙ୍କ ମନରେ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲେ।ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ମମତା ମହାନ୍ତିଙ୍କ ଭୂମିକା ଅତ୍ୟନ୍ତ ସ୍ତୁତ୍ୟ ଓ ସ୍ମରଣୀୟ। ବରିଷ୍ଠ ସମାଜସେବୀ ସାଧୀନ ଚେତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ଗୋପାଳପୁର ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ପ୍ରମୋଦ କୁମାର ଓଝା, ଦୀପ୍ତିକାନ୍ତ ଜେନା, ପ୍ରସନ୍ନ ପ୍ରଧାନ, ଗୁଣନିଧି ପଟ୍ଟନାୟକ, ଇଞ୍ଜିନିୟର ଗୀତା ରାଣୀ ସାହୁ ସହିତ ଅନେକ ପ୍ରମୁଖ ବ୍ୟକ୍ତି ମଞ୍ଚାସୀନ ଥିଲେ। ଏହା ସହିତ କିଶୋର ପଟ୍ଟନାୟକ, ଆଲୋକ ବେହେରା, ସନ୍ତୋଷ ପଟ୍ଟନାୟକ, ବଦ୍ରି ନାରାୟଣ ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ଠାକୁର ପ୍ରସାଦ ଦାସ, ପ୍ରଶାନ୍ତ ଦଳାଇ, ସୁକାନ୍ତ ସେଠୀ, ସୂର୍ଯ୍ୟକାନ୍ତ ବରାଳ ଆଦି ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାମ୍ୟ ମୁରବିମାନଙ୍କୁ ସମ୍ମାନିତ କରାଯାଇଥିଲା, ଯାହା ସମାଜର ସମନ୍ୱୟ ଓ ସହଯୋଗର ଉତ୍କୃଷ୍ଟ ଦୃଷ୍ଟାନ୍ତ ପ୍ରଦାନ କରିଥିଲା। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀସରକାରଙ୍କ ବିକଶିତ ଓଡ଼ିଶା ଦୃଷ୍ଟିକୋଣକୁ ସ୍ପଷ୍ଟ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ପୁରୁଣା କାଚରାମାଳ ଅଞ୍ଚଳରେ ପୁରୀ ମେନ କେନାଲ ଠାରୁ ଅଲେଖ ସାହୁଙ୍କ ଘର ପର୍ଯ୍ୟନ୍ତ ଢଳେଇ ରାସ୍ତାର ଉଦଘାଟନ କରି ଉନ୍ନତିର ଏହି ଅଭିଯାନକୁ ଆହୁରି ଗତିଶୀଳ କରିଥିଲେ।

## ଲକ୍ଷ୍ମୀବଜାର ପୂଜା କମିଟିର ବରା ଦିବସ ପାଳନ



ଆଠଗଡ ,(ସବ୍ୟୁ): ଆଠଗଡ ପୁରୁଣା ବସଷ୍ଟାଣ୍ଡସ୍ଥିତ ଲକ୍ଷ୍ମୀବଜାର ପୂଜା କମିଟି ପକ୍ଷରୁ ବରା ଦିବସ ପାଳିତ ହୋଇଯାଇଛି। ଡକ୍ଟର ଦିଲ୍ଲୀପ ତ୍ରିପାଠୀ ଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବଜାର କମିଟିର ସଭାପତି ଆଇନଜୀବୀ ଫଣୀଭୂଷଣ ରଥ ଯୋଗଦେଇଥିଲେ। ଓଡିଆ ଲୋକଙ୍କ ଖାଦ୍ୟ ପରମ୍ପରା ଆଧୁନିକ ଯୁଗରେ ହ୍ରାସ ପାଉଥିବା ବେଳେ ଆମର ଆଗାମୀ ପିଢ଼ି ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଖାଦ୍ୟ ପରମ୍ପରାକୁ ଉଜ୍ଜିବିତ କରିବା ତଥା ଓଡିଆ ଅସ୍ମିତାର ପରିଚୟକୁ ବଜାୟ ରଖିବା ଏହି ଦିବସର ଲକ୍ଷ ବୋଲି ସଭାପତି ରଥ ପ୍ରକାଶ କରିଥିଲେ। ଉତ୍ସବରେ ଉପସଭାପତି ଅରୁଣ କୁମାର ସାହୁ , ସଂପାଦକ ପ୍ରଦୀପ କୁମାର ରଥ , ବିଭିନ୍ନ ବଜାର କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷ ତଥା ମଞ୍ଚାସୀନ ଅତିଥି ମାନେ ପାରମ୍ପରିକ ଢଙ୍ଗରେ ବରା ଓ ଆଳୁ କଷା ଖାଦ୍ୟର ସୁଆଦ ନେଇଥିଲେ।

## ନମାଳୀପୁର ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବାଲିପାଟଣା, (ସବ୍ୟୁ): ବନମାଳୀପୁର ଡିଗ୍ରୀ ମହାବିଦ୍ୟାଳୟରେ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ ସେଣ୍ଟର, କଟକର ସହାୟତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଡଃ ପୃଥ୍ୱିରାଜ ଅଂଶୁମାନ ଏହାକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ମୁରଲୀଧର ସାହୁ, ୱାଇ.ଆର.ସି ଅଧିକାରୀ ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା, ଜାତୀୟ ସେବା ଯୋଜନା ଅଧିକାରୀ ମହାମାୟା ମହାପାତ୍ର ଓ ସଂଯୋଜକ ଉମେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଡଃ ମନୋଜ କୁମାର ସାହୁ, ସନ୍ତୋଷ କୁମାର ଦାଶ, ସୁଶାନ୍ତ କୁମାର ମହାପାତ୍ର, ଲକ୍ଷ୍ମୀପ୍ରିୟା ଜେନା, ବବିତା ସାହୁ, ରଶ୍ମିରେଖା ପଣ୍ଡା , ଅଜୟ ମିଶ୍ର ପ୍ରମୁଖ ଶିବିରରେ ସହାୟତା କରିଥିଲେ। ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ ସେଣ୍ଟର, କଟକର କର୍ମକର୍ତ୍ତା ଡଃ ଆଶିଷ ଶତପଥୀ, ପ୍ରସନ୍ନ କୁମାର ସୱାଇଁ, ଲକ୍ଷ୍ମୀଧର କୁର୍ଡ଼ୀ, ରାମପ୍ରସାଦ ରାୟ, ସନ୍ଦୀପ ସୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକ ଯୋଗ ଦେଇ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଉଦଯାପିତ



ରଣପୁର ,(ସବ୍ୟୁ): ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ମଙ୍ଗଳବାର ଦିନ ଉଦଯାପିତ ହୋଇଯାଇଛି ନୟାଗଡ଼ ଜିଲ୍ଲାର ରଣପୁର ବିଧାନସଭା ଅନ୍ତର୍ଗତ ୭ ଗୋଟି ମଣ୍ଡଳର ପ୍ରଶିକ୍ଷଣ ବର୍ଗ ଗତ ୪ ତାରିଖରୁ ଆରମ୍ଭ ହୋଇଥିଲା । ଏହି ପ୍ରଶିକ୍ଷଣ ବର୍ଗରେ ବିଜେପିର ଇତିହାସ, ବିକାଶ, କାର୍ଯ୍ୟ ପଦ୍ଧତି, ବୈଚାରିକ ଅଧିଷ୍ଠାନ,କାର୍ଯ୍ୟ ବିସ୍ତାର, ବୁଥ ପରିଚାଳନା,ମନ କି ବାତ , ସାମାଜିକ ଗଣମାଧ୍ୟମ ଓ ଅନ୍ତ୍ୟୋଦୟ ରୁ ସଂତୃପ୍ତି ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା କ୍ରିୟାନ୍ୱୟନ ଆଦି ୭ ଗୋଟି ବିଷୟକୁ ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଓ ରାଜ୍ୟ ବିଜେପିର ମୁଖପାତ୍ର ସୁଦୀପ୍ତ ରାୟ, ସମ୍ପାଦିକା ରାଜ୍ୟ ବିଜେପି ସ୍ମୃତି ପଟ୍ଟନାୟକ , ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସାଇଁ, ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ବିଜେପି ର ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାଶ, ରାଜ୍ୟ ବିଜେପି ର ସାମାଜିକ ଗଣମାଧ୍ୟମ ସଂଯୋଜକ ଜ୍ୟୋତିରଞ୍ଜନ ନାୟକ, ରାଜ୍ୟ ବିଜେପି ର ପ୍ରବକ୍ତା ଲକ୍ଷ୍ମଣ କୁମାର ପଣ୍ଡା, ବରିଷ୍ଠ ନେତା ତଥା ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନାନନ୍ଦ ତ୍ରିପାଠୀ, ନିକୁଞ୍ଜ କିଶୋର ପଟ୍ଟନାୟକ, କେଲୁ ଚରଣ ଜଗଦେବ, ମହେଶ ମିଶ୍ର,ରୋଜିନାରାଣୀ ଦାସ ଓ ଚନ୍ଦ୍ର ବିଜୟୀ ମିଶ୍ର ପ୍ରମୁଖ ବକ୍ତାମାନେ ନିଜ ନିଜ ବିଷୟ ରଖିଥିଲେ । ସମରୋପ ଉତ୍ସବରେ କନ୍ଧମାଳ ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଓ ବଡ଼ମ୍ବା ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସତ୍ରରେ ଯଥାକ୍ରମେ ବିଜେପିର ରଣପୁର ଗ୍ରାମୀଣ ମଣ୍ଡଳ ସଭାପତି ସୁଶାନ୍ତ କୁମାର ବେହେରା, ଶରଣକୁଳ ମଣ୍ଡଳ ସଭାପତି ମନୋଜ କୁମାର ସାହୁ, ଗୋଡ଼ିପଡ଼ା ମଣ୍ଡଳ ସଭାପତି ରଞ୍ଜନ କୁମାର ଦାସ,ରଣପୁର ନଗର ମଣ୍ଡଳ ସଭାନେତ୍ରୀ ସୋନାଲି ପ୍ରଧାନ, ରାଜସୁନାଖଳା ମଣ୍ଡଳ ସଭାପତି ଜ୍ୟୋତିରଞ୍ଜନ ସାହୁ,ଗୋପାଳପୁର ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ,ଚାନ୍ଦପୁର ମଣ୍ଡଳ ସଭାପତି ଅକ୍ଷୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ ।୪ ଦିନ ବ୍ୟାପି ଏହି ପ୍ରଶିକ୍ଷଣ ଶିବିରକୁ ସୁଶାନ୍ତ କୁମାର ବେହେରା ଓ ଜ୍ୟୋତି ରଞ୍ଜନ ସାହୁ ପରିଚାଳନା କରିଥିଲେ ଏବଂ ପରେଶ ମିଶ୍ର, ନିର୍ମଳ କୁମାର ମଉଉଗଜସିଂହ, ଜୟନ୍ତ କୁମାର ନାୟକ, ସୁବର୍ଣ୍ଣ ସିଂ, ଗଣେଶ୍ୱର ମାନ୍ଧାତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ

କଣ୍ଟିଲୋ ,(ସବ୍ୟୁ): ମାଧବ ଚୌଧୁରୀ ପାଟଣା ସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଗୁରୁଜୀ କାଶୀନାଥ ମହାରଣାଙ୍କ ପୌରହିତ୍ୟରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହୋମ ପୂଜା ବିଦ୍ଧିରେ ଅନୁଷ୍ଠିତ ହୋଇଛି।ନୂତନ ଶିକ୍ଷା ବର୍ଷ ପ୍ରାରମ୍ଭରେ ଅରୁଣ, ଉଦୟ, କିରଣ, ପ୍ରଥମ ଶ୍ରେଣୀରେ ନାମ ଲେଖା ଆରମ୍ଭ ହୋଇଛି ।ଲଗାତାର ବିଗତ ବର୍ଷଗୁଡିକରେ ଜବାହାର ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଏହି ସରସତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଛାତ୍ରମାନେ କୃତିତ୍ୱ ଅର୍ଜନ କରିଆସୁଛନ୍ତି । ଏଥିସହ ଗଣିତ ପଠାଣି ସାମନ୍ତ ମେଧାବୃତ୍ତି, ସରକାରୀ ମେଧାବୃତ୍ତି ଯୋଜନାରେ ସଂଖ୍ୟାଧିକ କୃତିତ୍ୱ ଅର୍ଜନ କରି ଖଣ୍ଡପଡ଼ା ବ୍ଲକରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ପରିଗଣିତ ହେଉଛି । ଏହି ବର୍ଷ ଛାତ୍ରୀ ଅଞ୍ଜିଲି ଦଳେଇ, ଛାତ୍ର ଅନ୍ୟୁଷ ସାହୁ ଏବଂ ଶୁଭଙ୍କର ରଣା ଜବାହାର ନବୋଦୟ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନୟାଗଡ଼ ସ୍ଥିତ ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ନିମନ୍ତେ ସ୍ଥାନିତ ହୋଇଛନ୍ତି ।ଚଳିତ ବର୍ଷ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଛାତ୍ରୀ ସୁଲଗ୍ନା ଜେଲସି ପ୍ରିୟ ଦର୍ଶିନୀ ଏବଂ ଏଲିନା ପ୍ରଧାନ କୃତିତ୍ୱ ଅର୍ଜନ କରିଛନ୍ତା। ତୃପ୍ତି ମହାରଣା ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପାଇଛନ୍ତି. ଅଭିଲିପ୍ସା ବେହେରା, ଶ୍ରୀ ରାମାନୁଜନ ଗଣିତ ପ୍ରତିଭା ପରୀକ୍ଷାରେ କୃତିତ୍ୱ ଲାଭ କରି ଭୁବନେଶ୍ୱରସ୍ଥିତ ବୁଦ୍ଧ ବିହାର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଛନ୍ତା। ସେହି କ୍ରମେ ପ୍ରାୟ ୧୬ ଜଣ ପଞ୍ଚମ ଶ୍ରେଣୀରେ ଅଧ୍ୟୟନପ୍ରାପ୍ତ ଛାତ୍ର ଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ସଫଳତା ଅର୍ଜନ କରିଛନ୍ତି ।ଶିକ୍ଷାବର୍ଷ ପ୍ରାରମ୍ଭର ପ୍ରଥମ ଦିନରେ ବିଦ୍ଧି ବ୍ୟବସ୍ଥା ଅନୁଯାୟୀ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି ଏବଂ ତିନିଜଣ ନବୋଦୟ କୃତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା ।

# ଝାମୁ ଯାତ୍ରାରେ ସ୍ୱେଚ୍ଛା ସେବୀ ସଂଗଠନର ସେବାକାର୍ଯ୍ୟ



କାକଟପୁର,(ସବ୍ୟୁ): ବିଭିନ୍ନ ସ୍ୱେଚ୍ଛା ସେବୀ ସଂଗଠନ, ସାଇବାବା ଜଗତ କଲ୍ୟାଣ ମିଶନ ଟ୍ରଷ୍ଟ ପକ୍ଷରୁ ସଭାପତି ଶ୍ରୀଧର ସାହୁ,ସମ୍ପାଦକ ବାଦଲ କୁମାର ପତି, ସୁଶାନ୍ତ ମହାନ୍ତି, ପ୍ରଦୀପ ବିଶ୍ୱାଳ, ସୁରେଶ ରାଉତ, ନିମାଇଁ ନାୟକ,ତାଳଦା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଦୀପକ ପରିଡ଼ା ଓ ସମାଜସେବୀ ବିଜନ ପରିଡା, କଂଗ୍ରେସ କମିଟି ପକ୍ଷରୁ ସତ୍ୟବ୍ରତ ପାତ୍ର ଙ୍କ ନେତୃତ୍ୱରେ ସମ୍ପଦ ପଣ୍ଡା, ଉତ୍ତମ ନାୟକ,ପ୍ରସନ୍ନ ପ୍ରହରାଜ, ସଂଖ୍ୟା ଲଘୁ ନେତା ସେକ ଲିୟାକତ, ଆମ ଆଦମୀ ପାର୍ଟି ପକ୍ଷରୁ ଜିଲ୍ଲା ଉପ ସଭାପତି ରବିନ୍ଦ୍ର ନାଥ ସାହୁ, ରମାକାନ୍ତ ସୱାଇଁ, ସୋନାଲି ରାଉତ, ଦୁଷ୍ମନ୍ତ ଦଳାଇ, ଉମାକାନ୍ତ ସାହୁ, ଲିଙ୍ଗରାଜ ପାତ୍ର, ଶେକ ତୋଇବା,ସେକ ମୁମତାଜ, କାକଟପୁର ନିର୍ବାଚନ ମଣ୍ଡଳୀ ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତି, ନୀଳାଦ୍ରି ଗ୍ରୁପ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ରାମକୃଷ୍ଣ ଶିଶୁମନ୍ଦିର, ଜାହାନ ପବ୍ଲିକ ସ୍କୁଲ, ଏସ ଟି ଯାଭିୟର, ପ୍ରଜାପିତା ବ୍ରହ୍ମା କୁମାରୀ, କାକଟପୁର ହାଇସ୍କୁଲ, କାକଟପୁର ଗ୍ରାମ ପଞ୍ଚାୟତ,କେବିଇଏମ କିଡ୍ସ ବିଦ୍ୟାଳୟ ଓ ବିଜେଡି ଦଳ ପକ୍ଷରୁ ପ୍ରାଣ କୃଷ୍ଣ ମଲ୍ଲିକ ଙ୍କ ତତ୍ୱାବଧାନ ରେ ଦହି ପଣା ବଣ୍ଟନ କରାଯାଇ ଥିଲା ଓ ଆଇନ ଶୃଙ୍ଖଳା ରକ୍ଷା କରିବା ସହ ଲୋକଙ୍କ ସୁରକ୍ଷା ପାଇଁ କାକଟପୁର ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବଳୟ ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇ ଟ୍ରାଫିକ ନିୟନ୍ତ୍ରଣ କରି ଥିଲେ ଓ ଭକ୍ତଙ୍କ ଯାତାୟାତ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଆନୁଷଙ୍ଗିକ ଭିତ୍ତିଭୂମି ଓ ବାରିକେଡ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ସମୟାନୁସାରେ ଶେଷ ହୋଇଥିବାରୁ ଭକ୍ତମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ମା'ଙ୍କ ମହିମାରେ ସମଗ୍ର କାକଟପୁର ଅଞ୍ଚଳ ଏବେ ଆଧ୍ୟାତ୍ମିକ ପରିବେଶରେ ଉତ୍ସବମୁଖର ହୋଇ ପଡ଼ିଥିଲା ।

# ବଜ୍ରାଘାତରେ କୃଷକଙ୍କ ମୃତ୍ୟୁ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମର ସିଦ୍ଧେଶ୍ୱର ବଳିଆରସିଂହ (୬୦) ତାଙ୍କ ଜମିରେ ମେସିନ ସାହାଯ୍ୟରେ ଧାନ କାଟୁଥିବା ବେଳେ ଅଚାନକ କାଳ ବୈଶାଖୀ ପ୍ରଭାବରେ ବର୍ଷା ,ପବନ ଓ ବିଜୁଳି ଘଡଘଡି ମାରିଥିଲା ।ସେହି ସମୟରେ ସିଦ୍ଧେଶ୍ୱର ଓ ତାଙ୍କ ଜମିରେ ଥିବା ବେଳେ ବିଜୁଳି ମାରିବାରୁ ଘଟଣା ସ୍ଥଳରେ ସିଦ୍ଧେଶ୍ୱର ଟଳିପଡ଼ିଥିଲେ ।ପୁଅ ତାଙ୍କର ଉଠାଇବା ବେଳକୁ ବାପା ତାଙ୍କର କଥାବାର୍ତ୍ତା କରିନଥିଲେ ।ସଙ୍ଗେ ସଙ୍ଗେ ୧୦୮ ସହାୟତାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

# ବ୍ୟଙ୍ଗ କବି ରବୀନ୍ଦ୍ର ରାଉତଙ୍କୁ ଓଡ଼ିଆ ଗୌରବ ସମ୍ମାନ



ନୟାଗଡ଼, (ସବ୍ୟୁ): ନୟାଗଡ଼ ମାଟିର ସୁନାମଧନ୍ୟ ବ୍ୟଙ୍ଗ କବି ରବୀନ୍ଦ୍ର ରାଉତଙ୍କୁ ମଧ୍ୟପ୍ରଦେଶ ଇନ୍ଦୋର ଠାରେ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଆ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଇନ୍ଦୋର ସ୍ଥିତ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଚଳିତ ବର୍ଷ ଉତ୍କଳ ଦିବସ ସମାରୋହ ୨୦୨୬ ଆୟୋଜନ କରାଯାଇଥିଲା । ଇନ୍ଦୋର, ମହୁ ସ୍ଥିତ ମେଡିକ୍ୟାପ୍ସ ଇନଭରସିଟି ଅଡିଟୋରିୟମ ପରିସରରେ ଅନୁଷ୍ଠିତ ଉତ୍ସବ ରେ ବ୍ୟଙ୍ଗ କବି ରବୀନ୍ଦ୍ର ରାଉତଙ୍କୁ ଓଡ଼ିଆ ଗୌରବ ମର୍ଯ୍ୟଦାଜନକ ସମ୍ମାନ ପ୍ରଦାନ କରାଯାଇ ଥିବା ପ୍ରକାଶ। ଅନୁଷ୍ଠାନର ସଭାପତି ଅଶୋକ ମହାନ୍ତି, ସମ୍ପାଦକ ଇଂ. ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ଉପଦେଷ୍ଟା ଡ଼କ୍ଟର ଦିଲ୍ଲୀପ ପଟ୍ଟନାୟକ, ସମାଜସେବୀ ଜେ. ବି. ସାହୁ, ଇଂ. ସନ୍ତୋଷ ମହାନ୍ତି ଏବଂ ବ୍ୟଙ୍ଗ କବି ଓ ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତ ପ୍ରମୁଖ ଆନୁଷ୍ଠାନିକ ଭାବେ ସମାରୋହକୁ ଉଦଘାଟନ କରିଥିଲେ। ଇନ୍ଦୋର ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ରାସ ବିହାରୀ ପଣ୍ଡା ବୈଦିକ ମନ୍ତ୍ର ପାଠ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଇନ୍ଦୋର ସ୍ଥିତ ପ୍ରବାସୀ ଓଡ଼ିଆ ସମାଜ ର ଏପରି ଉଦ୍ୟମ କୁ ସମସ୍ତେ ପ୍ରସଂଶା କରିଥିଲେ। ଏହି ଅବସରରେ ଇନ୍ଦୋରରେ ବସ ବାସ କରୁଥିବା ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଆ କାର୍ଯ୍ୟକ୍ରମରେ ଯୋଗଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ମନଭରି ଉପଭୋଗ କରିଥିଲେ। ପରିଶେଷରେ ଅନୁଷ୍ଠାନର ସମ୍ପାଦକ ଶକ୍ତି ପ୍ରସାଦ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଣାସ,(ସବ୍ୟୁ) :କଣାସରେ ଦୀର୍ଘ ୬ ବର୍ଷ ଧରି ପ୍ରତିଷ୍ଠିତ ଏକମାତ୍ର ଇଂରାଜୀ ମାଧ୍ୟମ ସ୍କୁଲରେ ବୁଧବାର ଦିନ ନୂତନ ଭାବେ ନାମ ଲେଖାଇଥିବା ନବାଗତ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲର ପୁରାତନ ଛାତ୍ରଛାତ୍ରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ।ଏହି ଅବସରରେ ନବାଗତମାନଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ସେମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସ୍କୁଲର ଅଧ୍ୟକ୍ଷା ନୀଳିମା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅତିଥିମାନଙ୍କ ପ୍ରେରଣାଦାୟକ ଉଦବୋଧନ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଆକୃଷ୍ଟ କରିଥିଲା।ଉତ୍ସବକୁ ଅନନ୍ୟା ପ୍ରିୟଦର୍ଶିନୀ ସୁଚାରୁ ଭାବେ ପରିଚାଳନା କରିଥିଲେ।

# ସାରସ୍ୱତ ସମାଜର ଆଲୋଚନାଚକ୍ର



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା, ଭୁବନେଶରର ଏପ୍ରିଲ ମାସର ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସ୍ଥାନୀୟ ୟୁନିଟ ୩,ଭୁବନେଶର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସୁସାହିତ୍ୟିକ ଯୋଗେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ନିରଞ୍ଜନ ଚନ୍ଦ୍ର ପଣ୍ଡା ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଆ ପକ୍ଷ ୨୦୨୬ପାଳନ ଅବସରରେ ଅନୁଷ୍ଠାନର ମାତୃଭାଷାର ପ୍ରଚାର ପ୍ରସାର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଶବ୍ଦ ବିନ୍ୟାସର ପ୍ରଣାଳୀକୁ ଛନ୍ଦ କୁହାଯାଏ ଏବଁ ଛନ୍ଦ ବିଶିଷ୍ଟ ରଚନାର ନାମ ପଦ୍ୟ ସାରସ୍ୱତ କୁସୁମୋଦ୍ୟାନର ସୁଦକ୍ଷ ମାଳାକାର ତଥା କବି ବଳଭଦ୍ର ବହିଦାରଙ୍କ ଯତିପାତଅଳଙ୍କାର ପୁସ୍ତିକାଟି ଏକଯୁଗାନ୍ତକାରୀ ସୃଷ୍ଟି। ଶୁଦ୍ଧ ପଦ୍ୟ ରଚନାର ପୁସ୍ତକଟି ମାର୍ଗଦର୍ଶିକା।ଉକ୍ତ ପୁସ୍ତକଟିକୁ ପାଠକରି କବି କହିଥିଲେ ସୁକବି ନାମରେ ହେବ ଯଦି ଖ୍ୟାତ/ରଚଶୁଦ୍ଧ ପଦ୍ୟ ପଢି ଯତିପାତ ବୋଲି ମତବ୍ୟକ୍ତ କରିଥିଲେ । ପରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା କବୟତ୍ରୀ ସୌଦାମିନୀ ସାମନ୍ତରାୟ ଓ କବୟତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ ୩୦ ରୁ ଉର୍ଦ୍ଧ୍ୱ କବି ଶ୍ରୁତିମଧୁର କବିତା ପାଠ କରିଥିଲେ ।ଉପ ସଭାପତି ନିଖିଳ କୁମାର ବଳବନ୍ତରାୟ ଆସର ପରିଚାଳନା ରେ ସହଯୋଗ କରିଥିଲେ। ସର୍ବଶେଷରେ କବୀ ଅରବିନ୍ଦ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଟିପିସିଓଡିଏଲର ହ୍ୱାଟ୍ସଆପ୍‌ଭିତ୍ତିକ ବିଲ୍ ପେମେଣ୍ଟ ସେବାର ଶୁଭାରମ୍ଭ



ଭୁବନେଶ୍ୱର,(ସବ୍ୟୁ):ପେ-ଲୋକାଲ୍ ଫିନଟେକ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଶି ଟିପିସିଓଡିଏଲ୍ ରାଜ୍ୟରେ ପ୍ରଥମ ଥର ପାଇ ହ୍ୱାଟ୍ସଆପ୍ ଜରିଆରେ ବିଦ୍ୟୁତ୍ ବିଲ୍ ପୈଠ କରିବାର ଅଭିନବ ସୁବିଧା ଆରମ୍ଭ କରିଛି। ଉପଭୋକ୍ତାଙ୍କୁ ଅଧିକ ସୁବିଧା ଯୋଗାଇବା ସହନଗଦବିହୀନ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲର ଚାଲିଥିବା ଡିଜିଟାଲ୍ ରୂପାନ୍ତରଣ ଯାତ୍ରାରେ ଏହି ଅଭିନବ ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ।ଏହି ସହଭାଗିତା ଫଳରେ ଉପଭୋକ୍ତାମାନେ ଏବେ ସିଧାସଳଖ ହ୍ୱାଟ୍ସଆପ୍ ମାଧ୍ୟମରେ ସେମାନଙ୍କର ବିଦ୍ୟୁତ୍ ବିଲ୍ ଦେଖିପାରିବେ ଏବଂବିଲ୍ ପୈଠ ମଧ୍ୟ କରିପାରିବେ । ଏହି ବ୍ୟବସ୍ଥା ଏକ ସହଜ, ସୁରକ୍ଷିତ ଏବଂ ଉପଭୋକ୍ତାଙ୍କ ବ୍ୟବହାର ପାଇଁ ଅନୁକୂଳ ଇରଫେସ୍ ପ୍ରଦାନ କରିବ,ଯେଉଁଠାରେ ଉପଭୋକ୍ତାମାନେ ବିଲ୍ ବିବରଣୀ ଦେଖିବା ସହ ପେମେଣ୍ଟ ରିମାଇଣ୍ଡର ପାଇପାରିବେ ଏବଂ ଏକାଧିକ ପେମେଣ୍ଟ ବିକଳ୍ପବ୍ୟବହାର କରି ତୁରନ୍ତ ଟଙ୍କା ଜମା କରିପାରିବେ। ପେ-ଲୋକାଲ୍ ସହିତ ଏହି ସହଯୋଗିତା ବିଶେଷ କରି ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଏହି ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଟିପିସିଓଡିଏଲ୍ ର ସିଇଓ ଅରଭିନ୍ଦ ସିଂ କହିଛନ୍ତି ଯେ, ପେ-ଲୋକାଲ୍ ସହିତ ଏହିସହଭାଗିତା ବିଦ୍ୟୁତ୍ ସେବାକୁ ଅଧିକ ସୁଗମ, ସୁବିଧାଜନକ ଏବଂ ଡିଜିଟାଲ୍ ମାଧ୍ୟମରେ ସମସ୍ତଙ୍କ ପାଇଁ ଉପଲବ୍ଧ କରିବା ଦିଗରେ ଆମର ପ୍ରତିବଦ୍ଧତା ଦର୍ଶାଉଛି।

## ବିଜେଡି ର ସାଂଗଠନିକ ବୈଠକରେ ବିଜେଡ଼ିର ଦୁଇ ଗୋଷ୍ଠୀ ପିଟାପିଟ

ଗୋପ,(ସବ୍ୟୁ): ମଙ୍ଗଳବାର ଗୋପ ବ୍ଲକର ୧୪ ପଞ୍ଚାୟତକୁ ନେଇ ବେଦପୁର ପଞ୍ଚାୟତ ସ୍ଥିତ ମା ଜାଗୁଳାଇଙ୍କ ପୀଠରେ ନିର୍ବାଚନ ମଣ୍ଡଳୀ ବିଜେଡି ସାଂଗଠନିକ ଦାୟିତ୍ୱରେ ଥିବା ସୁବ୍ରତ ଛାଟୋଇଙ୍କ ଅଧ୍ୟକ୍ଷତାରେ ଚାଲିଥିବା ବୈଠକରେ ନିଲମ୍ବିତ କର୍ମୀ ଓ ବିଜେଡି କର୍ମୀଙ୍କ ମଧ୍ୟରେ ମତଭେଦକୁ ନେଇ ମୁହାଁମୁହିଁ ଓ ପିଟା ପିଟି ହେବା ଘଟଣା ବିଜେଡି ଦଳର ଗୋଷ୍ଠି କନ୍ଦଳକୁ ପଦାରେ ପକାଇଛି । ସୂଚନା ଅନୁଯାୟୀ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ କୁମାର ନାୟକ ଏକ ଠକେଇ ମାମଲାରେ ଜେଲରେ ରହିଥିବା ବେଳେ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗିଛି । ମଙ୍ଗଳବାର ବିଜେଡି ପକ୍ଷରୁ ସୁବ୍ରତ ଛାଟୋଇ ଗୋପ ବ୍ଲକ ଅଧିନସ୍ଥ ବେଦପୁର ଗ୍ରାମ ପଞ୍ଚାୟତର ବେଗୁନିଆ ସ୍ଥିତ ଜାଗୁଳାଇ ପୀଠରେ ଗୋପ ବ୍ଲକର ୧୪ ପଞ୍ଚାୟତକୁ ନେଇ ସାଂଗଠନିକ ବୈଠକ କରୁଥିବା ବେଳେ । ଶ୍ରୀ ଛାଟୋଇଙ୍କୁ ବିରୋଧ କରି ଗୋପ ଗ୍ରାମ ପଞ୍ଚାୟତର ସମିତି ସଭ୍ୟାଙ୍କ ସ୍ୱାମୀ କୁନା ଦାସଙ୍କ ସମେତ କେତେକ କର୍ମୀ ବିରୋଧ କରିଥିଲେ । ଫଳରେ ଦୁଇ ଗୋଷ୍ଠିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବୈଠକ ସ୍ଥଳ ରଣକ୍ଷେତ୍ର ପାଲଟିଥିଲା ।ଦିଲ୍ଲୀପଙ୍କ ଅନୁପସ୍ଥିତରେ କେତେକ କର୍ମୀଙ୍କୁ ନେଇ ଏଭଳି ବୈଠକକୁ ସାଧାରଣରେ ନାପସନ୍ଦ କରାଯାଇଥିବା ବେଳେ ଆଗାମୀ ଦିନରେ ନିମାପଡା ନିର୍ବାଚନ ମଣ୍ଡଳୀ ବିଜେଡିରେ କିଏ ନେତୃତ୍ୱ ନେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**(ଶ୍ରୀମଦ୍ଭଗବଦ୍ ଗୀତା ୩/୦୭)**

**କର୍ମ୍ମଯୋଗଃ**

ଶ୍ରୀଭଗବାନୁବାଚ

ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେର୍ଜ୍ଜୁନ୍ ।
କର୍ମ୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥ ୭ ॥

ହେ ଅର୍ଜ୍ଜୁନ ! ଯେ ଜ୍ୟାନେନ୍ଦ୍ରିୟମାନଙ୍କୁ ମନେ ମନେ ସଂଯତ କରି କର୍ମେନ୍ଦ୍ରିୟଦ୍ୱାରା କର୍ମଯୋଗର ଅନୁଷ୍ଠାନ କରନ୍ତି, ଫଳାଭିଳାଷ ଶୂନ୍ୟ ସେହି ବ୍ୟଖ୍ତି ଶ୍ରେଷ୍ଠ, ଅର୍ଥାତ୍ ଚିତ୍ତଶୁଦ୍ଧିବାତଃ ସେ ଜ୍ଞାନବାନ୍ ହୁଅନ୍ତି । ॥୭॥

# ଏଲ୍.ପି.ଜି ସିଲିଣ୍ଡରର କଳାବଜାର

ପଶ୍ଚିମ ଏସିଆରେ ଆମେରିକା ଓ ଇରାକ ମଧ୍ୟରେ ଯୁଦ୍ଧ ଲାଗିବା ଓ ଯୁଦ୍ଧ ବିରତ ହେବା ଏବଂ ହର୍ମୁଜ ଷ୍ଟ୍ରେଟ ବା ପ୍ରଣାଳୀ ଦେଇ ଅଶୋଧିତ ତୈଳ ବିଭିନ୍ନ ରାଷ୍ଟ୍ରକୁ ସହଜରେ ଆସି ପାରୁ ନଥିବାରୁ ଏଲ.ପି.ଜି ରନ୍ଧନ ଗ୍ୟାସ ଯୋଗାଣ କ୍ଷେତ୍ରରେ ଏବେ ଅସୁବିଧା ସୃଷ୍ଟି ହୋଇଛି । ଏପରିକି ପେଟ୍ରୋଲ ଓ ଡିଜେଲ ମିଳିବ କି ନାହିଁ, ଏପରି ଆଶଙ୍କା ମଧ୍ୟ ସୃଷ୍ଟି ହୋଇଥିଲା । ଅବଶ୍ୟ ପେଟ୍ରୋଲ ଓ ଡିଜେଲ ମିଳିବାରେ ବିଶେଷ କିଛି ଅସୁବିଧା ହୋଇ ନାହିଁ । ମାତ୍ର ଏଲ.ପି.ଜି ଗ୍ୟାସ ସିଲିଣ୍ଡର ମିଳିବାରେ, ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଗ୍ରାହକମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି ।

ଇତିମଧ୍ୟରେ ରାଜଧାନୀ ଭୁବନେଶ୍ୱର ଓ ଅନ୍ୟ କେତେକ ସ୍ଥାନରେ କଳାବଜାର କରୁଥିବା ଅନେକ ଘରୋଇ ଓ ବାଣିଜ୍ୟିକ ସିଲିଣ୍ଡରକୁ ପୋଲିସ ଜବତ କରିଛନ୍ତି । ସଦ୍ୟତମ ଖବର ଅନୁଯାୟୀ ରାଉରକେଲାରେ ୧୬୧ ଗୋଟି ଏଲ.ପି.ଜି ସିଲିଣ୍ଡର ଜବତ ହୋଇଛି । ସେଥିମଧ୍ୟରେ ୫୮ ଗୋଟି ଘରୋଇ ସିଲିଣ୍ଡର ଓ ୧୦୩ ଗୋଟି ବାଣିଜ୍ୟିକ ସିଲିଣ୍ଡର ରହିଥିଲା । ରାଉରକେଲାରେ ଯେତେବେଳେ ଏହି ସିଲିଣ୍ଡର କଳାବଜାର ପାଇଁ ଚଡାଉ ଜାରି ରହିଥିଲା, ସେତେବେଳ ଏହି ୧୬୧ଟି ସିଲିଣ୍ଡର ଚାବି ପଡ଼ିଥିବା ଏକ କାର୍‌ର ଗ୍ୟାରେଜ ଘର ଭିତରୁ ଜବତ ହୋଇଛି ।

**ରାଜ୍ୟରେ ଏଲ୍.ପି.ଜି ଗ୍ୟାସର କଳାବଜାରୀ ହେଉନାହିଁ କି ଦରବୃଦ୍ଧି ହେଇନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହା ଯାଉଥିଲେ ମଧ୍ୟ, ପ୍ରକୃତରେ କଳାବଜାରୀ ହେଉଛି ଓ ଲୋକେ ସିଲିଣ୍ଡର ଚଢ଼ା ଦରରେ କିଣୁଛନ୍ତି । ଅନେକ ଗ୍ରାହକ ଯେଉଁମାନେ କଳାବଜାରରେ ଗ୍ୟାସ ଭର୍ତ୍ତି ସିଲିଣ୍ଡର କ୍ରୟ କରିବାକୁ ଚାହାନ୍ତି ନାହିଁ, ସେମାନେ ସିଲିଣ୍ଡର ନେବା ଲାଗି ଲମ୍ବା ଧାଡ଼ିରେ ଛିଡ଼ା ହୋଇ ହଇରାଣ ହେଉଛନ୍ତି ।**

ଭୁବନେଶ୍ୱରରେ ଘରୋଇ କାମରେ ନିଯୁକ୍ତ ଅନେକ ଶ୍ରମିକ ଶ୍ରେଣୀର ପୁରୁଷ ଓ ମହିଳାଙ୍କୁ କିମ୍ବା ଛୋଟ ଛୋଟ ବ୍ୟବସାୟୀଙ୍କୁ, ଚା' ଦୋକାନ ବା ଜଳଖିଆ ଦୋକାନ କରିଥିବା ବ୍ୟକ୍ତିଙ୍କୁ ବଡ଼ ସିଲିଣ୍ଡର ବା ଛୋଟ ସିଲିଣ୍ଡର ସହଜରେ ମିଳୁ ନାହିଁ ।

ମିଳିଲେ ବି ସେମାନେ ଚଢ଼ାଦରରେ ତାହା କ୍ରୟ କରିବାକୁ ବାଧ୍ୟ ହେଉଛନ୍ତି । ବିଭିନ୍ନ ହଷ୍ଟେଲ ମେସ୍‌ରେ ରହୁଥିବା ଅନେକ ଚାକିରିଆ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଠିକ୍ ସମୟରେ ଆବଶ୍ୟକତା ଅନୁଯାୟୀ ସିଲିଣ୍ଡର ପାଉ ନାହାନ୍ତି । ସେମାନେ ମଧ୍ୟ ବ୍ଲାକରେ ଚଢ଼ା ଦରରେ ସିଲିଣ୍ଡର କ୍ରୟ ପାଇଁ ବାଧ୍ୟ ହେଉଛନ୍ତି ।

ରାଜ୍ୟରେ ଏଲ୍.ପି.ଜି ଗ୍ୟାସର କଳାବଜାରୀ ହେଉନାହିଁ କି ଦରବୃଦ୍ଧି ହେଇନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହା ଯାଉଥିଲେ ମଧ୍ୟ, ପ୍ରକୃତରେ କଳାବଜାରୀ ହେଉଛି ଓ ଲୋକେ ସିଲିଣ୍ଡର ଚଢ଼ା ଦରରେ କିଣୁଛନ୍ତି । ଅନେକ ଗ୍ରାହକ ଯେଉଁମାନେ କଳାବଜାରରେ ଗ୍ୟାସ ଭର୍ତ୍ତି ସିଲିଣ୍ଡର କ୍ରୟ କରିବାକୁ ଚାହାନ୍ତି ନାହିଁ, ସେମାନେ ସିଲିଣ୍ଡର ନେବା ଲାଗି ଲମ୍ବା ଧାଡ଼ିରେ ଛିଡ଼ା ହୋଇ ହଇରାଣ ହେଉଛନ୍ତି ।

ବେଳେ ବେଳେ ପେଟ୍ରୋଲ ଦାମ ବଢ଼ିଲେ କିମ୍ବା ପେଟ୍ରୋଲର କୃତ୍ରିମ ଅଭାବ ହେବ ବୋଲି କେହି ଭୁଲରେ କହିଦେଲେ ଲୋକେ ଦୁଇ ଚକିଆ ଓ ଚାରିଚକିଆ ଗାଡି ସବୁ ଧରି ପେଟ୍ରୋଲ ଟାଙ୍କି ନିକଟରେ ଲମ୍ବା ଧାଡ଼ି ଲଗାଇଥାନ୍ତି । ସେହିପରି ଏଲ୍.ପି.ଜି, ଗ୍ରାହକମାନେ ମଧ୍ୟ ଅଯଥାରେ ଦୁଇଟି ସିଲିଣ୍ଡର ଥିଲେ ମଧ୍ୟ ୨୫ ଦିନ ବ୍ୟବଧାନ ପୂର୍ବରୁ ବୁକିଂ କରୁଥିବା ଅଭିଯୋଗ ହେଉଛି । ଗୁଜବ ବ୍ୟାପୁଛି ଏବଂ କେତେକ ଗ୍ରାହକ ଯଥେଷ୍ଟ ସମୟ ସୀମା ପୂର୍ବରୁ ମଧ୍ୟ ଯୁଦ୍ଧ ଭୟରେ ଆଗତୁରା ବୁକିଂ କରୁଛନ୍ତି । ଏ ସବୁ ଗୁଜବ ପ୍ରତି ସଚେତନ ସୃଷ୍ଟି କରିବାକୁ ରାଜ୍ୟ ସରକାର ବିଭିନ୍ନ ଖବର କାଗଜ ଓ ତଡିତ ଗଣମାଧ୍ୟମ ଜରିଆରେ ବିଜ୍ଞାପନ ଦେବା ଉଚିତ ।

ଅପରପକ୍ଷରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗର ଅଧିକାରୀ ଓ ନିରୀକ୍ଷକମାନେ ଏ ସବୁ ଯାଞ୍ଚ କରି ପାରନ୍ତି । ମାତ୍ର ସେମାନଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ । ରାଜଧାନୀ ଭୁବନେଶ୍ୱରରେ ବଡ଼ ବଡ଼ ହୋଟେଲ ବ୍ୟବସାୟୀ କୌଶଳକ୍ରମେ କମରସିଆଲ ବା ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ପାଇ ପାରୁଥିବା ବେଳେ ଛୋଟ ଛୋଟ ଚା' ବା ବରା ଦୋକାନୀ ଚଢା ଦରରେ ସିଲିଣ୍ଡର କ୍ରୟ କରିବା ସମ୍ଭବ ହେଉନାହିଁ ।

ଯୁଦ୍ଧ ପରିସ୍ଥିତି ଆସିଛି । ମାତ୍ର ଯୁଦ୍ଧ ନାମରେ କଳାବଜାରୀ ଓ ଗୁଜବ ରଟନାକାରୀମାନଙ୍କୁ ପ୍ରଶ୍ରୟ ଦିଆ ନ ଯାଉ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୁଦ୍ଧ ପରିସ୍ଥିତି ସମୟରେ ଦେଶର ମର୍ଯ୍ୟାଦା ବଢାଇବା ସହିତ ପେଟ୍ରୋଲ, ଡିଜେଲ ବା ରନ୍ଧନ ଗ୍ୟାସ ଯୋଗାଣ କ୍ଷେତ୍ରରେ ଦେଶବାସୀଙ୍କୁ ଅସୁବିଧାରେ ପକାଇ ନାହାନ୍ତି । ତେଣୁ ଉଭୟ ରାଜ୍ୟ ସରକାରୀ କର୍ମଚାରୀ ଓ ସଚେତନ ନାଗରିକମାନେ ସଚେତନ ହେଲେ ରନ୍ଧନ ଗ୍ୟାସ ଦୁର୍ଦ୍ଦଶାରୁ ଆମେମାନେ ରକ୍ଷା ପାଇ ପାରନ୍ତେ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆସନ୍ତୁ, ଆମ ନାରୀ ଶକ୍ତିଙ୍କୁ ସଶକ୍ତ କରିବା



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ଆଉ କିଛି ଦିନ ପରେ, ସମଗ୍ର ଭାରତବର୍ଷ ଉତ୍ସବ ମୁଖର ହୋଇଉଠିବ ଏବଂ ଦେଶର କୋଣ ଅନୁକୋଣରେ ହର୍ଷଉଲ୍ଲାସର ସହ ପାର୍ବଣର ପରିବେଶ ଦେଖିବାକୁ ମିଳିବ । ଆସାମର ଲୋକମାନେ ରଙ୍ଗାଲି ବିହୁ ପାଳନ କରିବାକୁ ଯାଉଥିବା ବେଳେ ଓଡ଼ିଶାବାସୀ ମହାବିଷୁବ ପଣା ସଂକ୍ରାନ୍ତି ପାଳିବେ । ପଶ୍ଚିମବଙ୍ଗରେ ପୋଇଲା ବୈଶାଖ ପାଳନ ସହିତ ବଙ୍ଗୀୟ ନବବର୍ଷର ଶୁଭାରମ୍ଭ ହେବ । କେରଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହିତ ବିଶୁ ପାଳନ କରାଯିବ । ସେହିପରି ତାମିଲନାଡୁରେ ପୁଥାଣ୍ଡୁ ପାଳିତ ହେବାକୁ ଥିବା ବେଳେ ପଞ୍ଜାବ ଓ ଉତ୍ତର ଭାରତର ଅନ୍ୟ ପ୍ରାନ୍ତରେ ବୈଶାଖୀ ପାଳନ କରାଯିବ । ଏସବୁ ପର୍ବପର୍ବାଣୀ ସକାରାତ୍ମକତା ସହିତ ଆଶାର ଏକ ଭାବନା ସୃଷ୍ଟି କରିବ । ଭାରତ ଓ ବିଦେଶରେ ଏସବୁ ପର୍ବପର୍ବାଣୀ ପାଳନ କରୁଥିବା ସମସ୍ତଙ୍କୁ ମୋର ଶୁଭକାମନା । ଏସବୁ ପବିତ୍ର ପର୍ବପର୍ବାଣୀ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ନେଇ ଆସୁ । ଏହା ସହିତ, ଏପ୍ରିଲ୍ ୧୧ ତାରିଖରେ ଆମେ ମହାତ୍ମା ଫୁଲେଙ୍କ ୨୦୦ତମ ଜନ୍ମ ବାର୍ଷିକୀ ପାଳନ ଆରମ୍ଭ କରିବା ଏବଂ ୧୪ ତାରିଖରେ ସମଗ୍ର ଭାରତ ଆମ୍ବେଦକର ଜୟନ୍ତୀରେ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବ ।

ଏହି ବିଶେଷ ଅବସରଗୁଡ଼ିକ ସହିତ, ଯେତେବେଳେ ଆମର ହୃଦୟ ଓ ମନରେ ନୂତନ ଜାଗରଣର ଭାବନା ଭରିଯାଏ, ସେତିକିବେଳେ ଆମ ଦେଶ ଆଉ ଏକ ଐତିହାସିକ ମୁହୂର୍ତ୍ତର ଦ୍ୱାରଦେଶରେ ଛିଡ଼ା ହୋଇଛି । ଆମ ଗଣତନ୍ତ୍ରର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଏବଂ ସମାନତା ଓ ଅନ୍ତର୍ଭୁକ୍ତୀକରଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିବା ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ ।

ଆସନ୍ତା ଏପ୍ରିଲ୍ ୧୬ ତାରିଖରେ, ମହିଳା ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ଓ ଏହାକୁ ଗୃହୀତ କରିବା ନିମନ୍ତେ ସଂସଦର ଅଧିବେଶନ ବସିବ । ଏହାକୁ କେବଳ ଏକ ଆଇନଗତ କାର୍ଯ୍ୟ ଭାବରେ ବର୍ଣ୍ଣନା କରିବା ନ୍ୟୁନ ହେବ । ଏହା ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିବିମ୍ବ । ମହିଳାଙ୍କ ଉନ୍ନତି ହେଲେ ସମାଜର ପ୍ରଗତି ହୋଇପାରିବ । ଏହା ହେଉଛି ସେହି ସିଦ୍ଧାନ୍ତର ସୁଦୃଢ଼ୀକରଣ ଯାହା ଦୀର୍ଘ ସମୟ ଧରି ଆମ ସଭ୍ୟତାଗତ ଭାବନାକୁ ମାର୍ଗଦର୍ଶନ କରି ଆସିଛି । ଭାରତର ଜନସଂଖ୍ୟାର ପ୍ରାୟ ଅଧା ଭାଗ ହେଉଛନ୍ତି ମହିଳା । ଆମ ଦେଶ ଗଠନରେ ସେମାନଙ୍କର ଅବଦାନ ଅତୁଳନୀୟ ତଥା ଅମୂଲ୍ୟ । ଆଜି ଭାରତର ପ୍ରତିଟି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିବାର ଦେଖିବାକୁ ମିଳୁଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଠାରୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ, କ୍ରୀଡ଼ା ଠାରୁ ପ୍ରତିରକ୍ଷା ବାହିନୀ ଏବଂ ସଙ୍ଗୀତ ଠାରୁ କଳା ପର୍ଯ୍ୟନ୍ତ-ସବୁଠି ମହିଳାମାନେ ଭାରତର ପ୍ରଗତିର ଅଗ୍ରଭାଗରେ ରହିଛନ୍ତି । ବିଗତ ବର୍ଷଗୁଡ଼ିକରେ, ମହିଳା ସଶକ୍ତିକରଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନିରନ୍ତର ପ୍ରୟାସ କରାଯାଇଛି । ଶିକ୍ଷା କ୍ଷେତ୍ରରେ ସୁଯୋଗ, ଉନ୍ନତ ସ୍ୱାସ୍ଥ୍ୟସେବା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ସାମାଜିକ ଓ ଅର୍ଥନୈତିକ ଜୀବନରେ ମହିଳାମାନଙ୍କ ଭାଗିଦାରୀକୁ ଆହୁରି ସୁଦୃଢ଼ କରିଛି ।

ଏହା ସତ୍ତ୍ୱେ, ରାଜନୀତି ଏବଂ ବିଧାନପାଳିକା କ୍ଷେତ୍ରରେ ସେମାନଙ୍କର ପ୍ରତିନିଧିତ୍ୱ ସମାଜରେ ସେମାନଙ୍କର ଭୂମିକା ଅନୁସାରେ ସମାନ ହୋଇପାରିନାହିଁ । ଏହା ବିଶେଷ ଭାବରେ ଦୁର୍ଭାଗ୍ୟଜନକ, କାରଣ ଯେତେବେଳେ ମହିଳାମାନେ ପ୍ରଶାସନ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ସେମାନେ ନିଜ ସହିତ ଏପରି ଅଭିଜ୍ଞତା ଏବଂ ଦୂରଦୃଷ୍ଟି ଆଣିଥାନ୍ତି ଯାହା ସାଧାରଣ ଆଲୋଚନାକୁ ସମୃଦ୍ଧ କରିବା ସହ ଶାସନ ପ୍ରଣାଳୀର ଗୁଣବତ୍ତାରେ ଉନ୍ନତି ଆଣିଥାଏ । ମହିଳାଙ୍କ ଭାଗିଦାରୀ ବାଢ଼ିବା କେବଳ ପ୍ରତିନିଧିତ୍ୱର ବିଷୟ ନୁହେଁ, ଏହା ଆମ ଗଣତନ୍ତ୍ରକୁ ଅଧିକ ସମ୍ବେଦନଶୀଳ, ସନ୍ତୁଳିତ ଏବଂ ଉତ୍ତରଦାୟୀ କରିବାର ପ୍ରୟାସ । ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସହିତ ୨୦୨୯ ଲୋକସଭା ନିର୍ବାଚନ ଏବଂ ଆଗାମୀ ସମୟରେ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ କରାଯିବା ଅତ୍ୟନ୍ତ ଜରୁରୀ । କିଛି ଦଶନ୍ଧି ଧରି, ପୂର୍ବ ସରକାରମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକରେ ମହିଳାମାନଙ୍କୁ ଉପଯୁକ୍ତ ସ୍ଥାନ ଦେବା ପାଇଁ ବାରମ୍ବାର ପ୍ରୟାସ କରାଯାଇଛି । କମିଟି ଗଠନ ହୋଇଛି, ଚିଠା ବିଲ୍ ମଧ୍ୟ ପ୍ରସ୍ତୁତ ହୋଇଛି, କିନ୍ତୁ ସେଗୁଡ଼ିକ କେବେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିନାହିଁ । ବିଧାନପାଳିକା ଗୁଡ଼ିକରେ ମହିଳାଙ୍କ ପ୍ରତିନିଧିତ୍ୱ ବାଢ଼ିବା ନେଇ ବ୍ୟାପକ ସହମତି ହାସଲ କରାଯାଇପାରିନାହିଁ । ତେବେ ସେପ୍ଟେମ୍ବର ୨୦୨୩ରେ ସର୍ବସମ୍ମତିକ୍ରମେ ସଂସଦ 'ନାରୀ ଶକ୍ତି ବନ୍ଦନ ଆଇନ'କୁ ଅନୁମୋଦନ କରିଥିଲା । ଏହାକୁ ମୁଁ ମୋ ଜୀବନର ସବୁଠୁ ସ୍ୱତନ୍ତ୍ର ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରିଥାଏ ।

ମହିଳା ସଂରକ୍ଷଣ ସୁନିଶ୍ଚିତ କରିବାର ଏହି ସୁଯୋଗ ଆମ ସମ୍ବିଧାନର ମୂଳଭାବନା ସହିତ ଗଭୀର ଭାବରେ ଜଡ଼ିତ । ଆମ ସମ୍ବିଧାନର ନିର୍ମାତାମାନେ ଏପରି ଏକ ସମାଜର ପରିକଳ୍ପନା କରିଥିଲେ ଯେଉଁଠି ସମାନତା କେବଳ ସମ୍ବିଧାନରେ ସୀମିତ ରହିବ ନାହିଁ ବରଂ ଏହାକୁ ବାସ୍ତବ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ । ବିଧାନପାଳିକା ପ୍ରତିଷ୍ଠାନରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସେହି ପରିକଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଏପରି ଏକ ସମାଜ ଗଠନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କ ରାଷ୍ଟ୍ରର ଭାଗ୍ୟ ଗଠନରେ ସମାନ ଭୂମିକା ରହିବ । ଏହା ଏପରି ଏକ ମୁହୂର୍ତ୍ତ ଯାହାକୁ ଆଉ ସ୍ଥଗିତ ରଖାଯାଇପାରିବ ନାହିଁ । ମହିଳା ପ୍ରତିନିଧିତ୍ୱକୁ ଆଗକୁ ବଢ଼ାଇବାରେ ଡେରି କରିବାର ଅର୍ଥ ହେଉଛି, ବାସ୍ତବରେ, ଆମର ଗଣତନ୍ତ୍ରର ଗୁଣବତ୍ତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବାର ନିଷ୍ପତ୍ତିକୁ ଟାଳିଦେବା । ଅନେକ ଦଶନ୍ଧି ଧରି, ବିଧାନପାଳିକା ପ୍ରତିଷ୍ଠାନଗୁଡ଼ିକରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ଆବଶ୍ୟକତାକୁ ସ୍ୱୀକାର କରି ଆଲୋଚନା ଏବଂ ବିଚାରବିମର୍ଶ ହୋଇଛି । ଏହାକୁ କାର୍ଯ୍ୟରେ ପରିଣତ କରିବାରେ ଆଉ ବିଳମ୍ବ କରାଯିବା ଉଚିତ ହେବ ନାହିଁ । ଏହାକୁ ସ୍ୱୀକାର କରି ସଂଶୋଧନ କରିବାର କ୍ଷମତା ଆମ ପାଖରେ ରହିଛି । ଅଧିକ ବିଳମ୍ବର ଅର୍ଥ ହେଉଛି ପୁରୁଣା ଅସନ୍ତୁଳନକୁ ଆଗକୁ ବଢାଇବା । ଭାରତ ଏବେ ଆତ୍ମବିଶ୍ୱାସ ସହିତ ସ୍ପଷ୍ଟ ଉଦ୍ଦେଶ୍ୟ ନେଇ ଆଗକୁ ବଢୁଛି । ଆମ ପ୍ରତିଷ୍ଠାନଗୁଡ଼ିକରେ ସବୁ ନାଗରିକ, ବିଶେଷ କରି ଅଧା ଜନସଂଖ୍ୟାର ଆକାଂକ୍ଷା ପ୍ରତିଫଳିତ ହେବା ଜରୁରୀ । ଏହା ପ୍ରକୃତରେ ଆମର ଗଣତନ୍ତ୍ରକୁ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାର ଏକ ଐତିହାସିକ ସୁଯୋଗ ।

ଏହି ମୁହୂର୍ତ୍ତ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ କରୁଛି । ଏହା କୌଣସି ନିର୍ଦ୍ଦିଷ୍ଟ ସରକାର, ଦଳ ବା ବ୍ୟକ୍ତିବିଶେଷର ବିଷୟ ନୁହେଁ ବରଂ ଏହି ପଦକ୍ଷେପର ଗୁରୁତ୍ୱକୁ ସମଗ୍ର ଦେଶ ହୃଦୟଙ୍ଗମ କରି ଏହାର ସଫଳ ରୂପାୟନ ପାଇଁ ଏକଜୁଟ ହେବାର ସମୟ । ଆମର 'ନାରୀ ଶକ୍ତି' ପ୍ରତି ଏହା ହିଁ ହେବ ପ୍ରକୃତ ସମ୍ମାନ । ସେଥିପାଇଁ, ମହିଳା ସଂରକ୍ଷଣ ବିଲ୍ ଅନୁମୋଦିତ ହେବା ସମୟରେ ବ୍ୟାପକ ସହମତି ପ୍ରକାଶ ପାଇବା ଆବଶ୍ୟକ ଏବଂ ଏହା ବୃହତ ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ହେବା ଉଚିତ । ଏଭଳି ସୁଯୋଗ ଆମକୁ ନିଜ ପାଇଁ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଦିଏ । ଏହା ଆମକୁ ମନେ ପକାଇଦିଏ ଯେ, ସମୟ ସହିତ ପରିବର୍ତ୍ତିତ ହେବା ଏବଂ ସମସ୍ତଙ୍କୁ ସାମିଲ କରି ଅଧିକ ସମାବେଶୀ ହେବା ମଧ୍ୟରେ ହିଁ ଏକ ଗଣତନ୍ତ୍ରର ପ୍ରକୃତ ଶକ୍ତି ନିହିତ । ଏହି ଐତିହାସିକ ସଂସଦୀୟ ଅଧିବେଶନ ପୂର୍ବରୁ, ମୁଁ ସମସ୍ତ ରାଜନୈତିକ ଦଳର ସାଂସଦମାନଙ୍କୁ ନିବେଦନ କରୁଛି ଯେ, ଭାରତର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମସ୍ତେ ମିଳିମିଶି ସମର୍ଥନ କରନ୍ତୁ । ଆସନ୍ତୁ, ଏହି ସୁଯୋଗକୁ ଏକ ଦାୟିତ୍ୱବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ଗ୍ରହଣ କରିବା । ଆମେ ଏପରି ଭାବରେ କାର୍ଯ୍ୟ କରିବା, ଯାହା ଆମ ଗଣତନ୍ତ୍ରର ସର୍ବୋଚ୍ଚ ପରମ୍ପରାକୁ ପ୍ରତିଫଳିତ କରିବ । ଭାରତ ସର୍ବଦା ଏହା ପ୍ରମାଣିତ କରିଛି ଯେ, ଯେତେବେଳେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆସେ, ଦେଶ ସମସ୍ତ ମତଭେଦରୁ ଊର୍ଦ୍ଧ୍ୱକୁ ଉଠି ଏକଜୁଟ ହୋଇ କାର୍ଯ୍ୟ କରିଥାଏ । ଏହା ସେହିଭଳି ଏକ ମୁହୂର୍ତ୍ତ । ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆଗକୁ ବଢ଼ିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଦେଶର ପ୍ରଗତି ପାଇଁ ଆମର 'ନାରୀ ଶକ୍ତି'ଙ୍କୁ ସଶକ୍ତ କରିବା ।

* * *

# ସ୍କର୍ଭି ଓ ଭିଟାମିନ୍-ସିର କଥା



**ଡା. ରାଜ କିଶୋର ପଣ୍ଡା**

ମଣିଷ ଶରୀରରେ ଦେଖାଯାଉଥିବା ବିଭିନ୍ନ ରୋଗକୁ ବିଭକ୍ତିକରଣ କଲେ, ଯଦି ଆମେ ରୋଗର କାରଣକୁ ମାପଦଣ୍ଡ ରଖିବା ତାହା ହେଲେ ଆମେ ଚାରିଭାଗରେ ସମୁଦାୟ ରୋଗମାନଙ୍କୁ ବିଭକ୍ତ କରିପାରିବା । ଏଗୁଡ଼ିକ ହେଲା:-

୧) ସଂକ୍ରାମକ ରୋଗ :- (Infectious Disease)ଏହା ଜୀବାଣୁ, ବୀଜାଣୁ, କବକ ଦ୍ୱାରା ବ୍ୟାପିଥାଏ ।

୨) ଆନୁବଂଶିକ ରୋଗ:- (Genetic Disease)ମଣିଷ ଶରୀରରେ ଥିବା ଗୁଣସୂତ୍ର ବା କ୍ରୋମୋଜୋମରେ କୌଣସି ଅପ୍ରତ୍ୟାଶିତ ଭୁଲ ହେଲେ ଏହା ହୋଇଥାଏ ।

୩) ଖାଦ୍ୟ ଅଭାବଜନିତ ରୋଗ:- (Mineral and Vitamin Deficiency Disease) ମଣିଷ ଶରୀର ବିଭିନ୍ନ ଭିଟାମିନ୍ ଓ ଖଣିଜଦ୍ରବ୍ୟଯୁକ୍ତ ଖାଦ୍ୟରୁ ବଞ୍ଚିତ ହେଲେ ଏହି ରୋଗ ହୁଏ ।

୪) ପାଚନଜନିତ ରୋଗ:- (Metabolic Disease) ମଣିଷ ଶରୀରରେ ଦେଖାଯାଉଥିବା ବିଭିନ୍ନ ରାସାୟନିକ ପ୍ରକ୍ରିୟା ବାଧାପ୍ରାପ୍ତ ହେଲେ ଏହି ରୋଗ ହୋଇଥାଏ । ହରମୋନ୍‌ଜନିତ ରୋଗ (ଯେପରିକି ଇନସୁଲିନ୍ ଅଭାବରେ ମଧୁମେହ)କୁ ମଧ୍ୟ ଆମେ ଏହି ବର୍ଗରେ ରଖି ପାରିବା ।

ଏଥର ଏହି ସ୍ତମ୍ଭରେ ଆମ୍ଭେମାନେ ଜାଣିବା ଖାଦ୍ୟ ଓ ଭିଟାମିନ ଅଭାବ ଜନିତ ରୋଗମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଏକ ରୋଗ, ଯାହାର ନାମ ସ୍କର୍ଭି (Scurvy) । ଡାକ୍ତରୀ ବିଜ୍ଞାନର ବହୁଳ ଉନ୍ନତି ଓ ଜନସଚେତନତା ଫଳରେ ଆଜି ଏହି ରୋଗର ଭୟାବହତା ନାହିଁ କହିଲେ ଚଳେ କିନ୍ତୁ ଏକଦା ଏହା ଅହେତୁକ ଆତଙ୍କ ସୃଷ୍ଟି କରିଥିଲା ଜଳପଥର ଯାତ୍ରୀ ଓ ନାବିକମାନଙ୍କର କ୍ଷେତ୍ରରେ । ବହୁ ନାବିକ ଦୁଃସାହସିକ ଜଳଯାତ୍ରାରେ ବାହାରି ସ୍କର୍ଭିରେ ପୀଡ଼ିତ ହୋଇ ଅକାଳ ମୃତ୍ୟୁ ମୁଖରେ ପଡୁଥିଲେ । ଏଥିପାଇଁ ଏହାକୁ କୁହାଯାଏ ନାବିକମାନଙ୍କର ରୋଗ (Sailor's Disease) ।

ଖ୍ରୀଷ୍ଟପୂର୍ବ ୧୫୦୦ରେ ରଚିତ ହୋଇଥିବା ଇଜିପ୍ଟର ଔଷଧୀୟ ଗ୍ରନ୍ଥ ଏବରସ୍ ପାପିରସ୍‌ରେ ପ୍ରଥମେ ସ୍କର୍ଭିର ଉଲ୍ଲେଖ ଦେଖିବାକୁ ମିଳିଥାଏ । ଏଥିରେ ଲେଖା ଅଛି ଯେ, ସୈନିକ ଓ ନାବିକ ଯେଉଁମାନଙ୍କର ଖାଦ୍ୟରେ ସତେଜ ଫଳ ଓ ପନିପରିବାର ଅଭାବ ଥାଏ, ସେମାନଙ୍କୁ ମୁଖ୍ୟତଃ ଏହି ରୋଗ ହୋଇଥାଏ । ଏହି ରୋଗର ଏକ ଗଭୀର ଐତିହାସିକ ମହତ୍ତ୍ୱ ଅଛି ଏବଂ ଶହ ଶହ ବର୍ଷ ଧରି ମଣିଷ ସମାଜକୁ ଏହା ଅସ୍ତବ୍ୟସ୍ତ କରିଛି । ପ୍ରାଚୀନ ଗ୍ରୀକ୍ ଓ ରୋମାନ ଗ୍ରନ୍ଥମାନଙ୍କରେ ମଧ୍ୟ ଏହାର ସବିଶେଷ ବିବରଣୀ ସ୍ଥାନ ପାଇଛି । ଆୟାରଲ୍ୟାଣ୍ଡରେ ହୋଇଥିବା ଭୟଙ୍କର ଦୁର୍ଭିକ୍ଷ, ଯାହାକୁ ଇଂରାଜୀରେ କୁହାଯାଏ 'ଗ୍ରେଟ୍ ପୋଟାଟୋ ଫେମିନ୍', ଆମେରିକା ଗୃହଯୁଦ୍ଧ, ଉତ୍ତରମେରୁ ଆବିଷ୍କାର ଅଭିଯାନ ଏବଂ କାଲିଫର୍ଣ୍ଣିଆରେ ହୋଇଥିବା ସୁନା ଖଣି ଖୋଜା ଅଭିଯାନ (କାଲିଫର୍ଣ୍ଣିଆନ ଗୋଲ୍ଡ ରସ୍) ଇତ୍ୟାଦିରେ ଏହି ରୋଗ ଅସଂଖ୍ୟ ପ୍ରାଣନାଶ କରିଛି ।

**କୁହାଯାଏ ଯେ ଅଠରଶହ ଶତାବ୍ଦୀରେ ବ୍ରିଟିଶ ନୌବାହିନୀରେ ଯୁଦ୍ଧ ଅପେକ୍ଷା ସ୍କର୍ଭି ଦ୍ୱାରା ହିଁ ଅଧିକ ନାବିକ ମୃତ୍ୟୁବରଣ କରିଥିଲେ । ଏହି ବ୍ରିଟିଶ ନାବିକମାନଙ୍କୁ ମଜାରେ 'ଲିମି' ବୋଲି ଡକାଯାଉଥିଲା, କାରଣ ବ୍ରିଟିଶ ସରକାର ଏହାର ନାବିକମାନଙ୍କୁ ସ୍କର୍ଭିରୁ ରକ୍ଷା କରିବା ନିମନ୍ତେ ପ୍ରଚୁର ପରିମାଣରେ ଲେମନ୍ ବା ଲେମ୍ବୁ ରସ ଯୋଗାଇ ଦେଉଥିଲେ । ଜନସଚେତନତା ଯୋଗୁଁ ସାମ୍ପ୍ରତିକ ସମୟରେ ଏହି ରୋଗର ପ୍ରଭାବ ଆଉ ନାହିଁ କହିଲେ ଚଳେ । ନିକଟ ଅତୀତରେ ଦୁଇହଜାର ମସିହାରେ ଏହି ରୋଗ ଦେଖିବାକୁ ମିଳିଥିଲା ଯୁଦ୍ଧ ପ୍ରପୀଡ଼ିତ ଆଫ୍‌ଗାନିସ୍ଥାନରେ । ତେଣୁ ଆମେମାନେ ପ୍ରତିଦିନ ଲେମ୍ବୁ ଖାଇବା ଓ ସ୍କର୍ଭିଠୁ ଦୂରରେ ରହିବା ଉଚିତ ।**

କିନ୍ତୁ ସ୍କର୍ଭିର ସବୁଠାରୁ ମରଣାନ୍ତକ ପ୍ରଭାବ ପଡ଼ିଥିଲା ଇଉରୋପର ନାବିକମାନଙ୍କର ଜଳଯାତ୍ରା ଉପରେ । ସମୟ ଥିଲା ଇଉରୋପୀୟ ନବଜାଗରଣ (ରେନେସାଁ) ଯାହାକି ବ୍ୟାପ୍ତ ହୋଇଥିଲା ଚଉଦଶହରୁ ସତରଶହ ଶତାବ୍ଦୀ ମଧ୍ୟରେ । ବ୍ରିଟିଶ ନାବିକମାନେ ମଧ୍ୟ ଜର୍ଜଆନ୍ ଓ ଭିକ୍ଟୋରିଆନ୍ ଯୁଗ ସମୟରେ ବିପୁଳ ଭାବରେ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ । ଏହି ନାବିକମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବିଖ୍ୟାତ 'କଲମ୍ବସ୍' ।

୧୪୯୩ ମସିହାରେ ଡୋମିନିକାଠାରେ ସେ ପ୍ରତିଷ୍ଠା କରିଥିଲେ ଏକ ସ୍ପାନିଶ ବସତି । ନିଜ ସହିତ ଯାତ୍ରା କରିଥିବା ଲୋକମାନଙ୍କୁ ସେ ଏଠାରେ ଥଇଥାନ କରାଇଥିଲେ । କିନ୍ତୁ ବସତି ଆରମ୍ଭ ହେବାର ମାତ୍ର ଚାରିବର୍ଷ ଭିତରେ ଏହାର ସବୁ ଅଧିବାସୀ ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଏହି ବସତିଟିର ନାଁ ଥିଲା – 'ଲା ଇସାବେଲା' । ଐତିହାସିକ ତଥା ବୈଜ୍ଞାନିକମାନେ ଦୀର୍ଘ ବର୍ଷ ଧରି ମେଲେରିଆ ଓ ଇନଫ୍ଲୁଏଞ୍ଜାକୁ 'ଲା ଇସାବେଲା'ର ପତନ ପାଇଁ ଦାୟୀ କରୁଥିଲେ । କିନ୍ତୁ ସାମ୍ପ୍ରତିକ ସମୟରେ ସେଠାରେ କବର ଦିଆଯାଇଥିବା ମୃତକମାନଙ୍କର ଅସ୍ଥି ପରୀକ୍ଷାରୁ ଜଣାପଡ଼ିଛି ଯେ ସ୍କର୍ଭି ରୋଗର ପ୍ରାଦୁର୍ଭାବରୁ ହିଁ ସେଠାରେ ଅକାଳ ମୃତ୍ୟୁମାନ ସଂଘଟିତ ହୋଇଥିଲା । ଏହି ଗବେଷଣାର ଫଳାଫଳ 'ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଅଷ୍ଟିଓଆର୍କିଓଲୋଜି'ରେ ପ୍ରକାଶିତ ।

ଦ୍ୱିତୀୟ ବିଶିଷ୍ଟ ନାବିକ ହେଉଛନ୍ତି ଭାରତକୁ ଜଳପଥ ଆବିଷ୍କାର କରିଥିବା ପର୍ତ୍ତୁଗୀଜ ନାବିକ ଭାସ୍କୋଡ଼ାଗାମା । ନିଜର ପ୍ରଥମ ଭାରତ ଅଭିଯାନରେ ଗାମାଙ୍କର ୧୭୦ଜଣ ସହଯାତ୍ରୀଙ୍କ ମଧ୍ୟରୁ ପାଖାପାଖି ୧୦୦ଜଣଙ୍କର ମୃତ୍ୟୁ ହୋଇଥିଲା ଏହି ସ୍କର୍ଭିରେ । ଏହି ରୋଗର ନିରାକରଣ କମଳା ଲେମ୍ବୁ ଜାତୀୟ ଫଳଦ୍ୱାରା ହିଁ ହୋଇପାରିବ ବୋଲି ପ୍ରଥମେ ଘୋଷଣା କଲେ ପର୍ତ୍ତୁଗୀଜର ଆଉ ଜଣେ ନାବିକ ପେଡ୍ରୋ ଆଲଭାରସ୍ । ସେଥିପାଇଁ ପର୍ତ୍ତୁଗୀଜମାନେ ସେ ହେଲେନା ଦ୍ୱୀପରେ କମଳା ଲେମ୍ବୁ ଜାତୀୟ ଫଳ ଓ ଅନ୍ୟାନ୍ୟ ପନିପରିବାର ଚାଷର ବ୍ୟବସ୍ଥା କରିଥିଲେ । ଏସିଆକୁ ଜଳପଥରେ ଏହି ସେ ହେଲେନା ଦ୍ୱୀପ ଏକ ପ୍ରକାରର ଆଶ୍ରୟ ସ୍ଥଳର କାମ କରୁଥିଲା । ତେବେ ପ୍ରଥମେ ବ୍ୟାପକ ପରୀକ୍ଷା ନିରୀକ୍ଷା କରି ଏ ବିଷୟରେ ସବିଶେଷ ତଥ୍ୟ ରଖିଥିଲେ ସ୍କଟଲ୍ୟାଣ୍ଡର ଡାକ୍ତର ଜେମସ୍ ଲିଣ୍ଡ । ବ୍ରିଟିଶ ଜଳବାହିନୀରେ କାର୍ଯ୍ୟ କରୁଥିବା ଲିଣ୍ଡ, ସ୍କର୍ଭିର ବିଭିନ୍ନ ସମ୍ଭାବ୍ୟ ନିରାକରଣ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଗବେଷଣା କରି ମତପୋଷଣ କରିଥିଲେ ଯେ, ଏହି ରୋଗର ଉପଶମ କମଳା ଓ ଲେମ୍ବୁ ଜାତୀୟ ଫଳଦ୍ୱାରା ହିଁ ହୋଇପାରିବ ।

ବର୍ତ୍ତମାନ ଆମେ ଆସିବା ଆଧୁନିକ ସମୟକୁ ଅର୍ଥାତ୍ ୧୯୩୦ ଦଶକକୁ । ୧୯୩୨ ମସିହାରେ ଯେତେବେଳେ ଭିଟାମିନ-ସି ସର୍ବପ୍ରଥମେ ଆବିଷ୍କୃତ ଓ ମନୁଷ୍ୟକୃତ ଭାବେ ପ୍ରସ୍ତୁତ ହେଲା, ସ୍କର୍ଭିର ସମ୍ପୂର୍ଣ୍ଣ ରହସ୍ୟ ସମଗ୍ର ମାନବ ଜାତି ଜାଣିଲା । ଲେମ୍ବୁ, କମଳା ଓ ଅନ୍ୟାନ୍ୟ ଖଟା ଜାତୀୟ ଫଳରେ ଥିବା ଭିଟାମିନ-ସି ର ଅଭାବରେ ହିଁ ସ୍କର୍ଭି ରୋଗ ହୁଏ ବୋଲି ପରିଷ୍କାର ଭାବେ ଜଣାପଡ଼ିଲା ।

ଗୋଟିଏ ଉଲ୍ଲେଖନୀୟ କଥା ହେଉଛି ମଣିଷ ଶରୀରରେ ଏହି ଭିଟାମିନ-ସି ପ୍ରସ୍ତୁତ ହୋଇନଥାଏ ଏବଂ ଏହା ପାଇଁ ଆମକୁ ଖାଦ୍ୟ ଉପରେ ହିଁ ନିର୍ଭର ରହିବା ପାଇଁ ପଡ଼ିଥାଏ ।

ସ୍କର୍ଭିର ଲକ୍ଷଣ ମଧ୍ୟରେ ମୁଖ୍ୟତଃ ରୋଗୀର ନିସ୍ତେଜତା, ଦାନ୍ତମାଡ଼ି ଫୁଲିବା, ଦାନ୍ତମାଡ଼ିରୁ ରକ୍ତ ବାହାରିବା ଓ କ୍ଷତ ଆଦି ନ ଶୁଖିବା ପ୍ରଧାନ । ଆମ ଦେହରେ ଥିବା କୋଲାଜେନ୍ ନାମକ ପ୍ରୋଟିନ୍‌ର ପ୍ରସ୍ତୁତି ପାଇଁ ଭିଟାମିନ-ସିର ନିତାନ୍ତ ଆବଶ୍ୟକତା ଥାଏ । ଏହି କୋଲାଜେନ୍ ହିଁ ମଣିଷ ଶରୀରର ମାଂସପେଶୀ, ହାଡ଼ ଇତ୍ୟାଦି ତିଆରିରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ସ୍ୱାଭାବିକ ଭାବରେ ସ୍କର୍ଭିରେ ଭିଟାମିନ-ସି ର ଅଭାବରେ ଯଥେଷ୍ଟ କୋଲାଜେନ୍ ତିଆରି ନ ହୋଇ ପାରିବାରୁ ଦେହର ମାଂସପେଶୀ ଓ ଅସ୍ଥି ଆଦି ଦୁର୍ବଳ ହୋଇଥାଏ ।

ଯେଉଁ ମାଆମାନେ ଶିଶୁକୁ ସ୍ତନ୍ୟପାନ କରାଉଥିବେ, ସେମାନେ ଯଦି ଯଥେଷ୍ଟ ପରିମାଣରେ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ଖାଉଥିବେ ତେବେ ମାଆ କ୍ଷୀର ଜରିଆରେ ଶିଶୁଟି ମଧ୍ୟ ଏହି ଭିଟାମିନ୍ ପାଇପାରିବ କିନ୍ତୁ ବଜାରରେ ମିଳୁଥିବା ପ୍ୟାକେଟ୍ କ୍ଷୀରରେ ପାଶ୍ଚୁରାଇଜେସନ୍ ପ୍ରକ୍ରିୟାଦ୍ୱାରା ସେଥିରେ ଥିବା ଭିଟାମିନ୍-ସି ନଷ୍ଟ ହୋଇ ଯାଇଥାଏ । ଏହି ରୋଗର ନିରାକରଣ ସକାଶେ ଆମେ ମୁଖ୍ୟତଃ ଭିଟାମିନ୍-ସି କୁ ପ୍ରତିଦିନ ଅତିକମ୍‌ରେ କୋଡ଼ିଏ ମିଲିଗ୍ରାମ ଖାଇବା ଦରକାର । କମଳା ଓ ଲେମ୍ବୁକୁ ଛାଡ଼ିଦେଲେ ଅନ୍ୟ ଫଳ ଓ ପନିପରିବା ଯେଉଁଥିରୁ ଆମେ ଭିଟାମିନ-ସି ପାଇପାରିବା, ତାହା ହେଲା ପିଜୁଳି, ଅଁଳା, ବ୍ରୋକଲି, ବନ୍ଧାକୋବି, ଲିଚୁ ଓ ବିଭିନ୍ନ ପ୍ରକାର ଶାଗ ଇତ୍ୟାଦି ।

କୁହାଯାଏ ଯେ ଅଠରଶହ ଶତାବ୍ଦୀରେ ବ୍ରିଟିଶ ନୌବାହିନୀରେ ଯୁଦ୍ଧ ଅପେକ୍ଷା ସ୍କର୍ଭି ଦ୍ୱାରା ହିଁ ଅଧିକ ନାବିକ ମୃତ୍ୟୁବରଣ କରିଥିଲେ । ଏହି ବ୍ରିଟିଶ ନାବିକମାନଙ୍କୁ ମଜାରେ 'ଲିମି' ବୋଲି ଡକାଯାଉଥିଲା, କାରଣ ବ୍ରିଟିଶ ସରକାର ଏହାର ନାବିକମାନଙ୍କୁ ସ୍କର୍ଭିରୁ ରକ୍ଷା କରିବା ନିମନ୍ତେ ପ୍ରଚୁର ପରିମାଣରେ ଲେମନ୍ ବା ଲେମ୍ବୁ ରସ ଯୋଗାଇ ଦେଉଥିଲେ । ଜନସଚେତନତା ଯୋଗୁଁ ସାମ୍ପ୍ରତିକ ସମୟରେ ଏହି ରୋଗର ପ୍ରଭାବ ଆଉ ନାହିଁ କହିଲେ ଚଳେ । ନିକଟ ଅତୀତରେ ଦୁଇହଜାର ମସିହାରେ ଏହି ରୋଗ ଦେଖିବାକୁ ମିଳିଥିଲା ଯୁଦ୍ଧ ପ୍ରପୀଡ଼ିତ ଆଫ୍‌ଗାନିସ୍ଥାନରେ । ତେଣୁ ଆମେମାନେ ପ୍ରତିଦିନ ଲେମ୍ବୁ ଖାଇବା ଓ ସ୍କର୍ଭିଠୁ ଦୂରରେ ରହିବା ଉଚିତ ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ପଦ୍ମବିଭୂଷଣ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

## ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଏବଂ ସାହିତ୍ୟ ଆସର

ପୁରୀ, (ସବ୍ୟୁ) : ପୁରୀ ବଡ଼ ଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ଠାରେ ସ୍ୱର୍ଗତ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ୨୨ତମ ଶ୍ରଦ୍ଧାଞ୍ଜଳି ଅବସରରେ ପୁରୀ ଡ୍ୟାନ୍ସ ଏକାଡେମୀ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଓ ସାହିତ୍ୟ ଆସର ସମ୍ବଳିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ସନ୍ଧ୍ୟା ଘ.୬: ୦୦ମି ସମୟରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟିତ ହୋଇଥିଲା। ସାହିତ୍ୟ ଆଲୋଚନା ଚକ୍ରରେ ବରିଷ୍ଠ ସଙ୍ଗୀତଗୁରୁ କବିତିଳକ ଆର୍ତ୍ତତ୍ରାଣ ଶତପଥୀ, ଭାରତ ସେବାଶ୍ରମ ସଂଘର ବୃନ୍ଦାବନ ଶାଖା ମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ, ଭାରତ ସେବାଶ୍ରମ ସଂଘର ସହ ସମ୍ପାଦକ ସ୍ୱାମୀ ସମିଧାନନ୍ଦ ମହାରାଜ ଆଦି ବ୍ୟକ୍ତି ବିଶେଷ ଉପସ୍ଥିତ ରହି "ଗୀତ ଗୋବିନ୍ଦ ରେ ଶ୍ରୀ ଜଗନ୍ନାଥ" ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସନ୍ଧ୍ୟା ଘ. ୭:୦୦ ମିଂ ସମୟରେ ଆରମ୍ଭ ହୋଇଥଲା। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ତବଲା ବାଦକ ଗୁରୁ ଶରତ କୁମାର ରଥ, ପୂର୍ବତନ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ମୁଖ୍ୟ ସମ୍ପାଦକ ସମୟ ଗୁରୁ କଲ୍ୟାଣ ମହାପାତ୍ର, ସହନିର୍ଦ୍ଦେଶକ ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଏବଂ ବିଜେପି ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥି କଳାକାର ରୂପେ ଭୁବନେଶ୍ୱର ଆସିଥିବା ଲୋକନାଥ ସଙ୍ଗୀତ କଳାନିକେତନର କଳାକାର ଓ ନୃତ୍ୟାନିପୁଣ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ପ୍ରିୟଙ୍କା ମିଶ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଗୁରୁ ବନ୍ଦନା, ଚତୁର୍ଭୁଜ ଜଗନ୍ନାଥ, ଦଶାବତାର, ଶିବାୟ, ବଟୁ ଆଦି ନୃତ୍ୟ ପରିବେଷଣ କରି ଦର୍ଶକ ମାନଙ୍କ ମନୋରଞ୍ଜନ କରିଥିଲେ। ଅନୁଷ୍ଠାନ ତରଫରୁ ଶ୍ରୀମତୀ ଅଞ୍ଜୁ ପ୍ରଧାନଙ୍କୁ ପୁରୀ ଗୌରବ ସମ୍ମାନ, ସୁଶ୍ରୀ ଅସ୍ମିତା ଦାସଙ୍କୁ ନୃତ୍ୟାଞ୍ଜଳି ୨୦୨୬, ପ୍ରତିମା ମିଶ୍ରଙ୍କୁ କୃଷ୍ଣାରାମ ଖୁଣ୍ଟିଆ ସ୍ମୃତି ସାନ, ଡକ୍ଟର ନିଲାଞ୍ଚଳ ସିଂଙ୍କୁ ବିଜୟ ଲକ୍ଷ୍ମୀ ମହାନ୍ତି ସ୍ମୃତି ସମ୍ମାନ, ଗୁରୁ ବିବେକ ମହାନ୍ତିଙ୍କୁ ତନୁଶ୍ରୀ ପଣ୍ଡା ସ୍ମୃତି ସମ୍ମାନ ଗୁରୁ ରବି ନାରାୟଣ ଦାସଙ୍କୁ ଅଭୟ କୁମାର ସରାଫ ସ୍ମୃତି ସମ୍ମାନ, ଗୁରୁ କାର୍ତ୍ତିକ ସାହୁଙ୍କୁ ଶ୍ୟାମ ସୁନ୍ଦର ପାଣ୍ଡେ ସ୍ମୃତି ସମ୍ମାନ, ବିଜୟଲକ୍ଷ୍ମୀ ଦାସଙ୍କୁ ଗୁରୁ ଲିଙ୍ଗରାଜ ବେହେରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ଓ ରୋଜାଲିନ ମହାନ୍ତି ସଭା ପରିଚାଳନା କରିଥିଲେ।

# ଭୁବନେଶ୍ୱରରେ ମାଲାବାର ଗୋଲ୍ଡର ସିଏସ୍ଆର କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର: ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏହାର ପୂର୍ବାଞ୍ଚଳ ବୃତ୍ତି କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏହାର ୨୦୦ କୋଟି ଟଙ୍କାର ଜାତୀୟ ସିଏସଆର ପ୍ରତିଶ୍ରୁତିର ଅଂଶ ସ୍ୱରୂପ ଏହି ପଦକ୍ଷେପ ୧.୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସହିତ ୨,୦୦୦ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ କ୍ଷୁଧା ନିବାରଣ, ସ୍ୱାସ୍ଥ୍ୟସେବା, ଗୃହ ନିର୍ମାଣ ଓ ପରିବେଶ ସୁରକ୍ଷା ସହିତ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହା ଅଧିନରେ ରହିଥିବା ପ୍ରମୁଖ ପ୍ରୟାସଗୁଡ଼ିକ ମଧ୍ୟରେ ୩୩,୦୦୦ ବାଳିକାଙ୍କ ପାଇଁ ବୃତ୍ତି ପ୍ରଥମ ଏଜୁକେସନ୍ ଫାଉଣ୍ଡେସନ୍ ସହଭାଗିତାରେ ପଥପ୍ରାନ୍ତ ଶିଶୁମାନଙ୍କ ପାଇଁ ମାଇକ୍ରୋ-ଲର୍ଣ୍ଣିଂ ସେଣ୍ଟରର ସମ୍ପ୍ରସାରଣ ଏବଂ ମାଲାବାର ଚାରିଟେବୁଲ୍ ଟ୍ରଷ୍ଟ ମାଧ୍ୟମରେ ଏହାର କାର୍ଯ୍ୟକାରିତା ଅନ୍ତର୍ଭୁକ୍ତ। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଗ୍ରୁପ୍‌ର ବରିଷ୍ଠ ପ୍ରତିନିଧି, ଆମନ୍ତ୍ରିତ ଅତିଥି ଓ ଶିକ୍ଷାବିତମାନଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା । ଆଞ୍ଚଳିକ ସ୍ତରରେ ପୂର୍ବ ଭାରତରେ ଗ୍ରୁପ୍‌ର ସିଏସଆର ପଦକ୍ଷେପଗୁଡ଼ିକ ବ୍ୟତୀତ କ୍ଷୁଧା ଦୂରୀକରଣ, ଶିକ୍ଷା ସହାୟତା ଓ ଅତ୍ୟାବଶ୍ୟକ ସମ୍ବଳ ଉପଲବ୍ଧତା ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି । ଓଡ଼ିଶାରେ ୧୮୩ଟି ମାଇକ୍ରୋ-ଲର୍ଣ୍ଣିଂ ସେଂଟର ୫,୭୩୮ ଛାତ୍ରଛାତ୍ରୀଙ୍କୁ ସହାୟତା କରୁଛି । ଏହା ସହିତ ପାଂଚଟି ସ୍ଥାନରେ ଦୈନିକ ୫,୦୧୭ ଭୋଜନ ଦିଆଯାଉଛି । ୧୩୨ଟି ପାନୀୟଜଳ କୂପ ଦ୍ୱାରା ୨,୫୧୧ ଜଣ




ଉପକୃତ ହୋଇଛନ୍ତି । ଏହି ପଦକ୍ଷେପ ଉପରେ ମତ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, "ଶିକ୍ଷା, ପୋଷଣ ଓ ଅତ୍ୟାବଶ୍ୟକ ସମ୍ବଳର ସୁବିଧା ଉପରେ ଧ୍ୟାନ ଦେଉଥିବା ଏହି ପଦକ୍ଷେପଗୁଡ଼ିକ ତୃଣମୂଳ ସ୍ତରରେ ସମ୍ପ୍ରଦାୟକୁ ଶକ୍ତିଶାଳୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହିଭଳି କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷାର ସୁବିଧାକୁ ସୁଧାରିବା ଓ ଅନ୍ତର୍ଭୁକ୍ତୀକରଣ ବିକାଶକୁ ସମର୍ଥନ କରିବାରେ ଅର୍ଥପୂର୍ଣ୍ଣ ଅବଦାନ ଦେଉଛି ।"ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି ଯେ, "ଉଭୟ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରିବା ପାଇଁ ଶିକ୍ଷା ଏକ ଅତି ପ୍ରଭାବଶାଳୀ ମାଧ୍ୟମ । ଆମର ବୃତ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସେହି ଛାତ୍ରଛାତ୍ରୀମାନଙ୍କୁ ସହାୟତା କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁମାନଙ୍କର ସଫଳ ହେବାର ଦକ୍ଷତା ଅଛି, କିନ୍ତୁ ପାଠପଢ଼ା ଜାରି ରଖିବା ପାଇଁ ଆର୍ଥିକ ସହାୟତା ଆବଶ୍ୟକ କରନ୍ତି ।" ଭୁବନେଶ୍ୱରରେ ପୂର୍ବାଞ୍ଚଳ ବୃତ୍ତି କାର୍ଯ୍ୟକ୍ରମ ସହିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଆଂଚଳିକ ବଜାରଗୁଡ଼ିକରେ ଏହାର ଶିକ୍ଷା ଭିତ୍ତିକ ସିଏସଆର ପ୍ରୟାସକୁ ମଜବୁତ କରିବା ଜାରି ରଖିଛି ଯାହା ଛାତ୍ରଛାତ୍ରୀମାନଙ୍କ ପାଇଁ ସୁସଂଗଠିତ ଓ ନିରନ୍ତର ସହାୟତା ନିଶ୍ଚିତ କରୁଛି ।

# ଚାଷୀମାନଙ୍କୁ ସଶକ୍ତ କରିବାକୁ ଟାଫେର ଜେଫାର୍ମ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱର ଅନତମ ସର୍ବବୃହତ ଟ୍ରାକଫର ନିର୍ମାତା ଟ୍ରାକଫର୍ସ ଆଣ୍ଡ ଫାର୍ମ ଇକ୍ୱିପମେଣ୍ଟସ୍ ଲିମିଟେଡ (ଟାଫେ), ୨୦୨୬ ଏପ୍ରିଲ ୨ ତାରିଖରେ ଭବାନୀମଣ୍ଡିଠାରେ ଏହାର ଅନୁକୂଳନ ଗବେଷଣା



କେନ୍ଦ୍ର "ଟାଫେ ଜେଫାର୍ମ ରାଜସ୍ଥାନ'କୁ ଉଦଘାଟନ କରିଛି । ଏହାଦ୍ୱାରା ସ୍ଥାୟୀ କୃଷି ପଦ୍ଧତିର ଆଦାନ ପ୍ରଦାନ ମାଧ୍ୟମରେ କୃଷି ଉତ୍ପାଦକତା ଏବଂ କୃଷକମାନଙ୍କର ସମୃଦ୍ଧିକୁ ଆଗେଇନେବା ପାଇଁ ଟାଫେର ପ୍ରତିବଦ୍ଧତାକୁ ଦୋହରାଇଛି । ଟି.ଆର.କେଶବନ, ଗ୍ରୁପ ପ୍ରେସିଡେଣ୍ଟ- କର୍ପୋରେଟ କମ୍ୟୁନିକେସନ ଆଣ୍ଡ ଆଲାଏନସ, ନିଜର ପ୍ରାରମ୍ଭିକ ଉଦବୋଧନ ସହିତ ତାଙ୍କ ନେତୃତ୍ୱରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରକାରୀ ସଂସ୍ଥାର ପ୍ରମୁଖ ଅଧିକାରୀଗଣ, ରାଜସ୍ଥାନର ଡିଲର ପାର୍ଟନର ଏବଂ ବିଶିଷ୍ଟ ଅତିଥି-ଗ୍ରାହକଙ୍କ ଉପସ୍ଥିତିରେ ଏହି କେନ୍ଦ୍ରକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ- ଟାଫେ, ସନ୍ଦୀପ ସିହ୍ନା ଉଦଘାଟନ କରିଥିଲେ । କୃଷକମାନଙ୍କୁ ବ୍ୟବହାରିକ ସୂଚନା ପ୍ରଦାନ ସହିତ ବାସ୍ତବ-ସମୟ ପ୍ରଦର୍ଶନ ସହିତ ସଶକ୍ତ କରି ସେମାନଙ୍କୁ ସେମାନଙ୍କର ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧିରେ ସହାୟତା କରିବା ଏହି କେନ୍ଦ୍ରର ଲକ୍ଷ ।

# ଓଡ଼ିଶା ଏବଂ ଛତିଶଗଡ଼ରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି ବେଦାନ୍ତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଏବଂ ଛତିଶଗଡ଼ ହେଉଛି ପ୍ରବାଦପୂର୍ଣ୍ଣ ରାଜ୍ୟ ଯାହାକି ଦେଶର ଖଣିଜ ଅର୍ଥନୀତିର କେନ୍ଦ୍ରରେ ଅବସ୍ଥିତ, କୋଇଲା, ବକ୍ସାଇଟ୍, ଆଲୁମିନିୟମ ଏବଂ ଲୁହା ଖଣିଜ ଯୋଗାଣ କରିବା ସହିତ ଶିଳ୍ପ ଅଭିବୃଦ୍ଧିକୁ ଶକ୍ତି ଦେଇଥାଏ । ତଥାପି, ସେମାନଙ୍କର ଗ୍ରାମୀଣ ଜିଲ୍ଲାର ବହୁ ପରିମାଣରେ, ସ୍ୱାସ୍ଥ୍ୟ ସୂଚକାଙ୍କ ଜାତୀୟ ହାରାହାରିଠାରୁ ପଛରେ ରହିଛି । ଅପହଂଚତା, ପୁଷ୍ଟିକର ଦୁର୍ବଳତା ଏବଂ ଗୁଣାତ୍ମକ ସେବାର ଅନୁପସ୍ଥିତି ଲୋକଙ୍କ ପାଇଁ ଏକ ଅଭିଶାପ ହୋଇ ରହିଛି । ଖଣି ଏବଂ ଶିଳ୍ପ କରିଡରରେ ସିଏସଆର ଏବଂ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଏହି ଭୌଗୋଳିକ ଚ୍ୟାଲେଞ୍ଜଗୁଡ଼ିକୁ ନେଭିଗେଟ୍ କରି ଶେଷ ମାଇଲ ସଂଯୋଗକୁ ସୁନିଶ୍ଚିତ କରିବା ଏବଂ ସ୍ୱାସ୍ଥ୍ୟସେବା ସେବାରେ ପ୍ରତିବନ୍ଧକଗୁଡ଼ିକୁ ପୂରଣ କରିବା । ଓଡ଼ିଶା ଏବଂ ଛତିଶଗଡ଼ର ଅନୁନ୍ନତ ଅଂଚଳରେ କାର୍ଯ୍ୟ କରୁଥିବା ବେଦାନ୍ତ ଆଲୁମିନିୟମ ପାଇଁ, ସାମ୍ପ୍ରତିକ ବର୍ଷଗୁଡ଼ିକରେ



ଶେଷ ମାଇଲ ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଧ୍ୟାନ ବୃଦ୍ଧି ପାଇଛି, ଗ୍ରାମସ୍ତରୀୟ ଚିହ୍ନଟରୁ ତୃତୀୟସ୍ତରୀୟ ଚିକିତ୍ସା ଏବଂ ଯନି ପର୍ଯ୍ୟନ୍ତ ପଥ ପ୍ରସ୍ତୁତ କରିବା । ସରକାରୀ ସର୍ଭେ ଏହି ପଦ୍ଧତିକୁ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଉପରେ ଗୁରୁତ୍ୱ ଦିଏ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ ପ୍ରକାଶ କରେ ଯେ ପୁଷ୍ଟିସାର, ମାତୃସ୍ୱାସ୍ଥ୍ୟ ଏବଂ ପ୍ରାରମ୍ଭିକ ରୋଗ ଚିହ୍ନଟରେ, ବିଶେଷକରି ଅନୁନ୍ନତ ଜିଲ୍ଲାଗୁଡ଼ିକରେ ଚ୍ୟାଲେଞ୍ଜ ରହିଛି । ଏହି କ୍ଷେତ୍ରରେ ହିଁ ଶିଳ୍ପ ଦ୍ୱାରା ସମର୍ଥିତ ସ୍ୱାସ୍ଥ୍ୟସେବା ସମେତ ଶେଷ ମାଇଲ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ ଜରୁରୀ ହୋଇପଡ଼େ । ବର୍ଷ ବର୍ଷ ଧରି, ବେଦାନ୍ତ ଆଲୁମିନିୟମର ସମନ୍ୱିତ ସ୍ୱାସ୍ଥ୍ୟ ମଡେଲ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକରେ ମାପଯୋଗ୍ୟ ପ୍ରଭାବ ପ୍ରଦର୍ଶନ କରିଛି । ନିରନ୍ତର ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ବିସ୍ତାରିତ ଭିତିଭୂମି ସହିତ, କମ୍ପାନୀ ଓଡ଼ିଶା ଏବଂ ଛତିଶଗଡ଼ରେ ୭ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଭାବିତ କରିଛି, ସ୍ୱାସ୍ଥ୍ୟ ସଚେତନତା ପଦକ୍ଷେପ ମାଧ୍ୟମରେ ୪,୦୯,୦୭୯ ଲୋକଙ୍କ ପାଖରେ ପହଂଚିଛି ଏବଂ ଏହାର ତିନୋଟି ହସ୍ପିଟାଲରେ ମିଳିତ ୧.୭୪ ଲକ୍ଷ ଫୁଟଫଲ ରେକର୍ଡ କରିଛି । ଓଡ଼ିଶାର ଝାରସୁଗୁଡ଼ା, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଏବଂ ଛତିଶଗଡ଼ର କୋରବା ଭଳି ଜିଲ୍ଲାଗୁଡ଼ିକରେ ଶିଳ୍ପ ଏବଂ ଖଣି କରିଡରରେ, ବେଦାନ୍ତ ଆଲୁମିନିୟମ ଗ୍ରାମଗୁଡ଼ିକରେ ସିଧାସଳଖ ମୌଳିକ ଚିକିତ୍ସା ସେବା ନେବା ପାଇଁ ମୋବାଇଲ୍ ସ୍ୱାସ୍ଥ୍ୟୟୁନିଟ୍ ନିୟୋଜିତ କରିଛି । ଏମଏଚୟୁ ଗୁଡ଼ିକ ଓଡ଼ିଶା ଏବଂ ଛତିଶଗଡ଼ର ୨୦୦ ରୁ ଅଧିକ ଗ୍ରାମକୁ ଦ୍ୱାରଦେଶ ସ୍ୱାସ୍ଥ୍ୟସେବା ସେବା ସହିତ କଭର କରନ୍ତି ।

# ସିଗ୍ରାମର ନୂଆ "ଲିଭ୍ ଇଟ୍ ଲାର୍ଜ' ଅଭିଯାନ

ଭୁବନେଶ୍ୱର : ସିଗ୍ରାମର ରୟାଲ ଷ୍ଟାଗ୍ ପ୍ୟାକେଜ୍ ଡ୍ରିଙ୍କିଙ୍ଗ ଓ୍ୱାଟର ଏହାର ନୂତନ ବ୍ରାଣ୍ଡ ଅଭିଯାନ,ଲିଭ ଇଟ ଲାର୍ଜ' ଆରମ୍ଭ କରିଛି ।କ୍ରିକେଟର ରୋହିତ ଶର୍ମା, ଜସପ୍ରିତ ବୁମରା, ବାଦଶାହ, ସିଦ୍ଧାର୍ଥ ମାଲହୋତ୍ରା, ନାଗା ଚୈତନ୍ୟ ଏବଂ ପାୟଲ ଧାରେଙ୍କ ଭଳି ଆଇକନମାନେ ବ୍ରାଣ୍ଡର ଲିଭ ଇଟ ଲାର୍ଜ ଦର୍ଶନର ନିର୍ଭୀକ ମନୋଭାବ ଏବଂ ଆତ୍ମବିଶ୍ୱାସୀ ମନୋଭାବର ଉଦାହରଣ ଦେଉଛନ୍ତି । ବିବିଧ ଆଞ୍ଚଳିକ ଉତ୍ସବ ମାଧ୍ୟମରେ, ଏହି ଅଭିଯାନ ଚଳଚ୍ଚିତ୍ରଟି ବ୍ରାଣ୍ଡର ଡ଼ୟହାଁ, ବସ୍ ଲାର୍ଜ ଚଲତା ହୈ!'-ନୀତିକୁ ଜୀବନ୍ତ କରିଛି । ଅଭିଯାନଟି ଟିଭି, ଡିଜିଟାଲ୍, ପର୍ଣ୍ଣ ଏବଂ ଓଓଏଚରେ ୩୬୦-ଡିଗ୍ରୀ ରୋଲଆଉଟ୍ ମାଧ୍ୟମରେ ବୃଦ୍ଧି କରାଯିବ ଯାହା ଦ୍ୱାରା ଅଭିଯାନଟି ଆଜିର ଯୁବପିଢିଙ୍କ ପାଖରେ ପହଂଚିବ ।ଏସମ୍ପର୍କରେ ପର୍ନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଦେବଶ୍ରୀ ଦାସଗୁପ୍ତା କହିଛନ୍ତି, ରୟାଲ୍ ଷ୍ଟାଗ୍ ସର୍ବଦା ସ୍ୱପ୍ନ ଦେଖିବା, ହାସଲ କରିବା ଏବଂ ଲିଭ୍ ଇଟ୍ ଲାର୍ଜ ହେବାର ମନୋଭାବକୁ ପାଳନ କରିଆସିଛି । ଭାରତୀୟ କ୍ରିକେଟର ରୋହିତ ଶର୍ମା କହିଛନ୍ତି, ଲିଭ ଇଟ ଲାର୍ଜ କେବଳ ଏକ ଟ୍ୟାଗଲାଇନ୍ ନୁହେଁ - ଏହା ଏକ ଦର୍ଶନ । ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଏହି ସହଭାଗୀତା ବିଷୟରେ ତାଙ୍କର ଉତ୍ସାହ ପ୍ରକାଶ କରି କହିଛନ୍ତି । ସେହିଭଳି ରାପର୍ ବାଦଶାହା, ଭାରତୀୟ ପେସର ଜସପ୍ରିତ ବୁମରା, ଅଭିନେତା ନାଗା ଚୈତନ୍ୟ ଏବଂ ଗେମର୍ ପାୟଲ୍ ଧାରେ ମଧ୍ୟ ଏହି ଅଭିଯାନ ସହ ନିଜର ସହଭାଗିତାକୁ ନେଇ ଉତ୍ସାହ ବ୍ୟକ୍ତ କରିଛନ୍ତି ।

# ନିଯୁକ୍ତି ଓ ସୁଶାସନ ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ : ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ନିଯୁକ୍ତି ଓ ସୁଶାସନ ପ୍ରଦାନ କ୍ଷେତ୍ରରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ବିଜେଡି କହିଛି। ଦଳ କହିଛି ଯେ, ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃନିଯୁକ୍ତି ଦେବାକୁ ବିଜେପି ବିରୋଧ କରି ଆସୁଥିଲା ବେଳେ ରାଜ୍ୟରେ କ୍ଷମତାକୁ ଆସିବା ପରେ ଅଧିକରୁ ଅଧିକ ଅବସରପ୍ରାପ୍ତ ଅଧିକାରୀ ମାନଙ୍କୁ ପୁନଃନିଯୁକ୍ତି ଦେବା ପାଇଁ ବାଟ ଖୋଲୁଛନ୍ତି, ଯାହା ତାଙ୍କର ଦୋମୁହାଁ ନୀତିକୁ ପ୍ରଦର୍ଷିତ କରୁଛି । ଗତ ନିର୍ବାଚନରେ ନିଜର ସଙ୍କଳ୍ପ ପତ୍ରରେ, ପାଞ୍ଚ ବର୍ଷରେ ରାଜ୍ୟର ଖାଲି ପଡ଼ିଥିବା ସାଢ଼େ ତିନି ଲକ୍ଷ ପଦବିଙ୍କୁ ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଜେପି ଦେଇଥିବା ପ୍ରତିଶ୍ରୁତି ପ୍ରହସନରେ ପରିଣତ ହୋଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ। ବିଜେପି କ୍ଷମତାକୁ ଆସିବା ପରେ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସେପ୍ଟେମ୍ବର ୧୨, ୨୦୨୪ ତାରିଖରେ ଅବସରପ୍ରାପ୍ତ ଅଧିକାରୀ ମାନଙ୍କୁ ପୁନଃନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଚଳିତ ଏପ୍ରିଲ ୨ ତାରିଖରେ, ଏକ ବିଜ୍ଞପ୍ତିରେ, ଅବସରପ୍ରାପ୍ତ ଅଧିକାରୀ ମାନଙ୍କୁ ପୁନଃନିଯୁକ୍ତି ପାଇଁ ପୂର୍ବ ବିଜ୍ଞପ୍ତିରେ ଥିବା ନିୟମକୁ ଅଧିକ କୋହଳ କରାଯାଇଛି । ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ କଣ୍ଟ୍ରାକ୍ଟୁଆଲ ନିଯୁକ୍ତି ଦେବାକୁ ବିରୋଧ କରି ଆସୁଥିଲା । କିନ୍ତୁ, କ୍ଷମତାକୁ ଆସିବା ପରେ, ଏବେ ଅଧିକରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପଦକ୍ଷେପ ନେଉଛନ୍ତି । ଏହା ରାଜ୍ୟ ବିଜେପି ସରକାରଙ୍କର ଦୋମୁହାଁ ନୀତି । ଡବଲ ଇଞ୍ଜିନ ସରକାରଙ୍କର ଡବଲ ନୀତି । ଗୋଟିଏ ନିଷ୍ପତ୍ତି ନିଆଯାଉଛି ତା ପରେ ତାକୁ ପରିବର୍ତ୍ତନ କରି ଦିଆଯାଉଛି । ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଏଏସ ମାନଙ୍କୁ ନିଯୁକ୍ତି ପାଇଁ ବ୍ୟବସ୍ଥା କରାଗଲା । ଡ଼ ମହାନ୍ତି କହିଥିଲେ, ବିଜେପି ତାର ସଙ୍କଳ୍ପ ପତ୍ରରେ, ରାଜ୍ୟର ଯୁବକ ମାନଙ୍କୁ ନିଯୁକ୍ତି ଓ ସୁଶାସନ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ, ଏହି ଦୁଇ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ନିକଟରେ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ସମୁଦାୟ ୩୯, ୫୦୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ମଧ୍ୟରୁ ପ୍ରାୟ ୩୩, ୮୬୭ ନିଯୁକ୍ତିର ପ୍ରକ୍ରିୟା ପୂର୍ବ ସରକାରଙ୍କ ସମୟରେ ହୋଇଥିଲା । ତେଣୁ, ଗତ ଦୁଇ ବର୍ଷର ବିଜେପି ଶାସନରେ ମାତ୍ର ୫, ୬୩୮ ନିଯୁକ୍ତି ଦିଆଯାଇଛି । ଏହି ହାରରେ ନିଯୁକ୍ତି ଦେଲେ ରାଜ୍ୟ ସରକାରଙ୍କୁ ୩ ଲକ୍ଷ ୫୦ ହଜାର ନିଯୁକ୍ତି ଦେବା ପାଇଁ ୧୨୪ ବର୍ଷ ଲାଗିବ । ନିଯୁକ୍ତି କ୍ଷେତ୍ରରେ ସରକାରଙ୍କ ବିଫଳତା ଜଳ ଜଳ ହୋଇ ଦିଶୁଛି । ସେହିପରି, ସୁଶାସନ ପ୍ରଦାନ କ୍ଷେତ୍ରରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ମହିଳା ଅସୁରକ୍ଷିତ ହେବା, ରାଜ୍ୟର ଋଣ ଭାର ବୃଦ୍ଧି ଇତ୍ୟାଦି ରାଜ୍ୟର ଦୟନୀୟ ସ୍ଥିତିକୁ ପ୍ରଦର୍ଶିତ କରୁଛି ।

# ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ସ୍ୱାସ୍ଥ୍ୟ ପାଇଁ ଏକତ୍ରିତ ବିଜ୍ଞାନର ପ୍ରୟୋଗ ବିଷୟବସ୍ତୁ ସହ ସମନ୍ୱୟ ରକ୍ଷା କରି ଏହି ଦିବସ ପାଳନ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ, ସଚେତନତା କର୍ମଶାଳା, ମାଗଣା ପରୀକ୍ଷା ଏବଂ ପରାମର୍ଶ ମାଧ୍ୟମରେ କମ୍ପାନୀ ନିଜର କର୍ମଚାରୀ, ସହଯୋଗୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତି ଥିବା ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି । ପାରାଦୀପ କମ୍ପ୍ଲେକ୍ସରେ କର୍ମଚାରୀମାନଙ୍କ ପାଇଁ ଏକ ଶକ୍ତିବର୍ଦ୍ଧକ ଜୁମ୍ବା ଫିଟନେସ୍ କାର୍ଯ୍ୟକ୍ରମ ସହିତ ଦିନଟି ଆରମ୍ଭ ହୋଇଥିଲା। ଏହାପରେ କାର୍ଯ୍ୟସ୍ଥଳୀର ଶାରୀରିକ ସନ୍ତୁଳନ ଏବଂ ଧ୍ୟାନ ଅଭ୍ୟାସ ଅନୁଷ୍ଠିତ




ହୋଇଥିଲା। ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଏଭଳି କାର୍ଯ୍ୟକ୍ରମ ଦିନସାରା ଜାରି ରହିଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ନେତୃତ୍ୱବୃନ୍ଦ ଯଥା ଓଡ଼ିଶା ଅପରେସନ୍ସ ମୁଖ୍ୟ ଶ୍ରୀଯୁ ଏସ୍. ଆର୍. ରାଜୁ, ପାୱାର ପ୍ଲାଣ୍ଟ ମୁଖ୍ୟ ରାଜର୍ଷି ସିହ୍ନା ଏବଂ ଓଡ଼ିଶା ଆସେଟ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅଜିତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱର କାର୍ଯ୍ୟାଳୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯେଉଁଥିରେ ଏକ ମୁଖ ଗହ୍ୱର ସ୍ୱାସ୍ଥ୍ୟ ଶିବିର, ସ୍ନାୟୁ ପରାମର୍ଶ ଏବଂ ମେରୁଦଣ୍ଡ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବ ସମ୍ବଳ ବିଭାଗର ପୂର୍ବାଞ୍ଚଳ ମୁଖ୍ୟ ଡଃ ଦେବବ୍ରତ ଦାଶ ଉପସ୍ଥିତ ଥିଲେ। କେନ୍ଦୁଝରସ୍ଥିତ ଦାବୁନା ବେନିଫିସିଏସନ ପ୍ଲାଣ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଯେଉଁଠାରେ ନୂତନ ହଷ୍ଟେଲ ବିଲ୍ଡିଂ ପରିସରରେ କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀମାନଙ୍କ ପାଇଁ ପ୍ରଭାବଶାଳୀ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ଅଧିବେଶନଗୁଡ଼ିକରେ ମୁଖ ଗହ୍ୱର ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହ ତମାଖୁ ଏବଂ ଗୁଆ ସେବନର କୁପ୍ରଭାବ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# କର୍ତ୍ତବ୍ୟନିଷ୍ଠ ସୁଦକ୍ଷ କର୍ମୀ ଅନୁଷ୍ଠାନର ସମ୍ପଦ : ଡଃ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ) : ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଓଡିଶାର ସର୍ବ ପ୍ରଥମ ଘରୋଇ ହସ୍ପିଟାଲ ଭାବରେ ସମଗ୍ର ଓଡିଶା ଓ ଭାରତରେ ସୁଖ୍ୟାତି ଅର୍ଜନ କରିବାରେ ଲାଗିଛି। ଓଡ଼ିଶାରେ ସ୍ୱାସ୍ଥ୍ୟଶିକ୍ଷା ଚିକିତ୍ସା ଓ ସେବା କ୍ଷେତ୍ରରେ ବୈପ୍ଲବିକ ପରିବର୍ତନ ଆଣିଥିବା ଅନୁଷ୍ଠାନର ସୁଦକ୍ଷ ଚିକିତ୍ସାବିତ, ପାରାମେଡିକାଲ ଷ୍ଟାଫ, ନର୍ସିଙ୍ଗ ଷ୍ଟାଫ , ଫାର୍ମାସିଷ୍ଟ ସମସ୍ତେ ଅନୁଷ୍ଠାନକୁ ସମୁଜ୍ଜ୍ୱଳ କରିବାରେ ଲାଗିଛନ୍ତି । ବିଶେଷ କରି ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ହୃଦବକ୍ଷଶଲ୍ୟ ଚିକିତ୍ସା ବିଭାଗର ସୁଦକ୍ଷ ଚିକିତ୍ସାବିତ ପ୍ରଫେସର ଡାକ୍ତର ରିତେଶ କୁମାର ଆଚାର୍ଯ୍ୟ , ସହଯୋଗୀ ପ୍ରଫେସର ଡାକ୍ତର ସ୍ମୃତି ପ୍ରକାଶ ସାହୁ ବିଶେଷ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ସମାଜର ପ୍ରତିଟି ବର୍ଗର ଲୋକଙ୍କ ପାଖରେ ଆଦରର ପାତ୍ର ହେବାରେ ଲାଗିଛନ୍ତି। ଏଥିପାଇଁ ହାଇଟେକ ଗ୍ରୁପ୍ରର ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମ୍ବର୍ଦ୍ଧନା କରିବା ସହିତ କହିଥିଲେ ଯେ, ପ୍ରତ୍ୟେକ ଅନୁଷ୍ଠାନର ସୁଦକ୍ଷ ଏବଂ କର୍ମଯୋଗୀ କର୍ମଚାରୀ ମାନଙ୍କ ପାଇଁ ଅନୁଷ୍ଠାନ ସ୍ୱର୍ଣ୍ଣମୟ ହୋଇଥାଏ ଏବଂ ସେମାନେ ହିଁ



ଅନୁଷ୍ଠାନର ସମ୍ପଦ ଓ ମୂଳପୁଞ୍ଜି। ଏହି ଅବସରରେ ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରଷ୍ଟି ତଥା ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ଯୋଗଦେଇ ସମସ୍ତ ଡାକ୍ତର ଏବଂ ଷ୍ଟାଫ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ମେଡିକାଲ ସୁପରୀଟେଣ୍ଡେଣ୍ଟ ଡ଼କ୍ଟର ରବିନ୍ଦ୍ରନାଥ ବେହେରା ଡେପୁଟି ସୁପରୀ ଟେଣ୍ଡେଣ୍ଟ ଡ଼କ୍ଟର ଚନ୍ଦନ ସାମନ୍ତରାୟ ଆଗାମୀ ଦିନରେ ସମସ୍ତେ ମେଡିକାଲର କାର୍ଯ୍ୟ ପ୍ରଣାଳୀକୁ ମନଯୋଗ ସହକାରେ ସେବା ଯୋଗାଇ ଦେବାରେ ପ୍ରତିଶୃତି ବଦ୍ଧତାକୁ ଦୃଢତାର ସହିତ କାର୍ଯ୍ୟକରିବେ ବୋଲି କହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖୋର୍ଦ୍ଧାରେ ଗ୍ରୁପ୍ ନିର୍ମଳ ଆଲୁମିନିୟମ କାରଖାନାର ଭୂମିପୂଜନ

ଭୁବନେଶ୍ୱର, (ସବ୍ୟୁ) : ଷ୍ଟିଲ ଓ ଆଲୁମିନିୟମ ୱ୍ୟାର ପ୍ରଡକ୍ଟଗୁଡିକର ଏକ ଅଗ୍ରଣୀ ନିର୍ମାତା ଗ୍ରୁପ, ନିର୍ମଳ ପକ୍ଷରୁ ଖୋର୍ଦ୍ଧାରେ ୧୫୦ କୋଟି ଟଙ୍କା ମୂଲ୍ୟର ନୂତନ ଉତ୍ପାଦନ କାରଖାନାର ଭୂମିପୂଜନ କରାଯାଇଛି । ମୁଖ୍ୟମନ୍ତ୍ରୀ, ମୋହନ ଚରଣ ମାଝୀ ବୁଧବାର ଭର୍ଚୁଆଲ ମାଧ୍ୟମରେ ଖୋର୍ଦ୍ଧାସ୍ଥିତ ନିର୍ମଳ ୱ୍ୟାର୍ସ ପ୍ରାଇଭେଟ ଲିମିଟେଡ, ୟୁନିଟ୍ ୪ର ଉତ୍ପାଦନ



କାରଖାନାର ଭୂମିପୂଜନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଇଣ୍ଡଷ୍ଟ୍ରିଆଲ ପ୍ରମୋସନ ଆଣ୍ଡ ଇନ୍‌ଭେଷ୍ଟମେଂଟ କର୍ପୋରେଶନ ଅଫ ଓଡିଶା ଦ୍ୱାରା ଆୟୋଜିତ ଏକ ବ୍ୟବସାୟ ପ୍ରୋତ୍ସାହନ ସମ୍ମିଳନୀ ସମୟରେ ଆୟୋଜିତ ହୋଇଥିଲା । ଏଠାରେ ଗ୍ରୁପ ନିର୍ମଳର ପରିଚାଳନା ନିର୍ଦ୍ଦେଶକ ନିର୍ମଳ ସରାଫଙ୍କ ସହିତ ନିର୍ଦ୍ଦେଶକ ପିୟୁଷ ସରାଫ ଓ ପରାଗ ସରାଫ ଉପସ୍ଥିତ ଥିଲେ । ୧୪୨ତମ ଷ୍ଟେଟ ଲେଭେଲ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥୋରିଟି (ଏସଏଲଏସଡବ୍ଲ୍ୟୁସିଏ) ବୈଠକରେ ଔପଚାରିକ ଅନୁମୋଦନ ମିଳିବା ପରେ କମ୍ପାନୀ ନିଜର ଆଲୁମିନିୟମ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଏହି କାରଖାନାରେ ୧୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଛି ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ

ଖୋର୍ଦ୍ଧା, (ସବ୍ୟୁ) : ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଗସ୍ତ କରିଛନ୍ତି। ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୪୦, ୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ ଗୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଦର୍ଶାଇ କଂଗ୍ରେସ ପ୍ରତିବାଦ କରିବା ଆଶଙ୍କା କରି ଜିଲ୍ଲା ପୁଲିସ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇ ଆଣି ସାଢେ ୬ ଘଣ୍ଟା ଅଟକ ରଖିଥିଲା। ଶିଳ୍ପାଂଚଳ ପୁଲିସ କଂଗ୍ରେସ ନେତ୍ରୀ ସୋନାଲୀ ସାହୁ ଓ ତାଙ୍କ ୬ରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଏବଂ ଆଦର୍ଶଥାନା ପୁଲିସ ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ରଙ୍କ ସମେତ ତାଙ୍କ ସମର୍ଥକଙ୍କୁ ଆଣି ଅଟକ ରଖିଥିଲା।

# ଓଡ଼ିଶାରେ ଏକ ନମ୍ବର ସ୍ଥାନକୁ ସୁଦୃଢ଼କରିଛି ଜିଓ

ଭୁବନେଶ୍ୱର: ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ଚଳିତ ବର୍ଷ ଫେବୃଆରୀ ମାସରେ ରାଜ୍ୟରେ ସର୍ବାଧିକ ୧.୮୮ ଲକ୍ଷ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଫେବୃଆରୀରେ ଓଡ଼ିଶାରେ ୧.୭୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୧୩୬୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଜିଓ ନେଟୱାର୍କରେ ଯୋଡି ହୋଇଛନ୍ତି। ଉଲ୍ଲେଖନୀୟ ଭାବରେ ଜିଓ ଫେବୃଆରୀ ମାସରେ ଓଡ଼ିଶାରେ ତାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ ନୂତନ ଗ୍ରାହକ ଯୋଡିଛି। ଏହା ସହିତ, ଜିଓ ଓଡିଶାରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲ୍ୟୁଏ କ୍ଷେତ୍ରରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ କରିଛି ଏବଂ ରାଜ୍ୟରେ ଏହାର ସର୍ବାଧିକ ୧.୭୫ କୋଟି ମୋବାଇଲ୍ ଉପଭୋକ୍ତା, ୩.୬୬ ଲକ୍ଷ ଜିଓଫାଇବର ଉପଭୋକ୍ତା ଏବଂ ୩.୬୩ ଲକ୍ଷ ଜିଓଏୟାରଫାଇବର ଉପଭୋକ୍ତା ରହିଛନ୍ତି। ଟ୍ରାଇ ତଥ୍ୟ ଅନୁଯାୟୀ, ୱାୟାରଲେସ୍ କ୍ଷେତ୍ରରେ, ଫେବୃଆରୀ ମାସରେ ରିଲାଏନ୍ସ ଜିଓ ସର୍ବାଧିକ ୧,୭୪,୮୧୦ ନୂତନ ମୋବାଇଲ୍ ସବସ୍କ୍ରାଇବର ଯୋଡିଛି। ଫେବୃଆରୀ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୨.୩୨ ଲକ୍ଷରୁ ଅଧିକ ବୃଦ୍ଧି ପାଇ ୨୮ ଫେବୃଆରୀ ୨୦୨୬ ସୁଦ୍ଧା ୩.୭୭ କୋଟି ଅତିକ୍ରମ କରିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।

▸▸ ଭାରତୀୟଙ୍କ ପାଇଁ ମାର୍ଗଦର୍ଶିକା ଜାରୀ

# ତୁରନ୍ତ ଇରାନ ଛାଡ଼



ନୂଆଦିଲ୍ଲୀ: ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହୋଇଥିଲେ ହେଁ ପରିସ୍ଥିତି ଏବେ ବି ଅତ୍ୟନ୍ତ ସମ୍ବେଦନଶୀଳ ଓ ଅସ୍ଥିର ରହିଛି। ଏହି ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ତେହେରାନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବୁଧବାର, ଏପ୍ରିଲ ୮ ତାରିଖରେ ଏକ ଜରୁରୀକାଳୀନ ଆଡଭାଇଜରୀ ଜାରି କରାଯାଇଛି। ଇରାନରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଅବିଳମ୍ବେ ଏବଂ ଯୁଦ୍ଧକାଳୀନ ଭିତ୍ତିରେ ଦେଶ ତ୍ୟାଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସାମ୍ପ୍ରତିକ ଘଟଣାବଳୀର ଭୟାବହତାକୁ ଅନୁଭବ କରି ଦୂତାବାସ ସ୍ପଷ୍ଟ କରିଛି ଯେ, ଇରାନର ମାଟି ବର୍ତ୍ତମାନ ଭାରତୀୟଙ୍କ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ। ସେଠାରେ ରହୁଥିବା ନାଗରିକମାନେ କୌଣସି ବିପଦଜନକ ପଦକ୍ଷେପ ନନେଇ ଦୂତାବାସ ସହିତ ନିରବଚ୍ଛିନ୍ନ ସମ୍ପର୍କ ରଖିବାକୁ କୁହାଯାଇଛି। ବିଶେଷ କରି, ଦୂତାବାସର ପୂର୍ବ ନିର୍ଦ୍ଦେଶ ବିନା କୌଣସି ଅନ୍ତର୍ଜାତୀୟ ସ୍ଥଳ ସୀମାକୁ ଅତିକ୍ରମ କରିବା ପାଇଁ ଦୁଃସାହସ ନକରିବାକୁ କଠୋର ଚେତାବନୀ ଦିଆଯାଇଛି। ଯୁଦ୍ଧବିରତିର ଛଳନା ମଧ୍ୟରେ ଯେପରି କୌଣସି ଭାରତୀୟ ସାଂଘାତିକ ବିପଦର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ମୋଦୀ ସରକାର ସମସ୍ତ କୂଟନୈତିକ ସୁରକ୍ଷା କବଚ ପ୍ରସ୍ତୁତ କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଇରାନରେ ଥିବା ଭାରତୀୟଙ୍କ ମଧ୍ୟରେ କମ୍ପନ ସୃଷ୍ଟି କରିଥିଲେ ହେଁ, ଆଗାମୀ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇବା ପାଇଁ ଏହା ଏକ ଅପରିହାର୍ଯ୍ୟ ପଦକ୍ଷେପ।

**ଯୁଦ୍ଧରେ ବିରାମ: ହର୍ମୁଜ ପ୍ରଣାଳୀରୁ ହଟିଲା ସଙ୍କଟ...**

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ପ୍ରଳୟଙ୍କାରୀ ଯୁଦ୍ଧରେ ଦୁଇ ସପ୍ତାହର ସାମରିକ ବିରାମ ଘୋଷଣା ସହ 'ହର୍ମୁଜ ପ୍ରଣାଳୀ'କୁ ମୁକ୍ତ କରାଯାଇଛି। ପାକିସ୍ତାନର ମଧ୍ୟସ୍ଥତା ଓ ଇରାନର ପ୍ରତିବଦ୍ଧତା ପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଭାରତର ଶକ୍ତି ସୁରକ୍ଷା କ୍ଷେତ୍ରରେ ଉପୁଜିଥିବା ସଙ୍କଟକୁ ଦୂର କରିଛି।

# ତେଜିଲା ଟ୍ରମ୍ପ ବିରୋଧୀ ପ୍ରତିବାଦ

## ତୁରନ୍ତ ପଦଛାଡ଼, ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବୁ ନାହିଁ

**ୱାଶିଂଟନ:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବା ସମୟରେ ଘୋଷଣା କରିଥିଲେ ଯେ ସେ ଇରାନର ଶାସନ ପରିବର୍ତ୍ତନ କରିବେ, କିନ୍ତୁ ଏବେ ଏହାର ବିପରୀତ ଘଟିଛି। ରାତି ୮ଟା ପାଖେଇ ଆସୁଥିବା ବେଳେ ସମୟସୀମା ପୂରଣର ୯୦ ମିନିଟ୍ ପୂର୍ବରୁ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା। ସନ୍ଧ୍ୟା ୬ଟା ୩୨ରେ ଘୋଷଣା ହୋଇଥିଲା। ଟ୍ରମ୍ପଙ୍କ ଧମକ ପରେ ଇରାନୀ ଲୋକମାନେ ସେମାନଙ୍କ ସରକାରଙ୍କୁ ସମର୍ଥନ କରି ରାସ୍ତାକୁ ଓହ୍ଲାଇଥିବାବେଳେ ଆମେରିକାର ଲୋକମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରତିବାଦ କରିବା ଆରମ୍ଭ କରିଛନ୍ତି। ଆମେରିକା ଇରାନ ସହିତ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା କରିବା ପରେ ରାଜଧାନୀ ୱାସିଂଟନ ଡିସିରେ ପ୍ରଦର୍ଶନକାରୀମାନେ ଟ୍ରମ୍ପ ପ୍ରଶାସନ ବିରୋଧରେ ସ୍ଲୋଗାନ




ଦେଇ ରାସ୍ତାକୁ ଓହ୍ଲାଇଛନ୍ତି।

ପ୍ରତିବାଦକାରୀମାନେ କହିଛନ୍ତି ଅସ୍ତ୍ରବିରତି କିଛି ହାସଲ ହେବ ନାହିଁ। ଟ୍ରମ୍ପ ଏବଂ ତାଙ୍କ ସମଗ୍ର ଶାସନ କ୍ଷମତାରୁ ନହଟିବା ପର୍ଯ୍ୟନ୍ତ କିଛି ହେବ ନାହିଁ। ପ୍ରତିବାଦକାରୀମାନେ ବ୍ୟାନର ଧରିଛନ୍ତି ଯେଉଁଥିରେ ଲେଖା ଅଛି, 'ଟ୍ରମ୍ପ ଏବେ ଯିବା ଉଚିତ', ଟ୍ରମ୍ପ ଯୁଦ୍ଧ ଅପରାଧ ବନ୍ଦ କର'। ଜଣେ ପ୍ରତିବାଦକାରୀ ଗଣମାଧ୍ୟମକୁ କହିଛନ୍ତି, ଆମେ ଆଜି ରାତିରେ ଏଠାରେ ଅଛୁ କାରଣ ଯାହା ଘଟୁଛି ତାହା ଆମେ ସହ୍ୟ କରିପାରିବୁ ନାହିଁ। ଆମେ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିପାରିବୁ ନାହିଁ। ଏହି ଦେଶରେ ଯାହା ଘଟୁଛି ତାହା ଏବେ ବନ୍ଦ ହେବା ଉଚିତ। କେବଳ ଏହି ଦେଶରେ ନୁହେଁ ବରଂ ଏହି ଦେଶ ମାଧ୍ୟମରେ ସମଗ୍ର ବିଶ୍ୱରେ ଘଟୁଥିବା ବର୍ବରତା ପାଇଁ ଟ୍ରମ୍ପ ଦାୟୀ। ରାଷ୍ଟ୍ରପତି ହ୍ୱାଇଟ୍ ହାଉସରୁ ଯୁଦ୍ଧ ଅପରାଧ କରିଛନ୍ତି। ଏହି ବ୍ୟକ୍ତିଙ୍କୁ କ୍ଷମତାରୁ ଯିବା ଉଚିତ। ସମଗ୍ର ଶାସନକୁ ହଟିବା ଉଚିତ। ସେ ନଯିବା ପର୍ଯ୍ୟନ୍ତ ଆମେ ପ୍ରତିଦିନ ରାସ୍ତାରେ ପ୍ରଦର୍ଶନ କରିବୁ। ତାଙ୍କ ଯୋଗୁଁ ପ୍ରତିଦିନ ଲୋକ ମରୁଛନ୍ତି। ତାଙ୍କ ଯୋଗୁଁ ସାରା ବିଶ୍ୱରେ ଲୋକ କଷ୍ଟ ପାଉଛନ୍ତି।

ଅନ୍ୟ ଜଣେ ପ୍ରତିବାଦକାରୀ କହିଛନ୍ତି, ମୁଁ ଯେକୌଣସି ବିଦେଶୀ ସାମରିକ କାର୍ଯ୍ୟାନୁଷ୍ଠାନର ଦୃଢ଼ ବିରୋଧ କରୁଛି। ଏହା ଯୋଗୁ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥାଏ। ମୁଁ ଭାବୁନାହିଁ ଯେ ଆମେରିକାର ସେନା କୌଣସି ବାହାନା ବିନା ଇରାନ ଉପରେ ବେପରୁଆ ବୋମା ପକାଇବା ଉଚିତ୍, ଯାହା ସମଗ୍ର ଅଞ୍ଚଳର ଦେଶଗୁଡ଼ିକର କ୍ଷତି କରିବ। ମୁଁ ଭାବୁଛି ଏହା ଏକ ସମ୍ପୂର୍ଣ୍ଣ ଦୁଃଖଦ ଘଟଣା, ଏବଂ ଆମକୁ ଏହାକୁ ଯଥାଶୀଘ୍ର ସମାପ୍ତ କରିବାକୁ ପଡିବ।

ପୂର୍ବରୁ, ରାଷ୍ଟ୍ରପତି ଟ୍ରମ୍ପ ରାତି ୮ ଟାର ସମୟସୀମା ପୂର୍ବରୁ ଇରାନ ଉପରେ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା କରିଥିଲେ। ତଥାପି, ପ୍ରତିବାଦକାରୀମାନେ ଟ୍ରମ୍ପଙ୍କ ଘୋଷଣାରେ ସନ୍ତୁଷ୍ଟ ନୁହଁନ୍ତି।

# ଦ.କୋରିଆ ଉପରେ ଉ.କୋରିଆର କ୍ଷେପଣାସ୍ତ୍ର ମାଡ଼

ପ୍ୟୋଙ୍ଗୟାଙ୍ଗ/ସିଓଲ: ଇରାନ ଏବଂ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଖବର ନେଇ ସାରା ବିଶ୍ୱର ଲୋକମାନେ ଆଶ୍ୱସ୍ତି ଅନୁଭବ କରୁଥିବା ବେଳେ, ଉତ୍ତର କୋରିଆ ଏହାର ପୂର୍ବ ଉପକୂଳରୁ ଏକ କ୍ଷେପଣାସ୍ତ୍ର ନିକ୍ଷେପ କରି ପଡ଼ୋଶୀ ଦେଶ ଦକ୍ଷିଣ କୋରିଆରେ ଆତଙ୍କ ସୃଷ୍ଟି କରିଛି। କିମ୍ ଜୋଙ୍ଗ ଉନ୍ଙ୍କ ନେତୃତ୍ୱରେ ଉତ୍ତର କୋରିଆ ଏହାର ପୂର୍ବ ଉପକୂଳରୁ ଏକ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଦକ୍ଷିଣ କୋରିଆ ସେନା ଅନୁଯାୟୀ, ଉତ୍ତର କୋରିଆ ସମୁଦ୍ର ଆଡ଼କୁ ଅନେକ କ୍ଷୁଦ୍ର ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଗତ ଦୁଇ ଦିନ ମଧ୍ୟରେ ପ୍ୟୋଙ୍ଗୟାଙ୍ଗ ଦ୍ୱିତୀୟ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଦକ୍ଷିଣ କୋରିଆର ସାମରିକ ଅଧିକାରୀ ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ କହିଛନ୍ତି, କ୍ଷେପଣାସ୍ତ୍ରଗୁଡ଼ିକ ଉତ୍ତର କୋରିଆର ପୂର୍ବ ଉପକୂଳରେ ଥିବା ୱାନସାନରୁ ନିକ୍ଷେପ କରାଯାଇଥିଲା ଏବଂ ପ୍ରତ୍ୟେକ କ୍ଷେପଣାସ୍ତ୍ର ଉତ୍ତର କୋରିଆର ପୂର୍ବ ସମୁଦ୍ରକୂଳ ଆଡକୁ ପ୍ରାୟ



୨୪୦କିଲୋମିଟର (୧୫୦ ମାଇଲ) ଯାତ୍ରା କରିଥିଲା। ସେ କହିଛନ୍ତି, ଦକ୍ଷିଣ କୋରିଆ, ଆମେରିକା ସହିତ ଏକ ସାମରିକ ମେଣ୍ଟରେ ଅଛି। ଉତ୍ତର କୋରିଆର ଯେକୌଣସି ଉତ୍ତେଜନାର ଜବାବ ଦେବାକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦକ୍ଷିଣ କୋରିଆ ସେନା କହିଛି, ମଙ୍ଗଳବାର ଦିନ ମଧ୍ୟ ଉତ୍ତର କୋରିଆର ରାଜଧାନୀ ଆଖପାଖର ଏକ ଅଞ୍ଚଳରୁ ଏକ ଅଜଣା କ୍ଷେପଣାସ୍ତ୍ର ପ୍ରକ୍ଷେପଣ ଚିହ୍ନଟ କରାଯାଇଥିଲା। ଦକ୍ଷିଣ କୋରିଆ ଏବଂ ଆମେରିକୀୟ ଗୁଇନ୍ଦା ସଂସ୍ଥା ଏହି ପ୍ରକ୍ଷେପଣ ସହିତ ଜଡିତ ସୂଚନା ବିଶ୍ଳେଷଣ କରୁଛନ୍ତି । ଦକ୍ଷିଣ କୋରିଆ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଶେଷ ପ୍ରକ୍ଷେପଣ, ସମ୍ଭବତଃ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଉତ୍କ୍ଷେପଣର ପ୍ରାରମ୍ଭିକ ପର୍ଯ୍ୟାୟରେ ଅସ୍ୱାଭାବିକ କାର୍ଯ୍ୟକଳାପ ଦେଖାଇବା ପରେ ଦକ୍ଷିଣ କୋରିଆ ସାମରିକ ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା। ଉତ୍କ୍ଷେପଣ ବିଫଳ ହୋଇଥିବା ରିପୋର୍ଟ ସୂଚାଇ ଦେଇଛି। ଏହି କ୍ଷେପଣାସ୍ତ୍ର ପ୍ରକ୍ଷେପଣ ଏପରି ଏକ ସମୟରେ ହୋଇଛି ଯେତେବେଳେ ଉତ୍ତର କୋରିଆ ସ୍ପଷ୍ଟ କରିଛି ଯେ ଦକ୍ଷିଣ କୋରିଆ ସହିତ ସମ୍ପର୍କରେ ସୁଧାର କରିବାରେ ଆମର କୌଣସି ଉଦ୍ଦେଶ୍ୟ ନାହିଁ। ଏହି ସମୟରେ, ଦକ୍ଷିଣ କୋରିଆର ଉଦାରବାଦୀ ସରକାର ଦୀର୍ଘ ଦିନ ଧରି ଅଟକି ରହିଥିବା ଆଲୋଚନା ପୁନଃ ଆରମ୍ଭ କରିବା ପାଇଁ ନିରନ୍ତର ଆଶା ପ୍ରକାଶ କରିଆସୁଛନ୍ତି। ଉତ୍ତର କୋରିଆର ବୈଦେଶିକ ମନ୍ତ୍ରଣାଳୟର ପ୍ରଥମ ଉପମନ୍ତ୍ରୀ ଜାଙ୍ଗ କୁମ୍ ଚୋଲ୍ କହିଛନ୍ତି, ଦକ୍ଷିଣ କୋରିଆ ସର୍ବଦା ଉତ୍ତର କୋରିଆର ସବୁଠାରୁ ଅଦମ୍ୟ ଶତ୍ରୁ ହୋଇ ରହିବ।

# ଆଜି ୩ ରାଜ୍ୟରେ ଭୋଟ୍

ନୂଆଦିଲ୍ଲୀ: ଆସନ୍ତାକାଲି ଆସାମ, କେରଳ ଏବଂ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ। ଉକ୍ତ ୩ ରାଜ୍ୟରେ ୬.୧ କୋଟି ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। କେରଳରେ ୧୪୦ ଆସନ, ଆସାମରେ ୧୨୬ ଏବଂ ପୁଡୁଚେରୀରେ ୩୦ ଆସନରେ ଭୋଟ୍ ଉଭୟ ଆଞ୍ଚଳିକ ଏବଂ ରାଜନୈତିକ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପରୀକ୍ଷାରେ ପରିଣତ ହୋଇଛି।

ଆସାମରେ ବିଜେପି ଲଗାତାର ତୃତୀୟ ଥର ପାଇଁ ଏହାର ଏନ୍ଡିଏ ମେଣ୍ଟ ସହଯୋଗୀମାନଙ୍କ ସହ କ୍ଷମତାକୁ ଫେରିବାପାଇଁ ଲକ୍ଷ୍ୟ ରଖିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏଠାରେ ନିର୍ବାଚନ ପ୍ରଚାର କରୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଆସାମରେ ରାଜ୍ୟ ସଭାପତି ଗୌରବ ଗୋଗଇଙ୍କ ଅଧୀନରେ ଏକ ରାଜନୈତିକ ପ୍ରତ୍ୟାବର୍ତ୍ତନର ଲକ୍ଷ୍ୟ ରଖିଛି। ଆସାମରେ ୨.୫ କୋଟି ଭୋଟର ଥିବାବେଳେ ଏଠାରେ ୧.୨୫ କୋଟି ଲେଖାଏ ମହିଳା ଏବଂ ପୁରୁଷ ଭୋଟର ଅଛନ୍ତି।

ଆସାମରେ ୧୮-୧୯ ବୟସ ବର୍ଗ ମଧ୍ୟରେ ୬.୪୨ ଲକ୍ଷ ଭୋଟର ଅଛନ୍ତି। କେରଳରେ ସିପିଏମ୍ ଦଳର ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନ ଏଲ୍ଡିଏଫ୍ (ଲେଫ୍ଟ ଡିମୋକ୍ରାଟିକ ଫ୍ରଣ୍ଟ) ପାଇଁ କ୍ଷମତା ବଜାୟ ରଖିବାକୁ ସବୁ ଉଦ୍ୟମ ଲଗାଇ ଦେଇଛନ୍ତି। ଏଠାରେ ୨.୭୧ କୋଟି ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୧.୩୯ କୋଟି ମହିଳା ଏବଂ ୧.୩୨ କୋଟି ପୁରୁଷ। ରାଜ୍ୟରେ ୧୮-୧୯ ବୟସବର୍ଗ ମଧ୍ୟରେ ୪.୬୬ କୋଟି ଭୋଟର ଅଛନ୍ତି। ପୁଡୁଚେରୀରେ ଏଆଇଏନ୍ଆରସି ( ଅଲ ଇଣ୍ଡିଆ ଏନ୍ ଆର କଂଗ୍ରେସ) ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗସ୍ୱାମୀ ପଞ୍ଚମ ଥର କ୍ଷମତାକୁ ଫେରିବାପାଇଁ ଚେଷ୍ଟା ଚଳାଇବା ସହ ଏନ୍ଡିଏ ଏଠାରେ କ୍ଷମତା ହାତେଇବାକୁ ଚାହିଁଛି। ପୁଡୁଚେରୀରେ ମୋଟ୍ ୯.୪୪ ଲକ୍ଷ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରେ ୪.୪୩ ଲକ୍ଷ ପୁରୁଷ ଏବଂ ୫ ଲକ୍ଷ ମହିଳା ଭୋଟର। ୧୮-୧୯ ବୟସବର୍ଗ ମଧ୍ୟରେ ୨୩,୦୩୩ ଭୋଟର ଅଛନ୍ତି। ଆସାମରେ ୭୨୨ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ ଏବଂ କେରଳରେ ୧୪୦ ଆସନ ପାଇଁ ୮୮୩ ପ୍ରାର୍ଥୀ ନିର୍ବାଚନି ଲଢୁଛନ୍ତି। ପୁଡୁଚେରୀରେ ୨୯୪ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

# ପରମାଣୁ ପ୍ରସଙ୍ଗ: ବୁଝାମଣା ପାଇଁ ଇରାନ-ଆମେରିକା ସହମତି

**ୱାଶିଂଟନ/ତେହେରାନ:** ନିର୍ଣ୍ଣାୟକ ଯୁଦ୍ଧର ଦ୍ୱାରଦେଶରୁ ଅପ୍ରତ୍ୟାଶିତ ଭାବେ ଏକ ବଡ଼ ବୁଝାମଣା ଆଡ଼କୁ ଏବେ ଇରାନ-ଆମେରିକା ଅଗ୍ରସର ହେଉଛନ୍ତି। ସାଂପ୍ରତିକ ପରିସ୍ଥିତିରେ ଏକ ଅସାଧାରଣ ପରିବର୍ତ୍ତନ ସ୍ୱରୂପ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ ବ୍ୟାପକ ଆର୍ଥିକ ସହାୟତା ବଦଳରେ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଆମେରିକା ଏବେ ଇରାନ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛି। ଏହି ପରିବର୍ତ୍ତନ ଏକ ଅତ୍ୟନ୍ତ ଜଟିଳ 'ପୁରସ୍କାର ଓ ଦଣ୍ଡ' ଆଧାରିତ କୂଟନୈତିକ ରଣନୀତିକୁ ଦର୍ଶାଉଛି। ଯେଉଁଠାରେ ଗୋଟିଏ ପଟେ ଆମେରିକୀୟ ସ୍ପେସ୍ ଫୋର୍ସ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ କଠୋର ନଜର ରଖିଛି, ଅନ୍ୟପଟେ ପ୍ରଶାସନ ଇରାନ ଉପରୁ କଠୋର ଆର୍ଥିକ କଟକଣା ହଟାଇବା ଏବଂ ବାଣିଜ୍ୟିକ ଶୁଳ୍କ ହ୍ରାସ କରିବା ପାଇଁ ଏକ ମାର୍ଗ ପ୍ରଶସ୍ତ କରୁଛି। ୟୁରାନିୟମ ସମୃଦ୍ଧକରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ମାଟି ତଳେ ପୋତା ହୋଇଥିବା ପରମାଣୁ ସାମଗ୍ରୀକୁ ବାହାର କରିବା ଉପରେ ଏହି ଚୁକ୍ତି ଆଧାରିତ। ଏହି ମାଧ୍ୟମରେ ହ୍ୱାଇଟ୍ ହାଉସ ଦୁଇ ସପ୍ତାହର ଏହି ଅସ୍ଥାୟୀ ଯୁଦ୍ଧବିରତିକୁ ଏକ ସ୍ଥାୟୀ ଆଞ୍ଚଳିକ ସୁରକ୍ଷା ବ୍ୟବସ୍ଥାରେ ପରିଣତ କରିବାକୁ ଚେଷ୍ଟା କରୁଛି, ଯାହା ସାମରିକ ସଂଘର୍ଷ ଅପେକ୍ଷା ଅର୍ଥନୈତିକ ସମନ୍ୱୟକୁ ଅଧିକ ପ୍ରାଧାନ୍ୟ ଦେବ।

ରାଷ୍ଟ୍ରପତି ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ ଆଉ କୌଣସି ପ୍ରକାର ୟୁରାନିୟମ ସମୃଦ୍ଧକରଣ ଯେପରି ନହୁଏ, ସେଥିପାଇଁ ଆମେରିକା ବର୍ତ୍ତମାନ ଇରାନର ପ୍ରତିପକ୍ଷଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛି। ସେ କହିଛନ୍ତି ଯେ ଏକ ବ୍ୟାପକ ୧୫-ପଏଣ୍ଟ ବିଶିଷ୍ଟ ପ୍ରସ୍ତାବର ଅନେକ ବିନ୍ଦୁ ଉପରେ ପୂର୍ବରୁ ସହମତି ପ୍ରକାଶ ପାଇସାରିଛି। ଏହି ସହଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ପୂର୍ବରୁ ଆକ୍ରମଣ ପାଇଁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକରୁ ପରମାଣୁ ସାମଗ୍ରୀ ବାହାର କରାଯିବ ଏବଂ ସେଗୁଡ଼ିକୁ ସେଠାରୁ ହଟାଯିବ। ଏହି ବୈଷୟିକ ସହଯୋଗକୁ ଏକ ପୂର୍ବ ସର୍ତ୍ତ ଭାବେ ରଖାଯାଇଛି, ଯାହା ପୂରଣ ହେଲେ ଇରାନ ନିଜର ଦେଶର ଅର୍ଥନୀତିକୁ ସ୍ଥିର କରିବା ପାଇଁ ଚାହୁଁଥିବା ଶୁଳ୍କ ଏବଂ କଟକଣା ରିହାତି ପାଇପାରିବ।

ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ଯେ ଆମେରିକା ସମ୍ପୂର୍ଣ୍ଣ ସାମରିକ ସତର୍କତା ମଧ୍ୟରେ ରହିଥିଲେ ମଧ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ହୋଇଥିବା ଅଗ୍ରଗତି ସୂଚାଉଛି ଯେ ଏହା ଏକ ବଡ଼ ସଫଳତା ହୋଇପାରେ, ଯାହା ଆଗାମୀ ଦଶନ୍ଧି ଧରି ପଶ୍ଚିମ ଏସିଆର ଭୂ-ରାଜନୈତିକ ଚିତ୍ରକୁ ବଦଳାଇ ଦେଇପାରେ। ଏହି କୂଟନୈତିକ ପ୍ରକ୍ରିୟା ଆସନ୍ତା ଶୁକ୍ରବାର ଇସଲାମାବାଦ ସମ୍ମିଳନୀରେ ଶୀର୍ଷ ସ୍ତରରେ ପହଞ୍ଚିବ, ଯେଉଁଠାରେ ପରମାଣୁ କାର୍ଯ୍ୟକ୍ରମ ବନ୍ଦ ହେବାର ଯାଞ୍ଚ ପ୍ରକ୍ରିୟା ଏବଂ ପରବର୍ତ୍ତୀ ସମୟରେ ଆର୍ଥିକ ସହାୟତା ପ୍ରଦାନର ସମୟସୀମା ଚୂଡ଼ାନ୍ତ କରାଯିବ।

# ଉତ୍ତର ଭାରତରେ ତୁଷାରପାତ : ୧୫ ମୃତ

**ନୂଆଦିଲ୍ଲୀ:** ଦେଶରେ ଏକସାଙ୍ଗରେ ଦୁଇଟି ପଶ୍ଚିମାଝଡ଼ ସକ୍ରିୟ ହେବା ଯୋଗୁ ପାଣିପାଗରେ ବ୍ୟାପକ ପରିବର୍ତ୍ତନ ଦେଖାଯାଇଛି। ଉତ୍ତରାଖଣ୍ଡରେ ଚାରିଧାମ - କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରି ଓ ଯମୁନେତ୍ରିରେ ପ୍ରବଳ ତୁଷାରପାତ ହେଉଛି। ଏହାସହିତ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ଲାଗି ରହିଛି। ରାଜସ୍ଥାନରେ ଶ୍ରୀଗଙ୍ଗାନଗର, ହନୁମାନଗଡ଼, ନାଗୋର ସମେତ ଅନେକ ଜିଲ୍ଲାରେ ଝଡ଼ବର୍ଷା ସହିତ କୁଆପଥର ବର୍ଷା ହେଉଛି। ଅନେକ ଜିଲ୍ଲାରେ ଏକ ଇଞ୍ଚରୁ ଅଧିକ



ବର୍ଷା ହୋଇଛି। ଭାରତପୁର ଜିଲ୍ଲାରେ ବଜ୍ରପାତ ଯୋଗୁ ଘରେ ଥିବା ଗ୍ୟାସ ସିଲିଣ୍ଡରରେ ବିସ୍ଫୋରଣ ଘଟିଛି। ବର୍ଷା ଯୋଗୁ ରାଜସ୍ଥାନରେ ତାପମାତ୍ରା ୭ ଡିଗ୍ରି ହ୍ରାସ ପାଇଛି। ଉତ୍ତର ପ୍ରଦେଶର ମିରଟ, ବରେଲି, ଶାହଜାହାନପୁରରେ ଅପରାହ୍ନରେ କୁଆପଥର ବର୍ଷା ହୋଇଛି। ଲକ୍ଷ୍ନୌ, ଗୋରଖପୁର, ଗୋଣ୍ଡା, ଜୌନପୁର, ଅଲିଗଡ଼ ସମେତ ୨୫ ଜିଲ୍ଲାରେ ଆଜି ପ୍ରବଳ ପବନ ସହିତ ତୁହାକୁ ତୁହା ବର୍ଷା ହୋଇଛି। ଗତ ଏକ ସପ୍ତାହ ହେଲା ଉତ୍ତର ପ୍ରଦେଶରେ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁ ୧୫ ଜଣ ଲୋକଙ୍କର ମୃତ୍ୟୁ ହେଲାଣି। ମଧ୍ୟପ୍ରଦେଶରେ ୩ଟି ଘୂର୍ଣ୍ଣିବଳୟ ସକ୍ରିୟ ଅଛି। ପାଣିପାଗ ବିଭାଗ ୧୮ ଜିଲ୍ଲାକୁ ବର୍ଷା ଆଲର୍ଟ ଜାରି କରିଛି। ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ ଯୋଗୁ ଜମ୍ମୁ-ଶ୍ରୀନଗର ହାଇୱେ ବନ୍ଦ ହୋଇଯାଇଛି।

# ପଶ୍ଚିମ ଏସିଆରେ ସ୍ଥାୟୀ ଶାନ୍ତି ଆଣିବ ଯୁଦ୍ଧ ବିରତି

ନୂଆଦିଲ୍ଲୀ: ଆମେରିକା-ଇରାନ ଅସ୍ତ୍ରବିରତିକୁ ସ୍ୱାଗତ କରି ଭାରତ କହିଛି ଯେ, ମଧ୍ୟପ୍ରାଚ୍ୟରେ ବିବାଦର ଅନ୍ତ ଘଟାଇବା ପାଇଁ ଏହା ନିରନ୍ତର କୂଟନୈତିକ ଆଲୋଚନା ପାଇଁ ପରାମର୍ଶ ଦେଇଆସୁଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଶ୍ୱ ଶକ୍ତି ଯୋଗାଣରେ ବ୍ୟାଘାତ ସୃଷ୍ଟି କରିଛି ଏବଂ ଏହି ଯୁଦ୍ଧବିରତି ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱ ବାଣିଜ୍ୟ ପ୍ରବାହକୁ ପୁନଃସ୍ଥାପିତ କରିବ ବୋଲି ଭାରତ ଆଶା କରୁଛି। ଆମେ ଅସ୍ତ୍ରବିରତିକୁ ସ୍ୱାଗତ କରୁଛୁ ଏବଂ ଆଶା କରୁଛୁ ଯେ ଏହା ପଶ୍ଚିମ ଏସିଆରେ ସ୍ଥାୟୀ ଶାନ୍ତି ଆଣିବ। ଜାରି ରହିଥିବା ବିବାଦର



ଶୀଘ୍ର ଅନ୍ତ ଘଟାଇବା ପାଇଁ ଉତ୍ତେଜନା ହ୍ରାସ କରିବା ପାଇଁ ଆଲୋଚନା ଓ କୂଟନୈତିକ ବ୍ୟବସ୍ଥା ଜରୁରୀ ବୋଲି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ତେହେରାନ ଉପରେ ବିମାନ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବାର ୩୯ ଦିନ ପରେ ଆମେରିକା ଓ ଇରାନ ଦୁଇ ସପ୍ତାହର ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଇସଲାମିକ୍ ରିପବ୍ଲିକ୍ ହର୍ମୁଜ ପ୍ରଣାଳୀକୁ ତୁରନ୍ତ ସମ୍ପୂର୍ଣ୍ଣ ଖୋଲିବାକୁ ରାଜି ହେବାରୁ ମୁଁ ଇରାନ ଉପରେ ଆକ୍ରମଣକୁ ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ରାଜି ହୋଇଛି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଏହା ନିଶ୍ଚିତ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଇରାନ ଏକ ବିଚାରଯୋଗ୍ୟ ୧୦-ସୂତ୍ରୀ ଯୋଜନା ଦାଖଲ କରିଛି। ଇସଲାମାବାଦ ଆଲୋଚନା ପରେ ସ୍ଥାୟୀ ବିରତି ପାଇଁ ନିଷ୍ପତ୍ତି ନିଆଯିବ।

# ଭାବନୀପୁରରେ ପ୍ରାର୍ଥୀପତ୍ର ଦାଖଲ କଲେ ମମତା

**କୋଲକାତା:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଭବାନୀପୁର ନିର୍ବାଚନମଣ୍ଡଳୀରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମମତା ଆଜି ତାଙ୍କ କାଳିଘାଟ ବାସଭବନରୁ ଏକ ପଦଯାତ୍ରା କରି ପ୍ରାର୍ଥିପତ୍ର ଦାଖଲ ପାଇଁ ବାହାରିଥିଲେ। ଆଲିପୁର ସର୍ଭେ ବିଲ୍ଡିଂ ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ବାଟ ଚାଲିଚାଲି ଯିବା ସମୟରେ ମମତା ଯୋଡ଼ ହସ୍ତରେ ଏବଂ ସ୍ମିତହାସ୍ୟ ସହ ରାସ୍ତାର ଦୁଇ ପାର୍ଶ୍ୱରେ ଠିଆ ହୋଇଥିବା ଦଳୀୟ କର୍ମୀ ଏବଂ ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସବୁଦିନ ପରି ମମତା ଆଜି ସାଦାସିଧା ପୋଷାକ ପରିଧାନ କରିଥିଲେ। ପଦଯାତ୍ରା ସମୟରେ ଟିଏମ୍ସି ସମର୍ଥକମାନେ 'ମମତା ବାନାର୍ଜୀ ଜିନ୍ଦାବାଦ' ଏବଂ 'ଟିଏମ୍ସି ଜିନ୍ଦାବାଦ' ସ୍ଲୋଗାନ ଦେଇ ଏହି ଶୋଭାଯାତ୍ରାକୁ ଏକ ରାଜନୈତିକ ଶକ୍ତି ପ୍ରଦର୍ଶନରେ ପରିଣତ କରିଥିଲେ। ମମତା ପ୍ରାର୍ଥିପତ୍ର



ଦାଖଲ କରିବା ପରେ କହିଛନ୍ତି, ' ମୁଁ ଭବାନୀପୁରରେ ଜନ୍ମ ହୋଇଛି ଏବଂ ବଢ଼ିଛି। ଏଠାରେ ମୁଁ ବର୍ଷର ୩୬୫ ଦିନ ରହୁଛି। ମୋ ଜୀବନ, ମୋ କାମ, ମୋର ଗତିବିଧି ସବୁକିଛି ଭବାନୀପୁରରେ। ମୋ ଜୀବନରେ ସବୁକିଛି ଏହିଠାରୁ ଆରମ୍ଭ ହୋଇଛି। ମୁଁ ଭବାନୀପୁରର ଲୋକମାନଙ୍କୁ ସାଲ୍ୟୁଟ ମାରୁଛି ଏବଂ ଧନ୍ୟବାଦ ଜଣାଉଛି।

# ମ୍ୟାଚ ହରାଇ ଦେଲେ ମିଲର

## ଆଇପିଏଲ୍ ମହାସମର



ନୂଆଦିଲ୍ଲୀ,୮।୪(ଏଜେନ୍ସି): ଆଇପିଏଲର ୧୪ ତମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳାଯାଇଛି । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୧୦ ରନର ବଡ଼ ସ୍କୋର କରିଥିଲା । ତେଣୁ ଦିଲ୍ଲୀ ସମ୍ମୁଖରେ ବିଜୟ ପାଇଁ ୨୧୧ ରନ୍ ଧାର୍ଯ୍ୟ ହୋଇଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ଶେଷ ଓଭରର ଡେଭିଡ ମିଲରଙ୍କ ଭୁଲ ଯୋଗୁଁ ଦିଲ୍ଲୀ ନିଶ୍ଚିତ ବିଜୟ ମ୍ୟାଚକୁ ହାତଛଡା କରିଥିଲା । ମାତ୍ର ୧ ରନ୍ ବ୍ୟବଧାନରେ ଦିଲ୍ଲୀ ଏହି ମ୍ୟାଚ ହାରି ଯାଇଛି ।

ଗୁଜରାଟର ଏହି ବଡ଼ ସ୍କୋରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ ଅଧିନାୟକ ଶୁଭମନ ଗିଲ ସେ ୪୫ଟି ବଲ ଖେଳି ୪ଟି ଚୌକା ଓ ୫ଟି ଛକା ସହାୟତାରେ ୭୦ ରନ୍ କରିଥିଲେ । ୱିକେଟ୍ କିପର ବ୍ୟାଟର ଜୋସ ବଟଲର ୨୭ଟି ବଲର ସମ୍ନା କରି ୩ଟି ଚୌକା ଓ୫ଟି ଛକା ସହାୟତାରେ ୫୨ ରନ କରିଥିଲେ । ଯୁବ ବ୍ୟାଟର ୱାଶିଂଟନ ସୁନ୍ଦର ମଧ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୩୨ଟି ବଲ ଖେଳି ୬ଟି ଚୌକା ଓ ୨ଟି ଛକା ସହାୟତାରେ କରିଥିଲେ । ପ୍ରାରମ୍ଭିକ ବ୍ୟାଟର ସାଇ ସୁଦର୍ଶନଙ୍କ ଦୁଇଟି ଚୌକା ସହ ୧୨ ରନ୍ ଆସିଥିଲା । ଗ୍ଲେନ ଫିଲିପ୍ସ ଅପରାଜିତ ୧୪ ରନ୍ କରିଥିଲେ । ଏହି ଇନିଂସରେ ସେ ଗୋଟିଏ ଲେଖାଏଁ ଚୌକା ଓ ଛକା ମାରିଥିଲେ । ରାହୁଲ ତେୱାତିଆ ୧ ରନ କରିଥିଲେ । ଦିଲ୍ଲୀରେ ମୁକେଶ କୁମାରଙ୍କୁ ଦୁଇ ୱିକେଟ୍ ସଫଳତା ମିଳିଥିଲା । ଲୁଙ୍ଗି ଏନଗିଡି ଏବଂ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ ।

୨୧୧ ରନର ବିଜୟଲକ୍ଷ୍ୟ ନେଇ ଦିଲ୍ଲୀ ଜମାଣିଆ ଆରମ୍ଭ କରିଥିଲା । ପାଥୁମ ନିଶାଙ୍କ ସହ ଲୋକେଶ ରାହୁଲ ୭୬ ରନ୍ ସଂଗ୍ରହ କରିଥିଲେ । ନିଶାଙ୍କ ୨୪ ବଲର ସମ୍ମୁଖୀନ ହୋଇ ୬ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୧ ରନ କରିଥିଲେ । ରାହୁଲ କିନ୍ତୁ ଅପରାଜିତ ଥିଲେ । ସେ ୩୮ ବଲ ଖେଳି ୭୦ ରନ୍ କରିଥିଲେ । ନୀତିଶ ରାଣା ୫ ଓ ସମୀର ରିଜଭି ବିନା ସ୍କୋରରେ ଆଉଟ୍ ହୋଇଥିଲେ । ଡେଭିଡ ମିଲର ୧୨ ରନ କରି ରିଟାୟାର୍ଡହର୍ଟ ହୋଇଥିଲେ । ଅଧିନାୟକ ଅକ୍ଷର ପଟେଲ ୨ ରନ୍ କରି ପାଭିଲିୟନ୍ ଫେରିଥିବା ବେଳେ ଦଳର ସବୁ ଗୁରୁ ଦାୟିତ୍ୱ ଲୋକ ରାହୁଲଙ୍କୁ ମୁଣ୍ଡାଇବାକୁ ପଡିଥିଲା । ରାହୁଲ ୫୨ ବଲରୁ ୯୨ ରନ୍ କରିଥିବା ବେଳେ ଡେଭିଡ ମିଲର ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୨୦ ବଲରୁ ୪୧ ରନ୍ କରିଥିଲେ । ଶେଷ ଓଭରରେ ମିଲର ଓ କୁଲଦୀପ ଯାଦବ ଦଳକୁ ବିଜୟର ନିକଟତର କରାଇଥିଲେ । ମିଲର ୧୯ ତମ ଓଭରର ପଞ୍ଚମ ବଲରେ ୧ ରନ ସୁଯୋଗକୁ ହାତଛଡା କରିବାରୁ ଦିଲ୍ଲୀ ହାତରୁ ମ୍ୟାଚ ଚାଲିଯାଇଥିଲା । ଏହି ପରାଜୟ ପାଇଁ ମିଲର ନିଜକୁ ଦାୟୀ କରିବା ସହ ପଶ୍ଚାତାପ କରିବେ ।

### ଆଜିର ମ୍ୟାଚ

- କୋଲକାତା-ଲକ୍ଷ୍ନୌ
- ସ୍ଥାନ - ଇଡେନ ଗାର୍ଡେନ
- ସମୟ- ସନ୍ଧ୍ୟା ୭ଟା ୩୦
- ପ୍ରସାରଣ : ଷ୍ଟାର ନେଟୱାର୍କ

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍

# ଫାଇନାଲରେ ପାରାମାଉଣ୍ଟ




ଭୁବନେଶ୍ୱର,୮।୪(ସବ୍ୟୁ): ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଦଳ ଟସରେ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ । ନିର୍ଦ୍ଧାରିତ ୩୦ ଓଭର ରେ ୫ ଗୋଟି ୱିକେଟ ହରାଇ ୨୨୫ ରନ ସଂଗ୍ରହ କରିଥିଲେ, ଦଳ ପକ୍ଷରୁ ସ୍ୱାଗତ ମିଶ୍ର ୭୪ ବଲରୁ ଅପରାଜିତ ୧୧୬ ରନ, ସାଇଦିତ୍ୟ ମହାନ୍ତି ୫୫ ବଲରୁ ୪୨ ରନ ସଂଗ୍ରହ କରିଥିଲେ । ଅପର ପକ୍ଷର ବୋଲର ଆଶୁତୋଷ ଯାଦବ ୧ ଗୋଟି ଅକ୍ତିଆର କରିଥିଲେ । ଏହାର ଜବାବରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ କ୍ରିକେଟ୍ ଦଳ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୯୫ ରନ କରିବାକୁ ସକ୍ଷମ ହୋଇଥିଲେ । ଦଳ ପକ୍ଷରୁ ଜୟନ୍ତ ମହାନ୍ତି ୨୧ବଲରୁ ୩୨ ରନ ସଂଗ୍ରହ କରିଥିଲେ , ଅପର ପକ୍ଷର ବୋଲର ଶୁଭମ ପରିଡା ୪ ଗୋଟି ୱିକେଟ୍ ଓ ଏମଡି ସାଜବ ଆଲମ୍ ୩ ଗୋଟି ଅକ୍ତିଆର କରିଥିଲେ । ପାରାମାଉଣ୍ଟ ସ୍ପୋର୍ଟିଂ ୧୩୦ ରନରେ ବିଜୟ ଲାଭ କରି ଫାଇନାଲ କୁ ଉତ୍ତୀର୍ଣ୍ଣ । ଶ୍ରେଷ୍ଠ ଖେଳାଳି ଭାବେ ସ୍ୱାଗତ ମିଶ୍ର ଙ୍କୁ ଦୁଇ ଖେଳ ପରିଚାଳକ ପ୍ରଦୀପ ଜେନା ଏବଂ ପ୍ରମୋଦ ନାରାୟଣ ଦାସ ପୁରସ୍କୃତ କରିଥିଲେ । ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସହ - ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ଓ ସଭ୍ୟ ଚଣ୍ଡୀ ପ୍ରସନ୍ନ ମହାପାତ୍ର ଓ ସୂର୍ଯ୍ୟ ତ୍ରୀପାଠୀ, ଟୁର୍ଣ୍ଣାମେଣ୍ଟର ଆବାହକ ଗିରୀଶ ମହାପାତ୍ର ଉପସ୍ଥିତ ଥିଲେ ।

# ମନ୍ଧାନା-ପଲାସଙ୍କ ପରିବାର ଏକାଠି

ମୁମ୍ବାଇ,୮।୪(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଓ ସଂଗୀତକାର ପଲାସ ମୁଚ୍ଛଲଙ୍କ ସମ୍ପର୍କରେ ଫାଟ ଆସିଥିଲା । ବିବାହ ପୂର୍ବରୁ ଉତ୍ସବବି ଧୂମଧାମରେ ହୋଇଥିଲା । କିନ୍ତୁ ପୂର୍ବଦିନ ରାତିରେ ସବୁ କିଛି ଚୁରମାର ହୋଇଥିଲା । ସ୍ମୃତିଙ୍କ ବାପା ଶ୍ରୀନିବାସ ମନ୍ଧାନା ଅସୁସ୍ଥ ଥିବା ଖବର ସାମ୍ନାକୁ ଆସିଥିଲା । ପରେ କଥା ଉଠିଥିଲା ସ୍ମୃତିଙ୍କୁ ବିବାହ ପୂର୍ବରୁ ତାଙ୍କ ସହିତ ପତାରଣା କରିଥିଲେ । ଯାହାକୁ ନିଜେ ଧରି ଥିଲେ ମହିଳା କ୍ରିକେଟ୍ କ୍ରିକେଟର ସ୍ମୃତି କିନ୍ତୁ ସବୁ କିଛି ଠିକ ଠାକ ହେବା ପରି ମନେ ହେଉଛି । ଜଣାପଡୁଛି ଯେ, ଦୁଇ ପରିବାରର ମଧ୍ୟରେ ସବୁ କିଛି ସମ୍ଭବ ହୋଇଛି । ପୁଣି ଏକାଠି



ହେବେ ପଲାସ ଓ ସ୍ମୃତି ।

ଦ୍ରୁତଗତିରେ ଭାଇରାଲ ହେଉଥିବା ଭିଡ଼ିଓରେ ସ୍ମୃତିଙ୍କ ବାପା ପଲାସାଙ୍କ ଭଉଣୀ ପଲକ ମୁଚ୍ଛଲ ଓ ତାଙ୍କ ସ୍ୱାମୀ ମିଥୁନଙ୍କ ସହିତ କଥା ହେଉଥିବା ଦେଖାଯାଉଛନ୍ତି । ଭିଡ଼ିଓ ଦେଖିବା ପରେ ଲୋକେ ଅନେକ କଥା ଆକଳନ କରୁଛନ୍ତି । ସ୍ମୃତିଙ୍କ ବାପା ଓ ପଲକ ମୁମ୍ବାଇରେ ଏକ ରେଷ୍ଟୁରାଣ୍ଟ ବାହାରେ ନଜର ଆସିଥିଲେ । ପଲକ ତାଙ୍କ ପାଦଛୁଇଁ ଆଶୀର୍ବାଦ ବି ନେଇଥିବା ଦେଖିବାକୁ ମିଳିଛି । ଯାହା ଲାଗୁଛି ଦୁଇ ପରିବାର ମଧ୍ୟରେ ଠିକ୍ ଅଛି । କେତେକ ମତ ଦେଇଛନ୍ତି ପଲାସ ଓ ସ୍ମୃତି ଏକାଠି ହେବାକୁ ଯାଉଛନ୍ତି । ଅନେକ ଲୋକେ କହି ବୁଲୁଛନ୍ତି କେମିତି ହେଲା । କିଛି ଫଲୋଅର ଏହାକୁ ନକଲି ଭିଡିଓ ବୋଲି କହିଛନ୍ତି । ଅନେକ କହିଛନ୍ତି ଏହା ପୁରୁଣା ଭିଡିଓ । ପଲକ ଓ ସ୍ମୃତିଙ୍କ ବାପାଙ୍କ ଭିଡିଓ ପୁରୁଣା କି ନୂଆ ତାହା ପ୍ରକୃତରେ ନିଶ୍ଚିତ ହୋଇନାହିଁ । କିନ୍ତୁ ଏହା ନିଶ୍ଚିତ ଭାବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଜଣେ ୟୁଜର ସ୍ମୃତିଙ୍କୁ କହିଥିଲେ । ପଲାସ ଆଉ ଏକ ସୁଯୋଗ ଦେବାକୁ ଧନ୍ୟବାଦ । ଆଉ ଜଣେ ଲେଖିଛନ୍ତି ଏହାର ଅର୍ଥ ହେଉଛି ସେମାନେ ଏବେ ବିବାହ କରିବେ । ଯେଉଁମାନେ ପଲାସଙ୍କୁ ପସନ୍ଦ କରୁନଥିଲେ । ସେମାନେ ସ୍ମୃତିଙ୍କୁ ଏହି ଭୁଲ ପୁନରାବୃତ୍ତି ନକରିବାକୁ ଅନୁରୋଧ କରିନଥିଲେ ।

## ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ମହିଳା ବର୍ଗରେ ସିଏଜି ଦଳଗତ ଚାମ୍ପିଅନ

ଭୁବନେଶ୍ୱର,୮।୪(ସବ୍ୟୁ): ରାଜ୍ୟର ପ୍ରତିଷ୍ଠିତ କମ୍ପାନୀ ନାଲ୍‌କୋ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ସର୍ବଭାରତୀୟ ପବ୍ଲିକ ସେକ୍ଟର ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ମହିଳା ଦଳଗତରେ ସିଏଜି ଚାମ୍ପିଅନ ହୋଇଛି । ପୁରୁଷ ଦଳଗତ ସେମିଫାଇନାଲରେ ସିଏଜି - ୩-୦ ଗେମରେ ଆରବିଆଇକୁ ଧରାଶାୟୀ କରିଥିଲା । ସିଏଜିର ଯସ ଯୋଗୀ, ରବି ସିଙ୍ଗଲ୍ସରେ ବିଜୟଲାଭ କରିଥିବା ବେଳେ ଡବଲ୍ସରେ ଧ୍ରୁବ ରାୱତ ଓ ତନ୍ମୟ ବିକାଶ ବରୁଆ ବିଜୟଲାଭ କରି ଦଳକୁ ୩-୦ରେ ଜିତାଇଥିଲେ । ତେଣୁ ପ୍ରଥମ ଦଳ ଭାବେ ସିଏଜି ପୁରୁଷ ଦଳଗତ ଫାଇନାଲରେ ପ୍ରବେଶ କରିଛି । ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଏଏଆଇ ୩-୦ରେ ଅଏଲ ଇଣ୍ଡିଆକୁ ପରାଜିତ କରିଥିଲା । ମୈସ୍ନମ ମୈରାବା ଲୁଆଙ୍ଗ, ଲକ୍ଷ୍ୟ ଶର୍ମା ସିଙ୍ଗଲ୍ସରେ ବିଜୟଲାଭ କରିଥିବା ବେଳେ ଡବଲ୍ସରେ




ଭାର୍ଗବ ରାମ ଓ ଗୁବୁରୁ ବିଶ୍ୱତେଜ୍ ଜିତିଥିଲେ । ଏଦୃଷ୍ଟିରୁ ଆଉ ଦୁଇଟି ମ୍ୟାଚ ହୋଇନଥିଲା । ଏଏଆଇ ବିଜୟଲାଭ କରି ଫାଇନାଲରେ ସିଏଜିକୁ ଭେଟିବ ।

ମହିଳା ବର୍ଗର ପ୍ରଥମ ସେମିଫାଇନାଲରେ ଏଏଆଇ ୨-୦ରେ କୋଲଇଣ୍ଡିଆକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ସିଏଜି ୨-୦ରେ ଏଲଆଇସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ସିଏଜି ୨-୧ ବ୍ୟବଧାନରେ ଏଏଆଇକୁ ପରାଜିତ କରି ଦଳଗତ ଚାମ୍ପିଅନ ହୋଇଛି । ସିଙ୍ଗଲ୍ସରେ ସିଏଜିର ଆମୋଲିକା ସିଂ ଏବଂ ଡବଲ୍ସରେ ଦୀପଶିଖା ସିଂ ଓ ଆର ଅରୁଲ ବାଲା ବିଜୟଲାଭ କରିବା ସହ ସିଏଜି ଚାମ୍ପିଅନ ହୋଇଥିଲା ।

## କାଶୀପୁରରେ ଭଲିବଲ ଟୁର୍ଣ୍ଣାମେଣ୍ଟ: "ପାନ୍ଥର ସ୍କ୍ୱାର୍ଡ' ଚାମ୍ପିଅନ

ନିରାକାରପୁର,୮।୪(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ଗ୍ରାମଠାରେ ଏକ ବୃହତ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ପାନ୍ଥର ସ୍କଓ୍ୱାଡ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି ।ଟୁର୍ଣ୍ଣାମେଣ୍ଟର ଚିତ୍ତାକର୍ଷକ ଫାଇନାଲ ମ୍ୟାଚ ପାନ୍ଥର ସ୍କଓ୍ୱାଡ ଏବଂ ବଡ଼ପାଟଣା ତ୍ରିଶୂଳ ଷ୍ଟ୍ରାଇକର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲେ ହେଁ ଶେଷରେ ପାନ୍ଥର ସ୍କଓ୍ୱାଡ ବିଜୟୀ ହୋଇ ଚମ୍ପିଅନ ଟ୍ରଫି ହାତେଇଥିଲା । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଦ୍ୟୁଭୂଷଣ ମହାରଣା, ସଂଯୁକ୍ତା ମିଶ୍ର ଏବଂ ନକୁଳ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । ଖେଳକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରେଫରି ଭାବେ ପ୍ରମୋଦ କୁମାର ଦାସ ଏବଂ ବିଭୁ ଛୋଟରାୟ ଦାୟିତ୍ୱ ତୁଲାଇଥିଲେ ।ଆୟୋଜକ କମିଟିର ସଦସ୍ୟ ରାକେଶ ପରିଡ଼ା, ଆଲୋକ ପଲାଇ ଏବଂ ରଞ୍ଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତ%ାବଧାନରେ ସମଗ୍ର ଟୁର୍ଣ୍ଣାମେଣ୍ଟଟି ସଫଳତାର ସହ ସମ୍ପନ୍ନ ହୋଇଛି । ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ଭିଡ଼ ଏହି ଖେଳର ମଜାକୁ ଦ୍ୱିଗୁଣିତ କରିଥିଲା ।

## ବିଶ୍ୱ ସ୍କୁଲ ଚେସ ଚାମ୍ପିଅନସିପ

# ଭାରତୀୟ ବାଳିକା ଦଳର ଜୟଯାତ୍ରା

ଭୁବନେଶ୍ୱର,୮।୪(ସବ୍ୟୁ): କାଜାଖସ୍ତାନର ଅଲମାଟିରେ ଚାଲିଥିବା ୧୪ ବର୍ଷରୁ କମ୍ ବିଶ୍ୱ ସ୍କୁଲ ଟିମ୍ ଚେସ ଚାମ୍ପିଅନସିପରେ ଭାରତୀୟ ଦଳର ଜୟଯାତ୍ରା ଜାରି ରହିଛି । ତୃତୀୟ ରାଉଣ୍ଡ ମୁକାବିଲାରେ ଭାରତୀୟ ଦଳ ୩-୧ ବ୍ୟବଧାନରେ ସିଙ୍ଗାପୁରକୁ ପରାଜିତ କରିଥିଲା । କିସ୍‌ର ୪ ଜଣ ଆଦିବାସୀ ଝିଅ ଭାରତୀୟ ଦଳରେ ସାମିଲ ଅଛନ୍ତି । ସେମାନେ କଳାନୈପୁଣ୍ୟ ପ୍ରଦର୍ଶନ କରି ବିଜୟୀ କରିଛନ୍ତି । ମୋହିନୀ ନାୟକ, ମୋନାଲିସା ଭୋଇ, ଶ୍ରେୟା ନାୟକ ଓ ହୁମେସୋରୀ ମଲ୍ଲିକ ଭଲ ଖେଳ ଦେଖାଇ ସାରା ଦେଶ ପାଇଁ ତଥା କିଟ୍ ଓ କିସ୍ ପାଇଁ ଗୌରବ ଆଣିଛନ୍ତି । ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

# ଦିଲ୍ଲୀ ବିପକ୍ଷ ମ୍ୟାଚ ଖେଳିନପାରନ୍ତି ଧୋନୀ




ଚେନ୍ନାଇ,୮।୪(ଏଜେନ୍ସି): ଗତ ସଂସ୍କରଣର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏଥର ମଧ ଆଇପିଏଲରେ କ୍ରମାଗତ ୩ଟି ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ପରାଜିତ ହୋଇଛି । ଚେନ୍ନାଇର ପ୍ରଶଂସକ ଧୋନୀ ଦଳକୁ ଫେରିଲେ ତାହା ସବୁକିଛି ଠିକ୍ ହୋଇଯିବ ବୋଲି ଆଶା ବାନ୍ଧିଛନ୍ତି । ଧୋନୀ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ମଧ ଖେଳିନପାରନ୍ତି । ଧୋନୀ ଏବେ ବି ତାଙ୍କ ଆଘାତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳିପାରିନାହାନ୍ତି । ସମ୍ପୂର୍ଣ୍ଣ ଫିଟ ହେବା ପାଇଁ ଏକ ସପ୍ତାହ ସମୟ ଲାଗିବ । ଏପ୍ରିଲ ୧୧ରେ ଚେନ୍ନାଇ ତାର ପରବର୍ତ୍ତୀ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ । ଏହି ମ୍ୟାଚ ଚିପରେ ଖେଳାଯିବ । ଏପ୍ରିଲ ୧୪ରେ କୋଲକାତା ନାଇଟ୍ ରାଇଡର୍ସକୁ ଭେଟିବ । ଦିଲ୍ଲୀ ଓ କୋଲକାତା ବିପକ୍ଷରେ ଧୋନୀ ଖେଳିବା ସମ୍ଭବାନ କମ୍ ରହିଛି । ଧୋନୀଙ୍କ ବ୍ୟତୀତ ଦଳର ବିସ୍ଫୋରକ ଦଳ ବ୍ୟାଟର ବ୍ରେଭିସ ମଧ୍ୟ ୩ଟି ମ୍ୟାଚ ଖେଳିନାହାନ୍ତି । ଦିଲ୍ଲୀ ବିପକ୍ଷରେ ବ୍ରେଭିସ ଦଳକୁ ଫେରିବା ସମ୍ଭାବନା

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ହ୍ୱାଟସଆପ୍ କିମ୍ବା ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।

# ମେ ୫ ରୁ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଚେସ ଚାମ୍ପିଅନସିପ

ଭୁବନେଶ୍ୱର,୮।୪(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟ ରେ ଏବଂ ଅଲ୍ ଓଡ଼ିଶା ଚେସ ଆସୋସିଏସନ୍ ର ସହଯୋଗ ରେ ପ୍ରଥମ ଥର ପାଇଁ ଓଡ଼ିଶାର ଲୋକ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନ ଙ୍କ ସ୍ମୃତି ରେ "୧ମ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଓଡ଼ିଶା ରାଜ୍ୟ ୟୁ-୭ ଚେସ ଚାମ୍ପିଅନସିପ- ୨୦୨୬, ଆସନ୍ତା ମଇ ମାସ ୫ ତାରିଖ ରୁ ୭ ତାରିଖ ତିନି ଦିନ ବ୍ୟାପୀ ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଠାରେ ଆୟୋଜିତ ହେବାକୁ ଯାଉଛି । ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ର ସବୁ ଜିଲ୍ଲା ର ମହିଳା ଓ ପୁରୁଷ ବର୍ଗ ର ଖେଳାଳି ଭାଗ ନେଇ ପାରିବେ । ଏଠାରୁ ଚୟନ ହୋଇ ଥିବା ଉଭୟ ବର୍ଗ ର ଶ୍ରେଷ୍ଠ ୪ ଜଣ ଖେଳାଳି ସର୍ବ ଭାରତୀୟ ସ୍ତରରେ ମହାରାଷ୍ଟ୍ର ରାଜ୍ୟ ରେ ହେବାକୁ ଥିବା ୟୁ-୭ ଚେସ ପ୍ରତିଯୋଗିତା ରେ ଓଡ଼ିଶା ରୁ ପ୍ରତିନିଧିତ୍ୱ କରିବେ । ଏହି ପରିପ୍ରେକ୍ଷୀରେ ଗତ କାଲି ପୂର୍ବାହ୍ନ ରେ ଟୁର୍ଣ୍ଣାମେଣ୍ଟର ବିଜ୍ଞପ୍ତି, ଡ.ଦେବେନ୍ଦ୍ର ପ୍ରଧାନ ସ୍ମୃତି କମିଟି ର ସଭାପତି ତଥା ଓଡ଼ିଶା ବିଜେପି ର ବରିଷ୍ଠ ନେତା



ଶ୍ରୀଯୁକ୍ତ ସମୀର ମହାନ୍ତି ଙ୍କ କରକମଳ ରେ ଉନ୍ମୋଚନ ହୋଇଯାଇଛି । ଏହି ଅବସରରେ ଅଲ ଓଡ଼ିଶା ଚେସ ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ଆସୋସିଏସନ୍ ର ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଆୟୋଜନ ସମିତି ର ସଂଯୋଜକ ଲଲାଟ କେଶରୀ ସାମଲ , ବରିଷ୍ଠ ଓକିଲ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ । ସୂଚନା ଥାଉକି ଉକ୍ତ ମ୍ୟାଚ୍ ଟି ଜାତୀୟ ଚୟନ ମ୍ୟାଚ୍ ଥିବାରୁ, ଏହାର ଗୁରୁତ୍ୱ କୁ ଦୃଷ୍ଟି ରେ ରଖି ଖେଳାଳି ମାନେ ୩ ତାରିଖ ରାତ୍ର ୮ ଘଟିକା ମଧ୍ୟରେ ସେମାନଙ୍କର ନାମ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ର ସମ୍ପାଦକ ଶୁଭାଶିଷ ପଟ୍ଟନାୟକ (୯୮୬୭୩-୯୧୨୫୮) ଏବଂ ଅଲ ଓଡ଼ିଶା ଚେସ ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ( ୯୯୩୭୮-୮୬୩୭୨)ଙ୍କୁ ଫୋନ ମାଧ୍ୟମ ରେ ଯୋଗା ଯୋଗ କରିପାରିବେ । ୭ ରାଉଣ୍ଡ ବିଶିଷ୍ଟ ଏହି ୩ ଦିନିଆ ମ୍ୟାଚ୍ ରେ ନାମ ପଞ୍ଜିକରଣ କରିବା ପାଇଁ ଖେଳାଳି ମାନଙ୍କୁ ୬୦୦ ଟଙ୍କା ପ୍ରବେଶିକା ଶୁଳ୍କ ଦେବାକୁ ପଡିବ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୦,୦୦୦ ଟଙ୍କା ନଗଦ ପୁରସ୍କାର ରାଶି ( ଉଭୟ ବର୍ଗ ପାଇଁ) ସହ ୨୬ ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଏହି ଟୁର୍ଣ୍ଣାମେଣ୍ଟ କୁ ସମ୍ପୂର୍ଣ୍ଣ ନିରପେକ୍ଷ ଏବଂ ପ୍ରଭାବୀ କରିବା ପାଇଁ ଅଲ ଓଡିଶା ଚେସ ଆସୋସିଏସନ୍ ର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ତଥା ଭାରପ୍ରାପ୍ତ ସମ୍ପାଦକ ଭବେଶ ମହାନ୍ତି ଆଶାବ୍ୟକ୍ତ କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଚେସ ଆସୋସିଏସନ୍ ର ସଭାପତି ଶକ୍ତି ରଞ୍ଜନ ମହାନ୍ତି ଏହି ପ୍ରତିଯୋଗୀତା ରେ ଅଧିକ ରୁ ଅଧିକ ଖେଳାଳି ଭାଗ ନେବା ପାଇଁ ଅନୁରୋଧ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟ ରେ ଆୟୋଜନ ସମିତି ର ସଭ୍ୟ ସ୍ୱୋଙ୍କସୁ ସତ୍ୟକାମ,ଡ.ସୁଶାନ୍ତ ଷଡ଼ଙ୍ଗୀ, ଡ.ଚନ୍ଦ୍ର ଶେଖର ମିଶ୍ର, ଦୀପକ ପାତ୍ର , ରାଜେନ୍ଦ୍ର କୁମାର ସାହୁ ଏବଂ ଶୁଭବ୍ରତ ମିତ୍ର ପ୍ରମୁଖ ବିଭିନ୍ନ ବିଭାଗର ଦାୟିତ୍ୱ ନେଇଛନ୍ତି । ଏହି ୩ ଦିନ ବ୍ୟାପୀ ହେବାକୁ ଥିବା ମ୍ୟାଚ୍ ରେ ଅଧିକ ସଂଖ୍ୟାରେ ଖେଳାଳି ମାନେ ଯୋଗ ଦେବା ଓ ପ୍ରତିଯୋଗୀତାର ସଫଳତା ସହ ସମାପନ ହେବାର ଆଶାବ୍ୟକ୍ତ କରି ଆୟୋଜନ ସମିତି ର ସଂଯୋଜକ ଲଲାଟ କେଶରୀ ସାମଲ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି